# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, July 24/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 239 | ମୂଲ୍ୟ ₹୭/-




**ଜୟସ୍ୱାଲଙ୍କ ଅର୍ଦ୍ଧଶତକ**

ମାଞ୍ଚେଷ୍ଟରଠାରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ଯଶସ୍ୱୀ ଜୟସ୍ୱାଲ। **୧୪**

**୧୩** **ଭାଗ୍ୟକୁ ଦୋଷ ଦେଲେ ଅନନ୍ୟା**

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ତାଙ୍କର ବଲିଉଡ୍ ଅବସ୍ଥାକୁ ଦେଖି ନିଜ ଭାଗ୍ୟକୁ ହିଁ ଦୋଷ ଦେଉଛନ୍ତି।






(ଫଟୋ –ମନୋରଞ୍ଜନ ମିଶ୍ର)

ଛାତ୍ରୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ଶିକ୍ଷାନୁଷ୍ଠାନ ନିକଟରେ ମାଦକ ଦ୍ରବ୍ୟ ବିକ୍ରି ବନ୍ଦ କରିବା ଆଦି ବିଭିନ୍ନ ପ୍ରସଙ୍ଗରେ ଏଆଇଡିଏସ୍ଓ ପକ୍ଷରୁ ବୁଧବାର ଭୁବନେଶ୍ୱରରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରା।

# ଓଡ଼ିଶାର ୨୮% ଶିଶୁ ଶାରୀରିକ ଅବିକଶିତ

**ଓଡ଼ିଶାର ୬ ବର୍ଷରୁ କମ୍ ପ୍ରାୟ ୨୮ ପ୍ରତିଶତ ଶିଶୁ ଅବିକଶିତ ବା ଶାରୀରିକ ଭାବେ ଦୁର୍ବଳ ହୋଇଥିବାବେଳେ ୧୨ ପ୍ରତିଶତ କୁପୋଷଣର ଶିକାର। ସେହିପରି ଶୂନରୁ ୫ ବର୍ଷ ବୟସ ମଧ୍ୟରେ ୩.୨୧ ପ୍ରତିଶତ ପିଲା ଉଚ୍ଚତା ତୁଳନାରେ ପତଳା ହୋଇଥିବାବେଳେ ୧୧.୬୩ ପ୍ରତିଶତଙ୍କ ଓଜନ ବହୁତ କମ୍ ବୋଲି କେନ୍ଦ୍ର ସରକାରଙ୍କ ଜୁନ୍ ମାସର ପୋଷଣ ଟ୍ରାକର ତଥ୍ୟରୁ ଜଣାପଡ଼ିଛି, ଯାହାକି ଦୀର୍ଘକାଳୀନ କୁପୋଷଣକୁ ସୂଚିତ କରୁଛି। ତେବେ ରାଜ୍ୟ ତୁଳନାରେ ସାରା ଦେଶର ସ୍ଥିତି ଅଧିକ ଚିନ୍ତାଜନକ ରହିଛି। ଏ କ୍ଷେତ୍ରରେ ସମଗ୍ର ଦେଶର ସ୍ଥିତିକୁ ଦେଖିଲେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନାମ ଲେଖାଇଥିବା ୫ ବର୍ଷରୁ କମ୍ ପିଲାଙ୍କ ମଧ୍ୟରୁ ୩୮.୯% ଶାରୀରିକ ଭାବେ ଦୁର୍ବଳ ଏବଂ ୧୭% କୁପୋଷଣର ଶିକାର। ୫.୨% ପିଲା ଉଚ୍ଚତା ତୁଳନାରେ ପତଳା।**

- **୧୨% କୁପୋଷଣର ଶିକାର**
- **ପୋଷଣ ଟ୍ରାକର ତଥ୍ୟ**

**ନୂଆଦିଲ୍ଲୀ,୨୩।୭**

ପୋଷଣ ଟ୍ରାକର ହେଉଛି ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏକ ମୋବାଇଲ ଭିତ୍ତିକ ଆପ୍ଲିକେଶନ। ଏଥିରେ ବ୍ୟବହୃତ ପ୍ରଯୁକ୍ତି ପିଲାମାନଙ୍କ ମଧ୍ୟରେ ଶାରୀରିକ ଦୁର୍ବଳ, କୁପୋଷଣ ଏବଂ କମ୍ ଓଜନ ପିଲାଙ୍କୁ ଚିହ୍ନଟ କରିଥାଏ। ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଏବଂ କୁମାରୀମାନେ ଏହାର ହିତାଧିକାରୀ। ସୁପରଭାଇଜର, ସିଡିପିଓ ଏବଂ ଡିପିଓଙ୍କ ଜରିଆରେ ହିତାଧିକାରୀମାନଙ୍କ ବିକାଶର ପର୍ଯ୍ୟବେକ୍ଷଣ କରାଯିବା ସହ ମାସିକ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ପୋଷଣ ଟ୍ରାକରରୁ ଉପଲବ୍ଧ କମ୍ ଓଜନ ଓ ଅତି ଦୁର୍ବଳ ପିଲାମାନଙ୍କ ସ୍ତର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ, ୨୦୧୯-୨୦ (ଏନ୍‌ଏଫ୍‌ଏଚ୍‌ଏସ୍‌୫)ରେ ପୂର୍ବାନୁମାନ କରାଯାଇଥିବା ସ୍ତରଠାରୁ ଯଥେଷ୍ଟ କମ୍।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ର ଶିଶୁ ଅଭିବୃଦ୍ଧି ମାନକ ଅନୁଯାୟୀ, ବିକାଶ ନ ହେବା ଦ୍ୱାରା ପିଲାର ଶାରୀରିକ ଏବଂ ମାନସିକ କ୍ଷତି ଘଟିଥାଏ। ଜଣେ ଅବିକଶିତ ଶିଶୁର ବୟସ ତୁଳନାରେ ଉଚ୍ଚତା କମ୍ ହୋଇଥାଏ, ଉପଯୁକ୍ତ ବିକାଶିତ ହୋଇ ନ ଥାଏ ଏବଂ ବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ସମୟ ବା ଶୈଶବାବସ୍ଥାରେ ଦୀର୍ଘସମୟ କୁପୋଷଣରେ ରହିଥାଏ ବୋଲି ଶିଶୁରୋଗ ବିଶେଷଜ୍ଞମାନେ କହିଛନ୍ତି। ଅଣ୍ଡରୱେଟ୍ ଶିଶୁମାନଙ୍କ ଉଚ୍ଚତା ତୁଳନାରେ ଓଜନ ବହୁତ କମ୍ ହୋଇଥାଏ। ମୁଖ୍ୟତଃ କୁପୋଷଣ ଏବଂ ଅସ୍ୱାସ୍ଥ୍ୟକର ସ୍ଥିତି ପାଇଁ ୫ ବର୍ଷରୁ କମ୍ ବୟସର ପିଲାଙ୍କଠାରେ ଏହା ଦେଖାଦେଇଥାଏ।

# ରାଜ୍ୟର ସବୁ ବିଦ୍ୟାଳୟରେ ଲାଗିବ ସିସିଟିଭି

**ଭୁବନେଶ୍ୱର,୨୩।୭ (ସୁଚିସ୍ମିତା ସାହୁ)**

ସମ୍ପ୍ରତି ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ନିକଟରେ ବାଲେଶ୍ୱରର ଏଫ୍.ଏମ୍. କଲେଜ ପରିସରରେ ଜଣେ ଛାତ୍ରୀ ଯୌନ ନିର୍ଯାତନା ପ୍ରତିବାଦରେ ଆତ୍ମାହୁତି ଦେବା ଘଟଣା ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ସରକାର ଛାତ୍ରୀମାନଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଛାତ୍ରୀଙ୍କ ସୁରକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ ଇଣ୍ଟରନାଲ କମ୍ପ୍ଲେନ କମିଟି (ଆଇସିସି) ଗଠନ କରାଯିବା ସହ ଛାତ୍ରୀଛାତ୍ରଙ୍କ ପାଇଁ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ବିଦ୍ୟାଳୟ ପରିସରରେ ପିଲାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ଗତ ୨୧ ତାରିଖରେ ସିବିଏସ୍ଇ ସବୁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଲିପିର କ୍ରମବିକାଶ**

# ବିଜେଡିକୁ ଅକଳରେ ପକାଇଲା କଂଗ୍ରେସ

## ଅନାସ୍ଥା ଆଣ ନ ହେଲେ ସହଯୋଗ କର: ଭକ୍ତ

**ଭୁବନେଶ୍ୱର,୨୩।୭ (ରବିନାରାୟଣ ଜେନା, ସୁନିତ୍ ମିଶ୍ର)**

ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଥିବା ନାରୀ ନିର୍ଯାତନା ଘଟଣାକୁ ନେଇ କଂଗ୍ରେସ ଏବେ ସମ୍ମୁଖ ଯୁଦ୍ଧକୁ ବାହାରିଛି। ଗୋଟିଏ ଗୁଳିରେ ଦୁଇଟି ଶିକାର ନ୍ୟାୟରେ ରାଜ୍ୟ ସରକାରଙ୍କ ସହିତ ପ୍ରମୁଖ ବିରୋଧୀ ବିଜେଡିକୁ ଟାର୍ଗେଟ କରିଛି। ବାଲେଶ୍ୱର ଫକୀର ମୋହନ ଛାତ୍ରୀଙ୍କ ଆତ୍ମାହୁତି ଏବଂ ପୁରୀ ଜିଲା ବଲଙ୍ଗାରେ ଛାତ୍ରୀଙ୍କୁ ପୋଡ଼ି ମାରିବା ଘଟଣାକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟକୁ କଂଗ୍ରେସ ପ୍ରସଙ୍ଗ କରିଛି। ଗୋଟିଏପଟେ ମା'କୁ ସମ୍ମାନର ନାରା ଦେଉଥିବା ବିଜେଡିକୁ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଆହ୍ୱାନ ଦେଇଥିବାବେଳେ ଅନ୍ୟପକ୍ଷରେ କଂଗ୍ରେସ ଛାତ୍ରନେତା ଉଦିତ ପ୍ରଧାନଙ୍କ ଗିରଫଦାରିରୁ ଦଳକୁ ଯେଉଁ କ୍ଷତି ପହଞ୍ଚିଛି, ସେଥିରୁ ମୁକୁଳିବା ପାଇଁ ରଣନୀତି ଚଳାଇଛି। ଭକ୍ତଙ୍କ ଅନାସ୍ଥା ପ୍ରସଙ୍ଗ ଉପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖି ନ ଥିବାବେଳେ ସରକାରଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର କଡ଼ା ଜବାବ ରଖିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଦିବାସ୍ୱପ୍ନ ଦେଖୁଛି। କଂଗ୍ରେସର ଏଭଳି ଅତର୍କିତ ଆକ୍ରମଣକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ ହୋଇ ଉଠିଛି।

ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବିଜେଡି ମା'କୁ ସମ୍ମାନର କଥା କହିଆସୁଥିଲା। ହେଲେ ଏବେ ରାଜ୍ୟରେ ପ୍ରତିଦିନ କେଉଁଠି ନା କେଉଁଠି ସଂଖ୍ୟାଧିକ ନାରୀ ନିର୍ଯାତିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆମେରିକା ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଆଡଭାଇଜରିରେ ନାରୀମାନଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ ସ୍ଥାନ ବୋଲି କୁହାଯାଇ ସାରିଛି। ସେତେବେଳେ ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ହୋଇଥିବାବେଳେ ଏବେ ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ଏବଂ ବଲଙ୍ଗାରେ ଛାତ୍ରୀଙ୍କୁ ପୋଡ଼ିବା ଭଳି ଘଟଣାକୁ ନେଇ ସୁପ୍ରିମକୋର୍ଟ ନିଜକୁ ଲଜ୍ଜା ଅନୁଭବ ହେଉଛି ବୋଲି ତାଙ୍କ ମନ୍ତବ୍ୟରେ କହିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କର ଆଉ ତିଳେ ହେଲେ ବି କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି ଭକ୍ତ କହିଛନ୍ତି। ସେ କହିଛନ୍ତି ଯେ, ସରକାର ନିଜଆଡୁ ଇସ୍ତଫା ଦିଅନ୍ତୁ, ନଚେତ୍ ଆମେ ବାହାର କରିଦେବୁ। ମହିଳାଙ୍କ ସୁରକ୍ଷା କଥା କହୁଥିବା ବିଜେଡି ଏବେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ(ନୋ-କନ୍‌ଫିଡେନ୍ସ ମୋଶନ) ଆଣୁ ଆମେ ସମର୍ଥନ ଦେବୁ, ନଚେତ୍ କଂଗ୍ରେସ ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିବ, ତାକୁ ବିଜେଡି ସମର୍ଥନ ଦେଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ୧୩ ମାସ ଧରି ନାରୀକୁ ନ୍ୟାୟ ଦେବା ଲାଗି କଂଗ୍ରେସ ପକ୍ଷରୁ ଯେଉଁ ରଣକୌଶଳ ଆରମ୍ଭ ହୋଇଥିଲା ତାହା ଏବେ ନିର୍ଣ୍ଣାୟକ ମୋଡ଼ ନେଇଛି। ବୁଧବାର ଭକ୍ତଙ୍କ ଏହି ରାଜନୈତିକ ଫାଶ କେବଳ ଯେ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ସୃଷ୍ଟି କରିବ ତାହା ନୁହେଁ, ବିଜେଡି ଲାଗି ଅଧିକ ଆହ୍ୱାନ ରହିବ ଏବଂ ନିଜ ଦଳକୁ ସୁରକ୍ଷିତ ରଖିବ ବୋଲି ରାଜନୈତିକ ☞ପୃଷ୍ଠା–୪






# ବଜ୍ରପାତରୁ ନଷ୍ଟ ହେଉଛି ବାର୍ଷିକ ୩୨ କୋଟି ଗଛ

**ମ୍ୟୁନିଚ୍, ୨୩।୭**

ବଜ୍ରପାତ ଯୋଗୁ ସାରା ବିଶ୍ୱରେ ପ୍ରତିବର୍ଷ ୩୨ କୋଟି ଗଛ ନଷ୍ଟ ହେଉଛି। ଜର୍ମାନୀର ଟେକ୍ନିକାଲ ୟୁନିଭର୍ସିଟି ଅଫ୍ ମ୍ୟୁନିଚ୍‌ର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ବଜ୍ରପାତ ଯୋଗୁ ଗଛ ନଷ୍ଟ ହେବା କାରଣରୁ ବାର୍ଷିକ ୦.୭୭ରୁ ୧.୦୯ ବିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗତ ହେଉଛି। ସେହିପରି ଜଙ୍ଗଲ ନିଆଁରେ ଗଛ ପୋଡ଼ି ହୋଇ ନଷ୍ଟ ହେବା ଯୋଗୁ ବାର୍ଷିକ ୧.୨୬ ବିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗତ ହେଉଥିବା ଏହି ଅଧ୍ୟୟନରେ କୁହାଯାଇଛି।



ଗ୍ଲୋବାଲ ଚେଞ୍ଜ ବାୟୋଲୋଜି ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ରିପୋର୍ଟରେ ବଜ୍ରପାତ ପ୍ରଭାବରେ ହେଉଥିବା ଜଙ୍ଗଲ ନିଆଁ ଘଟଣାରେ ନଷ୍ଟ ହେଉଥିବା ଗଛଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ରିପୋର୍ଟ ଅନୁଯାୟୀ, ପୃଥିବୀ ଉଷ୍ମ ହେବା ସହ ବଜ୍ରପାତ ଘଟଣା ସାଧାରଣ ହେବାରେ ଲାଗିଛି ଏବଂ ଆଗାମୀ ଦିନରେ ବଜ୍ରପାତ ସଂଖ୍ୟାରେ ଆହୁରି ବୃଦ୍ଧି ଘଟିବ। ବଜ୍ରପାତରେ ଗଛ ନଷ୍ଟ ହେଉଥିବା ପ୍ରସଙ୍ଗ ଉପରେ ସମ୍ପ୍ରତି ଅଧିକ ଧ୍ୟାନକେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି ବୋଲି ଏହି ଅଧ୍ୟୟନର ମୁଖ୍ୟ ଗବେଷକ ଆଣ୍ଡ୍ରିଆସ୍ କ୍ରସ୍ କହିଛନ୍ତି। ସମ୍ପ୍ରତି ବଜ୍ରପାତଜନିତ ଗଛ ନଷ୍ଟ ହାର ଉଷ୍ମମଣ୍ଡଳୀୟ ଅଞ୍ଚଳରେ ସର୍ବାଧିକ ରହିଛି। ବଜ୍ରପାତର ପରିବେଶଗତ ପ୍ରଭାବକୁ ବୈଶ୍ୱିକ ସ୍ତରରେ ଅଣଦେଖା କରାଯାଇ ଆସୁଛି ବୋଲି ଉକ୍ତ ଅଧ୍ୟୟନରେ ଗବେଷକମାନେ କହିଛନ୍ତି। ବିଶ୍ୱବ୍ୟାପୀ ବିଭିନ୍ନ ଜଙ୍ଗଲରେ ବଜ୍ରପାତର ପ୍ରଭାବ ଉପରେ ଅଧିକ ଅଧ୍ୟୟନ ଏବଂ ଗବେଷଣାର ଆବଶ୍ୟକତା ରହିଛି। ବୈଶ୍ୱିକ ସ୍ତରରେ ବଜ୍ରପାତଜନିତ ଗଛ ନଷ୍ଟ ହାର ଏବଂ ଏହାର ପରିବେଶଗତ ପ୍ରଭାବ ଉପରେ ଏହା ହେଉଛି ପ୍ରଥମ ଅଧ୍ୟୟନ। ଆଗାମୀ ଦିନରେ ଏ ଦିଗରେ ଅଧିକ ଗବେଷଣାର ଆବଶ୍ୟକତା ରହିଥିବା ଆଣ୍ଡ୍ରିଆସ୍ କହିଛନ୍ତି।

# ୨୮ରୁ ଅପରେଶନ ସିନ୍ଦୂର ଉପରେ ବିତର୍କ

## ତୃତୀୟ ଦିନ ପାଇଁ ପାର୍ଲାମେଣ୍ଟ ଅଚଳ

ନୂଆଦିଲ୍ଲୀ,୨୩।୭

ଅପରେଶନ ସିନ୍ଦୂର ଉପରେ ପାର୍ଲାମେଣ୍ଟରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ଅଡ଼ିବସିଥିବାବେଳେ ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ ଜବାବ ରଖନ୍ତୁ ବୋଲି ଦାବି କରିଥିଲେ। ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ଆସନ୍ତା ୨୮ ତାରିଖରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେଶନ ସିନ୍ଦୂର ଉପରେ ପାର୍ଲାମେଣ୍ଟର ଉଭୟ ସଦନରେ ୧୬ ଘଣ୍ଟା ଲେଖାଏ ବିତର୍କ ପାଇଁ ରାଜି ହୋଇଛନ୍ତି। ଲୋକ ସଭାରେ ୧୬ ଘଣ୍ଟା ଆଲୋଚନା ପାଇଁ ଗତ ୨୧ରେ ଅନୁଷ୍ଠିତ ବିଜ୍‌ନେସ୍ ଆଡଭାଇଜରି କମିଟି ବୈଠକରେ ସରକାର ନିଷ୍ପତ୍ତି ନେଇଥିଲେ। ବୁଧବାର ରାଜ୍ୟ ସଭା ଆଡଭାଇଜରି କମିଟିରେ ମଧ୍ୟ ଅନୁରୂପ ନିଷ୍ପତ୍ତି ନିଆଯାଇଛି। ଯଦି କୌଣସି ବିଶୃଙ୍ଖଳା ନ ହୁଏ, ତେବେ ଲୋକ ସଭାରେ ୨୮ରୁ ଏବଂ ରାଜ୍ୟ ସଭାରେ ତା' ପରଦିନରୁ ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା ହେବ।

ପହଲଗାମ୍ ଆକ୍ରମଣ, ଅପରେଶନ ସିନ୍ଦୂର, ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି, ନିର୍ବାଚନ ହେବାକୁ ଥିବା ବିହାରରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ(ଏସ୍‌ଆଇଆର୍) ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ରଖିବା ଦାବିରେ ବିରୋଧୀ ଅଟଳ ରହିଥିବାରୁ ସୋମବାର ମୌସୁମୀ ଅଧିବେଶନ ଆରମ୍ଭ ଦିନରୁ ଉଭୟ ଗୃହରେ ଅଚଳାବସ୍ଥା ଲାଗିରହିଛି। ତେବେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ଜବାବ ରଖିବା ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି ଦିଆଯାଇ ନାହିଁ। ୪ଦିନିଆ ବିଦେଶ ଗସ୍ତ ସାରି ପ୍ରଧାନମନ୍ତ୍ରୀ ଫେରୁଥିବାରୁ ସେ ଆଲୋଚନା ସମୟରେ ଉପସ୍ଥିତ ରହିବା ଆଶା କରାଯାଉଛି।

ବୁଧବାର ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ବିହାର ଏସ୍‌ଆଇଆର୍ ଦାବିରେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପ୍ରଥମେ ପୂର୍ବାହ୍ନ ୧୧ଟାରେ ଗୃହ ମୁଲତବୀ ହୋଇଥିବାବେଳେ ମଧ୍ୟାହ୍ନ ସମୟରେ ଦ୍ୱିତୀୟ ମୁଲତବୀ ହୋଇଥିଲା। ଅପରାହ୍ନ ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ପୁନର୍ବାର ବିରୋଧ ଜାରି ରଖିବାରୁ ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ବିହାର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭା ବୁଧବାର ଅପରାହ୍ନ ୨ଟାରୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଫଳରେ ମୌସୁମୀ ଅଧିବେଶନ କ୍ରମାଗତ ୩ ଦିନ ହେଲା ଧୋଇଯାଇଛି। ପାର୍ଲାମେଣ୍ଟ ଅଧିବେଶନ ଚାଲିଥିବା ବେଳେ ପ୍ରତି ମିନିଟ୍ ପାଇଁ ୨.୫ ଲକ୍ଷ ଖର୍ଚ୍ଚ ହୋଇଥାଏ। ତଦନୁଯାୟୀ ଦେଖିଲେ ୩ ଦିନ ହେଲା ଉଭୟ ଗୃହରେ ଅଚଳାବସ୍ଥା ଲାଗି ରହିଥିବାରୁ ୨୩ କୋଟି ଟଙ୍କା ବରବାଦ ହେଲାଣି।



ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ବିହାର ଭୋଟର ତାଲିକା ସଂଶୋଧନକୁ ବିରୋଧ କରି ହଟଗୋଳ କରୁଛନ୍ତି।।




ବିହାର ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନକୁ ବିରୋଧ କରି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ, ଡିଏମ୍‌କେର କାନିମୋଝି ପ୍ରମୁଖ ଇଣ୍ଡିଆ ବ୍ଲକ ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ଜଷ୍ଟିସ୍ ବର୍ମାଙ୍କ ପିଟିଶନ ଶୁଣାଣି ପାଇଁ ଗ୍ରହଣ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୩।୭(ପି.ଟି.)

ସରକାରୀ ବାସଭବନ ପରିସରରୁ ବିପୁଳ ଟଙ୍କା ଜବତ ହେବା ଘଟଣାରେ ପାର୍ଲାମେଣ୍ଟରେ ମହାଭିଯୋଗର ସମ୍ମୁଖୀନ ହେବାକୁ ଯାଉଥିବା ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ଆବେଦନର ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟ ଖଣ୍ଡପୀଠ ଗଢ଼ିବେ ବୋଲି ବୁଧବାର କହିଛନ୍ତି। ଟଙ୍କା ଜବତ ଘଟଣାରେ ତତ୍କାଳୀନ ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ଦ୍ୱାରା ଗଠିତ ତଦନ୍ତ କମିଟି ରିପୋର୍ଟରେ ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ ବୋଲି ଦର୍ଶାଯାଇଥିଲା। ଉକ୍ତ ରିପୋର୍ଟକୁ ରଦ୍ଦ କରିବା ପାଇଁ ଜଷ୍ଟିସ୍ ବର୍ମା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏଥିସହିତ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆଣିବା ପାଇଁ ତତ୍କାଳୀନ ସିଜେଆଇ ସୁପାରିସ୍ କରିଥିବାବେଳେ ଏହାକୁ ରଦ୍ଦ କରିବା ନିମନ୍ତେ ମଧ୍ୟ ସେ ଆବେଦନ କରିଛନ୍ତି। ପ୍ରଧାନ ବିଚାରପତି ବି.ଆର୍. ଗଭାଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠରେ ପିଟିଶନ୍‌ର ଜରୁରୀ ଶୁଣାଣି ପାଇଁ ଏହାକୁ ତାଲିକାଭୁକ୍ତ କରାଯାଇଛି।

### ମିନ୍ତ୍ରା ବିରୋଧରେ ଇଡି ମାମଲା

ବେଙ୍ଗାଲୁରୁ, ୨୩।୭

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ବେଙ୍ଗାଲୁରୁସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ବୁଧବାର ଇ-କମର୍ସ ପ୍ଲାଟଫର୍ମ ମିନ୍ତ୍ରା ଏବଂ ଏହାସହ ସମ୍ବନ୍ଧିତ କମ୍ପାନୀ ଏବଂ ସେମାନଙ୍କର ନିର୍ଦ୍ଦେଶକଙ୍କ ବିରୋଧରେ ବିଦେଶୀ ମୁଦ୍ରା ପରିଚାଳନା ଆଇନ, ୧୯୯୯ (ଫେମା)ର ଧାରା ୧୬(୩) ଅନୁଯାୟୀ ମାମଲା ରୁଜୁ କରିଛି। ୧,୬୫୪ କୋଟି ଟଙ୍କାରୁ ଅଧିକ ଏଫ୍‌ଡିଆଇ ଉଲ୍ଲଂଘନ ଅଭିଯୋଗରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏକ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଏହି ମାମଲାର ତଦନ୍ତ ଆରମ୍ଭ କରାଯାଇଥିବା ଇଡି କହିଛି। ମିନ୍ତ୍ରା ଏବଂ ଏହାସହ ଜଡ଼ିତ କମ୍ପାନୀଗୁଡ଼ିକ ସମ୍ପ୍ରତି ବିଦ୍ୟମାନ ଏଫ୍‌ଡିଆଇ ନୀତିକୁ ଉଲ୍ଲଂଘନ କରିବା ସହ ହୋଲ୍‌ସେଲ କ୍ୟାଶ୍ ଆଣ୍ଡ୍ କ୍ୟାରି ଆଳରେ ମଲ୍ଟି ବ୍ରାଣ୍ଡ୍ ରିଟେଲ ଟ୍ରେଡ୍ କରୁଥିଲେ ବୋଲି କେନ୍ଦ୍ରୀୟ ଏଜେନ୍ସି ପ୍ରକାଶ କରିଛି।

### ବେଙ୍ଗାଲୁରୁ ବସ୍‌ଷ୍ଟାଣ୍ଡରେ ବିସ୍ଫୋରକ ସାମଗ୍ରୀ

ବେଙ୍ଗାଲୁରୁ, ୨୩।୭

ବେଙ୍ଗାଲୁରୁସ୍ଥିତ କାଲ୍‌ସିପାଲ୍ୟା ବିଏମ୍‌ଟିସି ବସ୍‌ଷ୍ଟାଣ୍ଡ୍ ପରିସର ଶୌଚାଳୟ ସମ୍ମୁଖରେ ଥିବା ପ୍ଲାଷ୍ଟିକ ବ୍ୟାଗରୁ ବୁଧବାର ୬ ଜିଲେଟିନ୍ ଷ୍ଟିକ୍ ଏବଂ କିଛି ଡେଟୋନେଟର ଜବତ ହୋଇଛି। ଘଟଣା ଜଣାପଡ଼ିବା ପରେ ବିଏମ୍‌ଟିସି ବସ୍‌ଷ୍ଟାଣ୍ଡରେ ଆତଙ୍କ ଖେଳିଯାଇଥିଲା। କାଲ୍‌ସିପାଲ୍ୟା ଥାନା ପୋଲିସ ଏବଂ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ ବସଷ୍ଟାଣ୍ଡରେ ପହଞ୍ଚି ବିସ୍ଫୋରକ ସାମଗ୍ରୀକୁ ଜବତ କରିବା ସହ ସମ୍ପୂର୍ଣ୍ଣ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ।

## ଶ୍ୱଶୁରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ମହିଳାଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୩।୭

ତାମିଲନାଡୁର ରାମନାଥପୁରମ୍ ଜିଲାରେ ଜଣେ ୩୨ ବର୍ଷୀୟା ମହିଳା ତାଙ୍କ ଶ୍ୱଶୁରଙ୍କ ନାଁରେ ଯୌନ ନିର୍ଯାତନା ଏବଂ ଶାଶୁଘର ଲୋକଙ୍କ ନାଁରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ରଞ୍ଜିତା ନାମ୍ନୀ ଉକ୍ତ ମହିଳାଙ୍କ ଶରୀରର ୭୦ ଭାଗ ପୋଡ଼ିଯାଇଥିବାବେଳେ ତାଙ୍କୁ ମଦୁରାଇର ରାଜାଜୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ପୂର୍ବରୁ ସେ ଦେଇଥିବା ବୟାନର ରେକର୍ଡ କରାଯାଇଛି। ଶ୍ୱଶୁର ମୋତେ କୁଣ୍ଢାଇବାରୁ ଏହା ସହ୍ୟ କରି ନ ପାରି ଆତ୍ମଦାହ କଲି ବୋଲି ସେ ଉକ୍ତ ଭିଡିଓରେ କହିଥିବା ଶୁଣାଯାଇଛି। ଅନ୍ୟ ଏକ ଭିଡିଓରେ ମହିଳାଙ୍କ ୭ମ ଶ୍ରେଣୀରେ ପଢୁଥିବା ପୁଅ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ନିର୍ଯାତନା କେବଳ ଶ୍ୱଶୁରଙ୍କ ଅସଦାଚରଣରେ ସୀମିତ ନୁହେଁ, ସ୍ୱାମୀ ଓ ଶାଶୁଘରର ଅନ୍ୟମାନେ ଯୌତୁକ ପାଇଁ ୧୩ ବର୍ଷ ହେଲା ଅତ୍ୟାଚାର କରିଆସୁଥିଲେ ବୋଲି ମହିଳାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି।

## ବ୍ରିଟିଶ୍ ସଙ୍ଗୀତଜ୍ଞ ଓଜି ଓସ୍‌ବର୍ନଙ୍କ ଦେହାନ୍ତ

ବର୍ମିଂହାମ, ୨୩।୭



ପ୍ରଖ୍ୟାତ ବ୍ରିଟିଶ୍ ସଙ୍ଗୀତଜ୍ଞ ତଥା ରିୟଲିଟି ଟିଭି ଷ୍ଟାର୍ ଓଜି ଓସ୍‌ବର୍ନଙ୍କର ବୁଧବାର ୭୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଓସ୍‌ବର୍ନଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସେ ଲୋକପ୍ରିୟ ହେଭି ମେଟାଲ ବ୍ୟାଣ୍ଡ୍ ବ୍ଲାକ୍ ସବ୍ବାଥର ସହ ପ୍ରତିଷ୍ଠାତା ଥିଲେ। ପ୍ରିନ୍ସ ଅଫ୍ ଡାର୍କନେସ୍ ଏବଂ ଗଡଫାଦର ଅଫ୍ ହେଭି ମେଟାଲ ନାମରେ ଓସ୍‌ବର୍ନ ବହୁଳ ଭାବେ ଲୋକପ୍ରିୟ ଥିଲେ। ୭୦ ଦଶକରେ ବ୍ଲାକ୍ ସବ୍ବାଥ ବ୍ୟାଣ୍ଡର ସଙ୍ଗୀତଜ୍ଞ ଭାବେ ସେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୨ରେ ଆମେରିକୀୟ ଟିଭି ରିୟଲିଟି ଶୋ' 'ଦି ଓସ୍‌ବର୍ନସ୍'ରେ ଅଭିନୟ ତାଙ୍କୁ ପ୍ରସିଦ୍ଧି ଦେଇଥିଲା। ସେ ୨୦୨୦ରେ ପାର୍କିନସନ୍ସ ରୋଗରେ ପୀଡ଼ିତ ହୋଇଥିଲେ। ଏହା ପରେ ବିଭିନ୍ନ କନସର୍ଟରେ ତାଙ୍କୁ ଖୁବ୍ କମ୍ ଦେଖିବାକୁ ମିଳିଥିଲା। ଗତ ଜୁଲାଇ ୫ରେ ନିଜ ସହର ବର୍ମିଂହାମରେ ବ୍ଲାକ୍ ସବ୍ବାଥ ପାଇଁ ସେ ନିଜ ଶେଷ କନ୍‌ସର୍ଟରେ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ମୃତ୍ୟୁରେ ହେଭି ମେଟାଲ ବ୍ୟାଣ୍ଡ ବ୍ଲାକ୍ ସବ୍ବାଥ ପକ୍ଷରୁ ଶୋକ ପ୍ରକଟ କରାଯାଇଛି।

## ଗୁଜରାଟରୁ ୪ ଅଲ୍-କାଏଦା ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୨୩।୭

ଗୁଜରାଟ ଆଣ୍ଟି-ଟେରୋରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ଅଲ୍-କାଏଦା ସଂଗଠନ ସହ ସମ୍ପୃକ୍ତ ୪ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନେ ଜାଲ୍ ନୋଟ୍ ର୍ୟାକେଟ୍ ଚଳାଇବା ସହ ଅଲ୍-କାଏଦା ବିଚାରଧାରାର ପ୍ରସାର ଚଳାଇଥିଲେ। ଅଭିଯୁକ୍ତମାନେ ହେଲେ ମହମ୍ମଦ ଫୈକ୍, ମହମ୍ମଦ ଫରଦିନ୍, ଓେପୁଲ୍ଲା କୁରେଶୀ ଏବଂ ଜିଶନ ଅଲି। ଅଲ୍-କାଏଦା ବିଚାରଧାରାର ପ୍ରଚାର ପ୍ରସାର ପାଇଁ ସେମାନେ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏବଂ ସନ୍ଦିଗ୍ଧ ଆପ୍ ବ୍ୟବହାର କରୁଥିଲେ।

## ଇଞ୍ଜିନରେ ନିଆଁ: ଇଣ୍ଡିଗୋ ବିମାନ ଉଡ଼ାଣ ବାତିଲ

ନୂଆଦିଲ୍ଲୀ,୨୩।୭

ଇଣ୍ଡିଗୋ ଏୟାରଲାଇନ୍ସର ଏଟିଆର୍‌୭୬ ବିମାନ ବୁଧବାର ପୂର୍ବାହ୍ନ ୧୧ଟାରେ ଅହମଦାବାଦ ବିମାନବନ୍ଦରରୁ ଡିଉ ଅଭିମୁଖେ ଯିବାକୁ ଥିବାବେଳେ ଗୋଟିଏ ଇଞ୍ଜିନ୍‌ରେ ନିଆଁ ଲାଗିଯିବାରୁ ଏହାର ଉଡ଼ାଣକୁ ରଦ୍ଦ କରାଯାଇଛି। ବିମାନରେ ୬୦ ଯାତ୍ରୀ ଥିଲେ। ଉଡ଼ାଣ ପାଇଁ ପାଇଲଟ୍ ପ୍ରସ୍ତୁତି ଆରମ୍ଭ କରିଥିଲେ। ତେବେ ଇଞ୍ଜିନ୍‌ରେ ନିଆଁ ଲାଗିଥିବା ଜଣାପଡ଼ିଯିବାରୁ ସେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ 'ମେଡେ' କଲ୍ ପଠାଇଥିଲେ। ଠିକ୍ ସମୟରେ ନିଆଁ ଚିହ୍ନଟ ହେବାରୁ ଏକ ବଡ଼ ଧରଣର ବିପଦ ଟଳିଯାଇଛି। ତୁରନ୍ତ ଯାତ୍ରୀମାନଙ୍କୁ ଖାଲି କରାଯାଇଥିଲା। ପୁନର୍ବାର ଉଡ଼ାଣ ପୂର୍ବରୁ ବିମାନର ଆବଶ୍ୟକ ଯାଞ୍ଚ ଓ ମେଣ୍ଟେନାନ୍ସ କରାଯିବ ବୋଲି ଇଣ୍ଡିଗୋ ମୁଖପାତ୍ର କହିଛନ୍ତି। ଯାତ୍ରୀମାନଙ୍କ ଅସୁବିଧା ପାଇଁ ଏୟାରଲାଇନ୍ସ ଦୁଃଖପ୍ରକାଶ କରିଛି। ପରବର୍ତ୍ତୀ ଉଡ଼ାଣ ପର୍ଯ୍ୟନ୍ତ ସେମାନଙ୍କୁ ରହିବା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ କିମ୍ବା ଉଡ଼ାଣ ବାତିଲ ପାଇଁ ଅର୍ଥ ସମ୍ପୂର୍ଣ୍ଣ ଫେରସ୍ତ ହେବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।




## ଭୁଲ୍ ମୃତଦେହ ପାଇଥିବା ୨ ବ୍ରିଟିଶ୍ ପରିବାରର ଅଭିଯୋଗ

### ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

ନୂଆଦିଲ୍ଲୀ,୨୩।୭

ଅହମଦାବାଦରେ ଜୁନ୍ ୧୨ରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୬୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଡିଏନ୍‌ଏ ମେଳ କରାଯାଇ ମୃତଦେହଗୁଡ଼ିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ତେବେ ବ୍ରିଟେନ୍‌ର ୨ଟି ପରିବାର ଭୁଲ୍ ମୃତଦେହ ପାଇଥିବା ଅଭିଯୋଗ ଆଣିଛନ୍ତି। ସେମାନଙ୍କୁ ମିଳିଥିବା କ୍ୟାସ୍କେଟ୍‌ରେ ଏକାଧିକ ମୃତଦେହର ଅଂଶବିଶେଷ ରହିଛି, ଯାହାକୁ ଅଲଗା କରାଯିବାର ଥିଲା। ସେମାନେ ନିଜ ପ୍ରିୟଜନଙ୍କ ପରିବର୍ତ୍ତେ କୌଣସି ଅଜଣା ଯାତ୍ରୀଙ୍କ ମୃତଦେହ ପାଇଥିବାରୁ ଶେଷକୃତ୍ୟ ବାତିଲ କରିବାକୁ ବାଧ୍ୟ ହୋଇଛନ୍ତି। ମୃତ୍ୟୁର କାରଣ ଯାଞ୍ଚ କରୁଥିବା ଡ. ଫିଓନା ୱିଲ୍‌କକ୍ସ ବ୍ରିଟେନ୍‌କୁ ଫେରିଥିବା ମୃତଦେହର ଡିଏନ୍‌ଏକୁ ସେମାନଙ୍କ ପରିବାର ସଦସ୍ୟ ଦେଇଥିବା ନମୁନା ସହ ପୁନଃ ଯାଞ୍ଚ କରାଇବାରୁ ତ୍ରୁଟି ପଦାକୁ ଆସିଛି।

ତେବେ ବ୍ରିଟିଶ୍ ଗଣମାଧ୍ୟମରେ ପ୍ରକାଶିତ ଉପରୋକ୍ତ ରିପୋର୍ଟକୁ ଭାରତ ସରକାର ସମାଲୋଚନା କରିଛନ୍ତି। ସମସ୍ତ ମୃତଦେହକୁ ସମ୍ପୂର୍ଣ୍ଣ ପେସାଦାରିତା ଓ ମର୍ଯ୍ୟାଦାର ସହ ପରିଚାଳନା କରାଯାଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏଆଇ୧୭୧ ବିମାନ ଅହମଦାବାଦ ବିମାନବନ୍ଦରରୁ ଉଡାଣ ଆରମ୍ଭ କରିବାର କିଛି ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ମୋଟ ୨୬୧ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୫୩ ଜଣ ବ୍ରିଟିଶ୍ ନାଗରିକ ଥିଲେ। ଦୁର୍ଘଟଣା ସମୟରୁ ଆମେ ବ୍ରିଟିଶ୍ ପକ୍ଷ ସହ ଏକାଠି କାମ କରିଥିଲୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଉପଯୁକ୍ତ ପ୍ରୋଟୋକଲ ଏବଂ ବୈଷୟିକ ଆବଶ୍ୟକତା ଅନୁଯାୟୀ ମୃତକମାନଙ୍କୁ ଚିହ୍ନଟ କରାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ଯେକୌଣସି ପ୍ରକାର ଉଦ୍‌ବେଗର ସମାଧାନ ପାଇଁ ଆମେ ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କ ସହ କାର୍ଯ୍ୟ ଜାରି ରଖିଛୁ ବୋଲି ଜୟସ୍ୱାଲ କହିଛନ୍ତି।



## ଫୁର୍‌ସତ୍



### ଅଭିନୟ ଛାଡ଼ିବେ ପୱନ କଲ୍ୟାଣ

ଅମରାବତୀ

ସାଉଥ୍ ସୁପରଷ୍ଟାର୍ ତଥା ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣଙ୍କ ଫିଲ୍ମ 'ହରିହର ବୀରମଲ୍ଲୁ' ଗୁରୁବାର ରିଲିଜ୍ ହେବାକୁ ଯାଉଛି। ସମ୍ପ୍ରତି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ହରିହର ବୀରମଲ୍ଲୁ'ର ବିଭିନ୍ନ ପ୍ରମୋଶନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ପୱନଙ୍କୁ ଏହିସବୁ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ବୁଧବାର ଏକ ସାକ୍ଷାତ୍‌କାର ଦେଇ ପୱନ କହିଛନ୍ତି, ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ସମୟ ବାହାର କରି ସେ ୩ଟି ଫିଲ୍ମର ଶୁଟିଂ କରୁଛନ୍ତି। ଏଥିପାଇଁ ତାଙ୍କୁ ବିରୋଧୀ ସମାଲୋଚନା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ହେବା ପରେ ସେ କେବଳ 'ହରିହର ବୀରମଲ୍ଲୁ', 'ଉସ୍ତାଦ ଭଗତ ସିଂ', 'ଓଜି' ଫିଲ୍ମର ଶୁଟିଂ କରିଛନ୍ତି। ଏହି ଫିଲ୍ମଗୁଡ଼ିକୁ ସେ ବହୁ ପୂର୍ବରୁ ସାଇନ୍ କରିଥିଲେ ଏବଂ ୨୦୨୪ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଶୁଟିଂ ଶେଷ କରିବାକୁ ଯୋଜନା ରଖିଥିଲେ। ତେବେ ବିଭିନ୍ନ ରାଜନୈତିକ ବାଧ୍ୟବାଧକତା କାରଣରୁ ସେ ନିର୍ବାଚନ ପୂର୍ବରୁ ଉକ୍ତ ୩ ଫିଲ୍ମର ଶୁଟିଂ ଶେଷ କରିପାରି ନ ଥିଲେ। ତେଣୁ ଫିଲ୍ମ ନିର୍ମାତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ସେ ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ପ୍ରତିଦିନ ୨ ଘଣ୍ଟା ସମୟ ବାହାର କରି ଶୁଟିଂ କରୁଥିଲେ। ତେବେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରଠାରୁ ସେ କୌଣସି ନୂତନ ଫିଲ୍ମରେ ସାଇନ୍ କରିନାହାନ୍ତି ବୋଲି ପୱନ କହିଛନ୍ତି। ଏବେ ସେ 'ହରିହର ବୀରମଲ୍ଲୁ' ଏବଂ 'ଓଜି'ର ଶୁଟିଂ ଶେଷ କରିସାରିଛନ୍ତି। ଆଉ ୫ ଦିନ ମଧ୍ୟରେ ସେ 'ଉସ୍ତାଦ ଭଗତ ସିଂ' ଫିଲ୍ମର ଶୁଟିଂ ମଧ୍ୟ ଶେଷ କରିବେ। ଏହାପରେ ବୋଧହୁଏ ସେ ଆଉ କୌଣସି ଫିଲ୍ମରେ ଅଭିନେତା ଭାବେ ସାଇନ୍ କରିବେ ନାହିଁ। ଆନ୍ଧ୍ରପ୍ରଦେଶର ଜନସାଧାରଣ ଏବଂ ଜନସେନା ପାର୍ଟିକୁ ସେ ସବୁବେଳେ ତାଙ୍କର ପ୍ରାଥମିକତା ଭାବେ ରଖିବେ ବୋଲି ସେ କହିଛନ୍ତି। ତେବେ ନିଜ ଆର୍ଥିକ ଆବଶ୍ୟକତା ପାଇଁ ସେ ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ ରହିବେ ଏବଂ ଆଗାମୀ ଦିନରେ ଫିଲ୍ମ ନିର୍ମାଣ ଉପରେ ଧ୍ୟାନ କେନ୍ଦ୍ରିତ କରିବେ ବୋଲି ପୱନ କହିଛନ୍ତି।

### ଗୁଜରାଟୀ ଗାୟକଙ୍କ ସ୍କୁଟର ସ୍ମାରକୀ

ମେହସାଣା

ଗୁଜୁରାଟର ମେହସାଣା ଜିଲା ଖେଡାଲୁ ଗ୍ରାମରେ ଲୋକପ୍ରିୟ ଗୁଜରାଟୀ ଗାୟକ ଜିଗ୍ନେଶ କବିରାଜ ତାଙ୍କ ପୁରୁଣା ସ୍କୁଟରର ସ୍ମୃତିରେ ଏକ ସ୍ମାରକୀ ନିର୍ମାଣ କରିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଉକ୍ତ ସ୍କୁଟର ସହ ତାଙ୍କ ପରିବାରର କିଛି ଫଟୋକୁ ଶେୟାର କରିଛନ୍ତି। ଏହି ପୋଷ୍ଟରେ କବିରାଜ ତାଙ୍କର ପ୍ରସିଦ୍ଧି ଏବଂ ସଫଳତାର ଯାତ୍ରାରେ ଉକ୍ତ ସ୍କୁଟରର ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି। କବିରାଜ କହିଛନ୍ତି, ଏହା ହେଉଛି ତାଙ୍କ ବାପାଙ୍କ ସ୍କୁଟର, ଯାହାକୁ ସେ କେବେ ମଧ୍ୟ ଭୁଲିପାରିବେ ନାହିଁ। ଉକ୍ତ ସ୍କୁଟରରେ ବାପାଙ୍କ ସହ ସେ ଗାଁରୁ ଗାଁ ଯାତ୍ରା କରି ବିଭିନ୍ନ କାର୍ଯ୍ୟକ୍ରମରେ ଗାୟକ ଭାବେ ଅଂଶଗ୍ରହଣ କରୁଥିଲେ ଏବଂ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସମ୍ପ୍ରତି ଏହି ସ୍କୁଟରକୁ ସେ ତାଙ୍କ ଘର ସମ୍ମୁଖରେ ଏକ ସ୍ମାରକୀ ଭାବରେ ସ୍ଥାପନ କରିଥିବା ନେଇ କବିରାଜ ଏହି ଭାବପ୍ରବଣ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଏହି ସ୍କୁଟରଟି ତାଙ୍କ ହୃଦୟର ଖୁବ୍ ନିକଟତର। ଏହା ତାଙ୍କ ଜୀବନର ଏକ ଅଂଶ। ଏହି ସ୍କୁଟର ଯୋଗୁ ସମାଜରେ ସେ ପରିଚୟ ପାଇଛନ୍ତି। ତେଣୁ ଏହାକୁ ସେ କବାଡ଼ିଆଙ୍କୁ ନ ବିକି ନିଜ ସହ ସାଇତି ରଖିଥିଲେ ଏବଂ ଏବେ ପରିବାରର ସହଯୋଗରେ ସେ ଏହାର ସ୍ମାରକୀ ନିର୍ମାଣ କରିଛନ୍ତି। ଏହି ସ୍କୁଟର ତାଙ୍କର ଏବଂ ତାଙ୍କ ପରିବାରର ପ୍ରତିଟି ସଦସ୍ୟଙ୍କ ଜୀବନରେ ଆନନ୍ଦ ଆଣିଦେଇଥିବା ନେଇ ସେ ତାଙ୍କ ପିଲାମାନଙ୍କୁ କହିଛନ୍ତି। ତାଙ୍କ ପିଲାମାନେ ପ୍ରତି ଦୀପାବଳିରେ ଏହି ସ୍କୁଟରର ସ୍ମାରକୀରେ ଦୀପ ଜାଳିବେ ବୋଲି କବିରାଜ କହିଛନ୍ତି। ସେ ନିର୍ମାଣ କରିଥିବା ଏହି ସ୍କୁଟର ସ୍ମାରକୀ କେବଳ ଏକ ଦୁଇଚକିଆ ଯାନର କାହାଣୀ ନୁହେଁ ବରଂ ଏହା ତାଙ୍କ ପରିବାରର କଠିନ ପରିଶ୍ରମ, ସଂଘର୍ଷ ଏବଂ ସ୍ମୃତିର ପରିଚୟ ବୋଲି କବିରାଜ କହିଛନ୍ତି।






# ଘଟଗାଁ ତାରିଣୀ, ଯାଜପୁର ବିରଜା, ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୭ (ସୁନିତ୍ ମିଶ୍ର)**

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଘଟଗାଁ ତାରିଣୀ ପୀଠ, ଯାଜପୁର ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରୁ ଜଣାଯାଇଛି, ଘଟଗାଁ ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଅଢ଼େଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଘଟଗାଁ ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ସିଷ୍ଟମ, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଇତ୍ୟାଦି ରହିଛି। ମନ୍ଦିର କମିଟି ସହ ଆଲୋଚନାକରି ଏସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାସହ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା ଦୋକାନ ଗୁଡିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ପ୍ରସିଦ୍ଧ ଶକ୍ତିପୀଠ ଯାଜପୁର ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାର୍ଶ୍ୱ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟା ଦୂରକରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତା ଉନ୍ନତୀକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକାମ୍ର କ୍ଷେତ୍ର ହେଉଛି ଭାରତବର୍ଷର ଏକ ପ୍ରାଚୀନ ଶୈବପୀଠ। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଛୋଟ ବଡ଼ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସହ ଆଲୋଚନାକରି ଏସବୁ ମନ୍ଦିରଗୁଡିକର ଉନ୍ନତୀକରଣ କରାଗଲେ, ଏକାମ୍ର କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ବଜାୟ ରହିବ ବୋଲି ସେ କହିଛନ୍ତି।

ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।


ଲୋକସେବା ଭବନରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ।

# ସାନଖେମୁଣ୍ଡି ଝାଡ଼ାବାନ୍ତି ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି

- ଗାଁରେ ପହଞ୍ଚିଲା ଜିଲା ସ୍ୱାସ୍ଥ୍ୟ ଟିମ୍
- ମୃତକଙ୍କ ପରିବାରକୁ ଦିଆଗଲା ଆର୍ଥିକ ସହାୟତା

**ଦିଗପହଣ୍ଡି/ପାଟପୁର, ୨୩।୭ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ଦାମପୁର ଗାଁରେ ୪ ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ଝାଡାବାନ୍ତିରେ ମଙ୍ଗଳବାର ମଧ୍ୟାହ୍ନରେ ଗ୍ରାମର ସମ୍ବାରୁ ମଲ୍ଲିକ ଏବଂ କାନ୍ଦରା ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତିରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଆଉ ଜଣେ ଆକ୍ରାନ୍ତ ଶୁକୁରୀ ମଲ୍ଲିକ (୫୪)ଙ୍କ ମୃତ୍ୟୁ ଘଟିଛି। ୩ ଜଣଙ୍କ ମୃତ୍ୟୁ ପରେ ଘଟଣାକୁ ଗୁରୁତର ସହ ନେଇ ବୁଧବାର ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର, ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଦାମପୁର ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ୩ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ଜିଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ରହ୍ମପୁର ଡିପିଏଚଓ ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଏଡିପିଏଚଓ ହରମୋହନ ପଣ୍ଡା, ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ବାହନ ଦାସ ଏବଂ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗ୍ରାମରେ ପହଞ୍ଚି ଆଉ ୪ ଜଣ ଆକ୍ରାନ୍ତଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଥିଲେ। ଗାଁରେ ଏକ ସପ୍ତାହ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ଟିମ ରହି ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଝାଡାବାନ୍ତି ନିୟନ୍ତ୍ରଣାଧୀନ ରହିଥିବା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମ୍ୟଜଳ ଯୋଗାଣ ପରିମଳ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ଇଂ. ଉପମା ଘଡ଼େଇ ବିଭାଗୀୟ କର୍ମଚାରୀଙ୍କୁ ନେଇ ଦାମପୁର ଗାଁ ନଳକୂଅ ମରାମତି କରିବା ସହ ବ୍ଲିଚିଂ ପାଉଡର ପକାଇ ବିଶୋଧନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ପଞ୍ଚାୟତର ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଏହାକୁ ଅସ୍ୱୀକାର କରାଯାଇଥିଲା।


ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମରେ ସ୍ଥିତି ଅନୁଧ୍ୟାନ କରାଯାଉଛି।

# ମାଛଚାଷରେ ଓଡ଼ିଶାକୁ ୧ ନମ୍ବର କରିବା ଲକ୍ଷ୍ୟ: ମନ୍ତ୍ରୀ

**ଭୁବନେଶ୍ୱର, ୨୩।୭ (ଅନୁରାଧା ମହାରଣା)**

କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଠାରେ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବୁଧବାର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରି କହିଛନ୍ତି, ମତ୍ସ୍ୟଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଫଳରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନଜୀବିକା ଅଧିକ ସୁରକ୍ଷିତ ହୋଇପାରିବ। ମାଛଚାଷ କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବେ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ସେ କହିଛନ୍ତି। ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।


ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ଶଙ୍ଖ ଭବନଠାରେ ବୁଧବାର ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ପ୍ରାର୍ଥନା।

# କେନ୍ଦ୍ର ସରକାରଙ୍କ ସହଯୋଗରେ ମହାନଦୀ ବିବାଦର ସମାଧାନ ହୋଇପାରିବ

**ଭୁବନେଶ୍ୱର, ୨୩।୭ (ସୁନିତ୍ ମିଶ୍ର)**

ଛତିଶଗଡ଼ ସହ ଚାଲିଥିବା ମହାନଦୀ ଜଳ ବିବାଦର ଆପୋସ ସମାଧାନକୁ ନେଇ ଲୋକସେବା ଭବନଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧିପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଫେବୃୟାରୀରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କ ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳ ଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋସ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ୨ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାପଡିଛି। ବୈଠକରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

# ବଜ୍ରପାତରେ ଗାଈଚରାଳି, ମହିଳା ଶ୍ରମିକଙ୍କ ମୃତ୍ୟୁ

**ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୨୩।୭ (ବାବୁଲା ପ୍ରଧାନ/ବିଭୂ ପ୍ରସାଦ ପଟ୍ଟନାୟକ)**

ଗଞ୍ଜାମ ଜିଲା ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବସନ୍ତ ଗୌଡ (୩୮) ଓ ସନ୍ତୋଷିନୀ ବିଶ୍ୱାଳ(୫୦)। ଭଞ୍ଜନଗର ଥାନା ଅନ୍ତର୍ଗତ ଖାରିଗୁଡା ଗ୍ରାମର ବସନ୍ତ ତାଙ୍କ ଗାଈଗୋଠ ଚରାଇବାକୁ ନେଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ହେବାରୁ ସେ ଗଛ ମୂଳେ ଆଶ୍ରୟ ନେଇଥିଲେ। ସେଠାରେ ବଜ୍ରପାତ ବସନ୍ତ ଟଳି ପଡ଼ିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜିଲା ପରିଷଦ ଏମ୍‌ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ ମେଡ଼ିକାଲରେ ପହଞ୍ଚି ସହାୟତା କରିଛନ୍ତି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୃତକଙ୍କ ପରିବାରକୁ କିଭଳି ସହାୟତା ରାଶି ମିଳିପାରିବ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭଞ୍ଜନଗର ଅତିରିକ୍ତ ତହସିଲଦାର ଅବିନାଶ ମହାର କହିଛନ୍ତି, ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଏବଂ ମେଡିକାଲ ରିପୋର୍ଟ ଆସିବା ପରେ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯିବ।

ସେହିପରି ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଅଲାଡି ଗ୍ରାମର ମହିଳା ଶ୍ରମିକ ସନ୍ତୋଷିନୀ କ୍ଷେତବିଲ କଞ୍ଚାଖାଇ ଗହୀରରେ କାମ କରୁଥିବା ବେଳେ ବଜ୍ରପାତରେ ଶିକାର ହୋଇଥିଲେ। ଅନ୍ୟ ଶ୍ରମିକମାନେ ଗ୍ରାମକୁ ଆସି ଏହା ଜଣାଇଥିଲେ। ଖବରପାଇ ଜଗନ୍ନାଥପ୍ରସାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି।

# ଭାରପ୍ରାପ୍ତ କୁଳପତି ନିଯୁକ୍ତିକୁ ରଦ୍ଦ କରିଛନ୍ତି କୁଳାଧିପତି

**କଟକ, ୨୩।୭ (କାର୍ତ୍ତିକ ସାହୁ)**

**ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତି ମାମଲା**
ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ

ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିଯୁକ୍ତିକୁ କୁଳାଧିପତି ଗତ ୨୨ ତାରିଖରେ ରଦ୍ଦ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏ ନେଇ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ୍ ଓ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ବୁଧବାର ଶୁଣାଣି କରି ରାଜ୍ୟ ସରକାର କୁଳପତି ନିଯୁକ୍ତି ବାବଦରେ ଯେକୌଣସି ନିଷ୍ପତ୍ତି ତଥା ନିଯୁକ୍ତି ଆଇନ୍‌ର ପ୍ରାବଧାନ ଅନୁସାରେ କରିବାକୁ ସ୍ପଷ୍ଟ କରିଛନ୍ତି। ଏଥିସହ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନିଯୁକ୍ତି ହୋଇ ନ ଥିବା ନେଇ ରୁଜୁ ମାମଲାର ଅନ୍ତ ଘଟାଇଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ହାଇକୋର୍ଟ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାର ବିବରଣୀ ଅନୁଯାୟୀ, କୁଳାଧିପତି ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ସମାପ୍ତ ହେବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲଜି ବିଭାଗ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବେ କୁଳାଧିପତି ୨୦୨୫ ମେ ୨୭ରେ ନିଯୁକ୍ତି ଦେଇଥିଲେ।

# ପଥର ଖଣିରେ ବଜ୍ରପାତ, ୨ ଭାଇ ମୃତ


**ଢେଙ୍କାନାଳ, ୨୩।୭ (ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବଳଦିଆବନ୍ଧ ପଞ୍ଚାୟତ ମହୁଲପଡ଼ା ନିକଟରେ ଥିବା ଏକ ପଥର ଖଣିରେ ବୁଧବାର ଅପରାହ୍ନ ସାଢେ ୧ଟା ସମୟରେ ବଜ୍ରପାତ ଘଟି ୨ ଭାଇଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତ ଦୁଇ ଭାଇ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା କଣ୍ଡରେଇ ପଞ୍ଚାୟତ ଅନନ୍ତପୁର ଗ୍ରାମର କମଳାକାନ୍ତ ଦେହୁରୀ (୩୫) ଓ ତାଙ୍କ ସାନଭାଇ ନରେଶ ଦେହୁରୀ (୩୨)। ଗୁରୁତରମାନେ ହେଲେ ଖୁଣ୍ଟୁଣୀ ଥାନା ପାର୍ବତୀପୁର ଗ୍ରାମର ମିଥୁନ କିସ୍କୁ (୨୭) ଓ ଡିବା ଜାରିକା (୪୦)। ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ମୃତଦେହ ଗୋବିନ୍ଦପୁର ଫାଣ୍ଡି ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ବଜ୍ରପାତରେ ଚାଷୀ ମୃତ

**ଛେଣ୍ଡିପଦା, ୨୩।୭ (ଅଜିତ୍ ଧଳ)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ଗାଁରେ ବୁଧବାର ବଜ୍ରପାତରେ ହରିଜନ ସାହିର ଯାତ୍ରା ନାଏକଙ୍କ ପୁଅ ପଙ୍କଜ ନାଏକଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ପଙ୍କଜ ପଞ୍ଚାୟତ ଅଫିସ ପଛପାଖରେ ଥିବା ଭୋଗବେରେଣୀ ବିଲରୁ ପାଣି ବାନ୍ଧି ଘରକୁ ଫେରୁଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କ ମୁଣ୍ଡର ଚୁଟି ଓ ବେକ ପୋଡିଯିବା ସହ ସେ ଘଟଣାସ୍ଥଳରେ ବେହୋସ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ତୁରନ୍ତ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ ଚଳାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ବିଦ୍ୟାର୍ଥୀ ସ୍ୱାଗତ ସମାରୋହ ଅବସରରେ ଓଡ଼ିଆ ଭାଷାରେ ଲିଖିତ ଯୁକ୍ତ ୨ ବିଜ୍ଞାନ ବହି ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ବିଶ୍ୱବିଦ୍ୟାଳୟ ପରିସର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦

## କଟକ
- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତା-୨୦୨୫ର ତୃତୀୟ ଦିବସ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା କଟକ ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ପଥପ୍ରାନ୍ତ ପ୍ରତିବାଦ ସଭା, ସ୍ଥାନ: ଚଣ୍ଡୀଛକ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ସୌମ୍ୟାଶ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର,ସ୍ଥାନ:ମହିଳା ମହାବିଦ୍ୟାଳୟ, ଭୋଗରାଇ,ସମୟ:ସକାଳ ୯ଟା।
- ସୌମ୍ୟାଶ୍ରୀଙ୍କ ସ୍ମୃତିଚାରଣ,ସ୍ଥାନ:ହେରମ୍ବ ଚନ୍ଦ୍ର ଏକାଡ଼େମୀ ସମ୍ମୁଖ ଖେଳପଡ଼ିଆ, ଭୋଗରାଇ,ସମୟ:ପୂର୍ବାହ୍ନ ୧୦ଟା।
- ସୌମ୍ୟାଶ୍ରୀ ବିଶିଙ୍କ ଶ୍ରଦ୍ଧାଞ୍ଜଳି ସଭା,ସ୍ଥାନ:ସୁବର୍ଣ୍ଣରେଖା ମହାବିଦ୍ୟାଳୟ ସମ୍ମୁଖ, ବାଲିଆପାଳ,ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବରିଷ୍ଠ ନାଗରିକଙ୍କ ସ୍ମୃତିସଭା, ସ୍ଥାନ: ଯଶୋଟିକିରି, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା

## ମୟୂରଭଞ୍ଜ
- ସେଭ୍ ଆର୍ଥ ମିଶନ ତରଫରୁ ଚାରାରୋପଣ, ସ୍ଥାନ: ଅସ୍ତିଆ କେନାଲ, ବାରିପଦା, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ଏନ୍‌ବିସି କଲେଜର ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, କେନ୍ଦୁପଦର, ଆସିକା ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ
- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ଉପଜିଲାପାଳଙ୍କ ସଭାଗୃହ ପରିସର, ସମୟ : ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନମତରା, ରାଜକନିକା, ସମୟ: ସକାଳ ୯ଟା।

## ନୟାଗଡ଼
- ଚିତାଲାଗି ପର୍ବ , ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ଉପକରଣ ବଣ୍ଟନ, ସ୍ଥାନ:ଓଡ଼ଗାଁ ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: କମ୍ୟୁନିଟି ହଲ, ମୁନିଗୁଡା, ସମୟ: ସକାଳ ୯ଟା ୩୦।

## କୋରାପୁଟ
- ନୂତନ ଛାତ୍ରୀ, ଛାତ୍ରଙ୍କୁ ସ୍ୱାଗତ, ସ୍ଥାନ: ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଖରିଫ ୨୦୨୫ ଚାଷ ନେଇ ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ : ଅପରାହ୍ନ ୩ ଟା।
- ଭାରତମାଳା ଜମି ଅଧିଗ୍ରହଣ ମାମଲା ଉପରେ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : କାଲ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଦିନରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ, ସ୍ଥାନ : ସମ୍ବଲପୁରୀ ବୈଠକ, ସମୟ : ସକାଳ ୯ଟା ୩୦।

## ରାଉରକେଲା
- ଶିବ ଚର୍ଚ୍ଚା, ସ୍ଥାନ: ସେକ୍ଟର-୬ ତାରାତାରିଣୀ ପଲ୍ଲୀ, ସମୟ: ସକାଳ ୮ଟା।
- ଦକ୍ଷିଣ-ପୂର୍ବ ରେଳବାଇ ଜିଏମ୍‌ଙ୍କ ଗସ୍ତ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଆଇସିଡିଏସ୍‌ର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଇଣ୍ଟର ସ୍କୁଲ କ୍ରିକେଟ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ସାଢେ ୧୨ଟା।

## ବୌଦ୍ଧ
- ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଅଷ୍ଟମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଜିଲା କୃଷକ ସଙ୍ଗଠନର ସାଧାରଣ ବୈଠକ, ସ୍ଥାନ:ସୋନପୁର ବାଲାଜୀ ମନ୍ଦିର ପ୍ରାଙ୍ଗଣ, ସମୟ:ଅପରାହ୍ନ ୩ଟା ୩୦।

## ନୂଆପଡ଼ା
- ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଚତୁର୍ଥ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।

# ସୁସ୍ଥତାକୁ ପ୍ରାଥମିକତା

## ଜାତୀୟ ରିଫ୍ରେଶମେଣ୍ଟ ଦିବସ



ଜୁଲାଇ ମାସର ଚତୁର୍ଥ ଗୁରୁବାରରେ ପାଳିତ ହୋଇଆସୁଛି ଜାତୀୟ ରିଫ୍ରେଶମେଣ୍ଟ ଦିବସ। ଏହି ଦିବସଟି କାମକୁ ଫେରିବା ପୂର୍ବରୁ ଆରାମ, ନୂଆ ଉତ୍ସାହ ଭରିବା ପାଇଁ ଥଣ୍ଡା ପାନୀୟ ଉପଭୋଗର ମୁହୂର୍ତ୍ତକୁ ସ୍ମରଣ କରିଥାଏ। ୨୦୧୫ରୁ ଏହି ଦିବସର ପାଳନ ଆରମ୍ଭ ହୋଇଛି। ଟ୍ରାଭେଲର୍ ବିୟର କମ୍ପାନୀ ଲୋକମାନଙ୍କୁ ଥଣ୍ଡା ପାନୀୟ ଉପଭୋଗ କରିବାକୁ ଉତ୍ସାହିତ କରିବା ପାଇଁ ଏହି ଦିବସ ପାଳନ ଆରମ୍ଭ କରିଥିଲା। ଏବେ ଏହି ଦିବସଟି ସାରା ବିଶ୍ୱରେ ପାଳନ କରାଯାଉଛି। ବର୍ଷର ଏହି ସମୟରେ ଉତ୍ତର ଗୋଲାର୍ଦ୍ଧରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗେ। ତେଣୁ ଉକ୍ତ ସ୍ଥାନରେ ପାରିବେଶିକ ଅବସ୍ଥାରୁ ଶରୀରକୁ ଚାପମୁକ୍ତ କରିବା ଅର୍ଥାତ୍ ରିଫ୍ରେଶମେଣ୍ଟ ପାଇଁ ପାନୀୟ ଆବଶ୍ୟକ ହୋଇଯାଏ। ଆମ ଦେଶରେ ଉକ୍ତ ଦିବସ ଅବସରରେ କେବଳ ପାନୀୟ ନୁହେଁ ଜୀବନରେ ନୂଆ ଉତ୍ସାହ ଭରିବା ତଥା ବ୍ୟକ୍ତିଗତ ସୁସ୍ଥତାକୁ ଗୁରୁତ୍ୱ ଦିଆଯାଇଥାଏ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସକାଳ ଗାଧୁଆ ପଖାଳ ଖିଆ**
**ଦେହରେ ଯେବେ ଯାଏ,**
**ବଡ଼ ସୁବିଧା ଦୋକାନ କାଳି**
**ମାଗିଲେ ଯେବେ ଦିଏ,**
**ବଡ଼ ମଉଜ ପର ପୀରତି**
**ଭୀତି ଯେବେ ନ ଥାଏ।**

ଦେହ ଖରାପ ହେଉ ନ ଥିଲେ ବଡି ସକାଳୁ ଗାଧୋଇବା ଓ ପଖାଳ ଖାଇବାରେ କିଛି ଅସୁବିଧା ରହି ନ ଥାଏ। ଅର୍ଥ ନ ଥିଲେ ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର ଆପତ୍ତି ଅଭିଯୋଗ ନଥାଏ ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ। ସେହିପରି ଚୋରା ପୀରତିରେ ଯଦି ଅସୁବିଧା ନଥାଏ କି ଡର ଭୟ ନ ଥାଏ ତେବେ ଏହାଠାରୁ ବଳି ଖୁସି ଓ ଆନନ୍ଦର ବିଷୟ ଆଉ କିଛି ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସାରୁ ଶୁଖୁଆ ପୋଇନାଟି**
**ତାକୁ ରାନ୍ଧିବ ଘାଣ୍ଟିଘୁଣ୍ଟି।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ସାରୁ, ପୋଇନାଟି ସଙ୍ଗେ ଶୁଖୁଆର ମିଶ୍ରଣ ବେଶ୍ ରୁଚିକର ରାନ୍ଧଣା ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସୁପ୍ରିମକୋର୍ଟରୁ ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ସମ୍ପୂର୍ଣ୍ଣ ଜାମିନ

**ମାଲକାନଗିରି, ୨୩।୭(ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ସମ୍ପୂର୍ଣ୍ଣ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ଏଥିରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିମାନଙ୍କର ମଧ୍ୟ ସମ୍ପୂର୍ଣ୍ଣ ଜାମିନ ମଞ୍ଜୁର ହୋଇଛି ।

ପ୍ରକାଶଯେ, ୨୦୧୯ ଡିସେମ୍ବର ୨୬ରେ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣାରେ ତାଙ୍କ ସ୍ତ୍ରୀ ବନଜା ପଣ୍ଡା ପୂର୍ବତନ ଜିଲାପାଳ ମନୀଷଙ୍କ ସହ ଅନ୍ୟ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ। ଏଥିରେ ଦେବ ନାରାୟଣ ଆତ୍ମହତ୍ୟା କରିନାହାନ୍ତି ବରଂ ଏହି ୪ ଜଣ ହତ୍ୟା କରିଥିବା ଅଭିଯୋଗକରି ମାମଲା ରୁଜୁ ହୋଇଥିଲା। ତେବେ ଏହି ମାମଲା ମାଲକାନଗିରି ଥାନାଠାରୁ ଆରମ୍ଭକରି ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିବା ବେଳେ ୧ ମାସ ପୂର୍ବେ ଅଗ୍ରୱାଲଙ୍କୁ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆଂଶିକ ଜାମିନ ପ୍ରଦାନ କରିଥିଲେ। ଏ ସମ୍ବନ୍ଧରେ ଅଗ୍ରୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଏହାକୁ ବିଚାରକୁ ନେଇ ଅଗ୍ରୱାଲଙ୍କ ସହ ଅନ୍ୟ ୩ ଜଣଙ୍କୁ ସମ୍ପୂର୍ଣ୍ଣ ଜାମିନ ମିଳିଛି। ଏହି ମାମଲାର ଶୁଣାଣି ସମୟରେ ସମସ୍ତେ କୋର୍ଟରେ ହାଜର ହେବା ସହ ସମସ୍ତ ନିୟମ ପାଳନ କରି ରହିବା ପାଇଁ ସର୍ତ୍ତ ରଖି ଜାମିନ ମଞ୍ଜୁର କରାଯାଇଛି।

# ସ୍ୱାମୀଙ୍କୁ ହତ୍ୟାକରି ଆତ୍ମହତ୍ୟା ରୂପ ଦେଲେ ସ୍ତ୍ରୀ

**ନୂଆଦିଲ୍ଲୀ, ୨୩।୭**

ଯୌନ ସନ୍ତୁଷ୍ଟୀ ଦେଇପାରୁ ନ ଥିବାରୁ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି ସ୍ତ୍ରୀ। ଦିଲ୍ଲୀ ପୋଲିସ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଛି। ପୋଲିସ କହିବା ଅନୁଯାୟୀ, ଗତ ୨୦ ତାରିଖ ଅପରାହ୍ନରେ ସ୍ଥାନୀୟ ହସ୍ପିଟାଲରୁ ନିହାଲବିହାର ଥାନାକୁ ଏକ ଫୋନ୍ କଲ୍ ଆସିଥିଲା। ଏଥିରେ କୁହାଯାଇଥିଲା, ମହମ୍ମଦ ଶହିଦଙ୍କ ଛାତିରେ ୩ ଥର ଛୁରି ଭୁସାଯାଇଥିବାବେଳେ ସ୍ତ୍ରୀ ତାଙ୍କୁ ହସ୍ପିଟାଲ ଆଣିଥିଲେ। ହସ୍ପିଟାଲରେ ପହଞ୍ଚିବା ମାତ୍ରେ ଡାକ୍ତର ମହମ୍ମଦଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ପଚରାଉଚରା କରିବାରୁ ମହମ୍ମଦ ନିଜ ଛାତିକୁ ଛୁରି ଭୁସି ଆତ୍ମହତ୍ୟା କରିଥିବା ସ୍ତ୍ରୀ କହିଥିଲେ। ନିଜକୁ ଛୁରି ଭୁସିଲେ ଏତେ ଗଭୀର କ୍ଷତ ହେବ ନାହିଁ। ସମ୍ମୁଖ ଭାଗରୁ କେହି ଆକ୍ରମଣ କରିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା। ଉକ୍ତ ରିପୋର୍ଟ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମହିଳାଙ୍କୁ ଜେରା ଏବଂ ତାଙ୍କ ଫୋନ୍‌ର ଫୋରେନ୍‌ସିକ ଯାଞ୍ଚରୁ ସେ ଚାଟ୍ ହିଷ୍ଟ୍ରି ଡିଲିଟିଂ, ଆଲୁମିନିୟମ୍ ଫସ୍‌ଫାଇଡ୍ ଭଳି ବିଷାକ୍ତ ସାମଗ୍ରୀ ଇଣ୍ଟରନେଟ୍‌ରୁ ଖୋଜିଥିବା ଜଣାପଡ଼ିଥିଲା। ଏନେଇ ପଚରା ଉଚରା କରାଯିବାରୁ ମହିଳା ଜଣକ ଅପରାଧ ମାନିଛନ୍ତି। ସେ ମହମ୍ମଦଙ୍କ ଛାତିକୁ ୩ ଥର ଛୁରି ଭୁସିବା ପରେ ହସ୍ପିଟାଲ ନେଇ ପୋଲିସକୁ ବିଭ୍ରାନ୍ତ କରିବାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲେ ବୋଲି କହିଛନ୍ତି। ମହିଳା ଜଣକ କାହା ସହ ଚାଟିଂ କରୁଥିଲେ ପୋଲିସ ଏବେ ତାହାର ତଦନ୍ତ ଚଳାଇଛି।

# ବେଆଇନ ଖଣି ଭୁଶୁଡ଼ିଲା: ୧୧ ଶ୍ରମିକ ଫସିଛନ୍ତି

**ରାଞ୍ଚି, ୨୩।୭**

ଝାଡ଼ଖଣ୍ଡର ଧାନବାଦ ଜିଲା ଅନ୍ତର୍ଗତ ଜାମୁନିଆ ନଦୀ ନିକଟରେ ଏକ ବେଆଇନ କୋଇଲା ଖଣି ଭୁଶୁଡ଼ିବାରୁ ୧୧ ଶ୍ରମିକ ଫସିରହିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଖଣିଟି ପ୍ରଚଣ୍ଡ ଶବ୍ଦ କରି ଧସିବା ବେଳେ ଏହା ଭିତରେ ୧୫ ଜଣ ଶ୍ରମିକ ଥିଲେ। ବେଆଇନ ଉତ୍ତୋଳନ ସ୍ଥଳରେ ଦୁର୍ବଳ ପିଲର ଯୋଗୁ ଖଣି ଭୁଶୁଡ଼ିଥିବା ବିଶ୍ୱାସ କରାଯାଉଛି। ଖନନକାରୀମାନେ ଉଦ୍ଧାର କାର୍ଯ୍ୟ ଚଳାଇଥିବାବେଳେ ଏପର୍ଯ୍ୟନ୍ତ କେତେଜଣ ଉଦ୍ଧାର ହେଲେଣି ସରକାରୀ ଭାବେ କିଛି କୁହାଯାଇ ନାହିଁ। ସ୍ଥାନୀୟ ଖଣି ମାଫିଆ ଏହି ବେଆଇନ ଖଣି ଖନନ ଚଳାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟର ସବୁ ...

ଲଗାଇବାକୁ ନିର୍ଦ୍ଦେଶ ଦେଇଛି। ପିଲାଙ୍କ ନିରାପତ୍ତା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହାକୁ ଅନୁସରଣ କରି ଆମ ରାଜ୍ୟରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଯୋଜନା କରାଯାଉଛି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍କୁଲ କ୍ୟାମ୍ପସ୍‌ରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପଦକ୍ଷେପ ଅନୁସନ୍ଧାନ କରାଯାଉଛି। ଆଗାମୀ ଦିନରେ ସ୍କୁଲ ଏବଂ ଶ୍ରେଣୀଗୃହରେ ସିସିଟିଭି କ୍ୟାମେରା ଲଗାଯିବ। ବିଭାଗ ପକ୍ଷରୁ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ସମ୍ପୃକ୍ତ ଯୋଜନାଗୁଡ଼ିକ ଉପରେ ଆଲୋଚନା କରାଯାଉଛି। ଏଥିସହ ରାଜ୍ୟ ସରକାର ଯୌନ ନିର୍ଯାତନା ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ, ଯୌନ ଉତ୍ପୀଡ଼ନ କିମ୍ବା ଲିଙ୍ଗ-ଭିତ୍ତିକ ବୈଷମ୍ୟ ମାମଲାଗୁଡ଼ିକର ସମାଧାନ ପାଇଁ ସମସ୍ତ ସ୍କୁଲରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକ୍ଷମ କରାଯିବାକୁ ପୂର୍ବରୁ ନିର୍ଦ୍ଦେଶ ଜାରି କରାଯାଇଛି। ଉକ୍ତ କମିଟିର ସଦସ୍ୟମାନଙ୍କୁ ତାଲିମ ଦେବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉଛି, ଯଦ୍ୱାରା ସେମାନେ ଛାତ୍ରୀଛାତ୍ରଙ୍କ ଅଭିଯୋଗର ସମାଧାନ କରିବାରେ ପ୍ରଭାବଶାଳୀ ଓ ସମ୍ବେଦନଶୀଳ ଭାବେ କାର୍ଯ୍ୟ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ଏବଂ ସଶକ୍ତୀକରଣକୁ ପ୍ରାଥମିକତା ଦିଆଯାଇଛି। ଯେକୌଣସି ସମୟରେ ସହଜ ଉପାୟ ମାଧ୍ୟମରେ ଅଭିଯୋଗ ଦାଖଲ କରିବା ପାଇଁ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ସେମାନଙ୍କ ଅଭିଯୋଗ ଦାଖଲ ହେବା ମାତ୍ରେ ଏହାକୁ ଗମ୍ଭୀରତାର ସହ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ବିଜେଡିକୁ ଅଙ୍କଲରେ....

ମହଲରେ ବିବେଚନା କରାଯାଉଛି। ଏହି ଅବସରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ ସ୍ୱତଃପ୍ରବୃତ୍ତ ଭାବେ ଓଡ଼ିଶାର ଜନସାଧାରଣ ଯେଭଳି ଶାନ୍ତିପୂର୍ଣ୍ଣ ବନ୍ଦକୁ ସଫଳ କଲେ ଏହା ଜଣାଇଦେଉଛି ଯେ, ଓଡ଼ିଶାର ଜନସାଧାରଣ ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବେ ନାହିଁ। ଟ୍ରମ୍ପଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାହୁସ୍ଫୋଟ ମାରୁଥିଲେ, ତାଙ୍କ ସରକାର ଓଡ଼ିଶାରେ ନାରୀ ଅସୁରକ୍ଷିତ ବୋଲି ତାଙ୍କ ମାର୍ଗଦର୍ଶିକାରେ କହିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ଆସନ୍ତା ବିଧାନସଭା ଅଧିବେଶନରେ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ କଂଗ୍ରେସ ଜୋରଦାର ବିରୋଧ କରିବ। ଯଦି ବିଜେଡି ନାରୀ ପ୍ରସଙ୍ଗରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ, ତେବେ ଆମେ ଅନାସ୍ଥା ଆଣିବୁ ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଓଡ଼ିଶାରେ ନାରୀ ନିର୍ଯାତନାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ହେଲେ ରାଜ୍ୟ ସରକାର ଅପରାଧୀଙ୍କୁ ଖୋଜି ପାଉନାହାନ୍ତି। ବିଜେଡି ଓ ଭାଜପା ଭିତରେ ସଲାସୁତୁରା ରହିଛି। ଯଦି ବାସ୍ତବରେ ବିଜେଡି ନାରୀଙ୍କୁ ନ୍ୟାୟ ଦେବାକୁ ଚାହୁଁଛି, ତେବେ ଅନାସ୍ଥା ଆଣୁ, କଂଗ୍ରେସ ସମର୍ଥନ ଦେବ ବୋଲି ତାରା କହିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ମହିଳା, ଛାତ୍ରୀ, ଶିଶୁଙ୍କ ସୁରକ୍ଷା ପ୍ରସଙ୍ଗରେ ସାରା ଭାରତରେ ଓଡ଼ିଶାର ମୁଣ୍ଡ ତଳକୁ ହୋଇଗଲାଣି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ପ୍ରସଙ୍ଗକୁ ସୁପ୍ରିମକୋର୍ଟ ଲଜ୍ଜାଜନକ ବୋଲି କହିଛନ୍ତି। ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ଆମେରିକା ସରକାର ମାର୍ଗଦର୍ଶିକା ଜାରି କରି ଓଡ଼ିଶାକୁ କେହି ନ ଯିବା ଲାଗି ତାଙ୍କ ଦେଶର ମହିଳାମାନଙ୍କୁ ପରାମର୍ଶନାମା ଜାରି କରିଛନ୍ତି। କେବଳ ରାଜ୍ୟ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏ ସରକାର ଓଡ଼ିଶାକୁ ବଦନାମ୍ କରିସାରିଲେଣି। ସାରା ଓଡ଼ିଶାରେ ଅନାସ୍ଥା ଭାବ ପ୍ରକାଶ ପାଇଛି। ବିଧାନସଭା ସେମାନେ ଡକାଇବା ପରେ ବିଭିନ୍ନ ଫର୍ମାଟରେ ବିରୋଧ କରାଯିବ। ମୁଲତବୀ ପ୍ରସ୍ତାବ ଆଣି କି ହେଉ ବା ୨ ଘଣ୍ଟିଆ ମୋଶନ ଆଲୋଚନା ଜରିଆରେ କିମ୍ବା ଅନାସ୍ଥା ପ୍ରସ୍ତାବ ଜରିଆରେ ଆମେ ସରକାରଙ୍କୁ ବିରୋଧ କରିବୁ ବୋଲି ଅରୁଣ କହିଛନ୍ତି।

ପଶ୍ଚିମ ଓଡ଼ିଶାର ଜଣେ ବିଜେଡି ବିଧାୟକ ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଭକ୍ତ ବଡ଼ିଆ ଜାଲ ଫିଙ୍ଗିଲେ। କାରଣ ସେ ଟୁଇଟ୍ ନୁହେଁ, ବାସ୍ତବ ରାଜନୀତି କରୁଛନ୍ତି। ନବୀନବାବୁ ସବୁ କଥାରେ ଖାଲି ଟୁଇଟ୍ କରିଦେଉଛନ୍ତି। ଟୁଇଟ୍‌ରେ କ'ଣ ରାଜନୀତି ହୁଏ। ବିଜେଡିକୁ ଧରା ପକାଇବାକୁ ଇଏ ଭକ୍ତଙ୍କ ଗୋଟେ ବଢ଼ିଆ ଗେମ୍। ଅନାସ୍ଥା ପ୍ରସ୍ତାବ ଆସିଲେ ସରକାରର କିଛି କ୍ଷତି ହେବନାହିଁ। ହେଲେ ଭାଜପା ସହିତ ବିଜେଡି ଯେଉଁ ମଧୁର ପ୍ରୀତି ରଖିଛି ସେକଥା ଧରାପଡ଼ିଯିବ। ୱାକଫ୍ ବିଲ୍ କ୍ଷେତ୍ରରେ ଯାହା ହେଲା ସେଇଆ ହିଁ ହେବ। କଂଗ୍ରେସର ଆହ୍ୱାନ ଯଦି ବିଜେଡି ମାନିନେବ, ସେମାନେ ରାଜନୈତିକ ଦୃଷ୍ଟିରୁ ଆଗରେ ରହିବେ। ବିଜେଡି ଯଦି କଂଗ୍ରେସ ପ୍ରସ୍ତାବକୁ ଅଣଦେଖା କରେ, ତେବେ ମଧ୍ୟ ସେମାନେ ଆଗରେ ରହିବେ। କାରଣ ଦିଲ୍ଲୀ ଭାଜପା ନେତାଙ୍କ ସହ ବିଜେଡିର ସମ୍ପର୍କ ବିଷୟରେ ସମସ୍ତେ ଜାଣନ୍ତି। ଓଡ଼ିଶା ବନ୍ଦ ଡାକରା ଦେଇ ଭକ୍ତ ରାଜନୈତିକ ଦୃଷ୍ଟିରୁ ଭଲ ଗୋଟିଚାଳନା କରିଥିଲେ ବୋଲି ସେ କହିଛନ୍ତି। ବରିଷ୍ଠ ବିଧାୟକ ବଦ୍ରିନାରାୟଣ ପାତ୍ର କହିଛନ୍ତି, ଅନାସ୍ଥା ପ୍ରସଙ୍ଗରେ ଦଳ ଯାହା ନିଷ୍ପତ୍ତି ନେବ। ବିଧାନସଭା କଥାରେ ସଭାପତିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ। କଂଗ୍ରେସ ଅନାସ୍ଥା ଆଣିଲେ ଆମ ଦଳ ସମର୍ଥନ କରିବ ବୋଲି ମନେହେଉନାହିଁ। ଆମ ଦଳ ଅନାସ୍ଥା ପ୍ରସ୍ତାବ ଆଣିପାରେ, ସେକଥା ସର୍ବସମ୍ମତି ପରେ ଜଣାପଡ଼ିବ।

### କଂଗ୍ରେସ ଦିବାସ୍ୱପ୍ନ ଦେଖୁଛି: ଆଇନ ମନ୍ତ୍ରୀ

କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆହ୍ୱାନକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜଳ ବିନା ଯେଭଳି ମାଛର ଅବସ୍ଥା, ଠିକ୍ ସେହିପରି କଂଗ୍ରେସ ଛଟପଟ ହେଉଛି। ଦୀର୍ଘଦିନ ଧରି କ୍ଷମତା ଅଳନ୍ଦିରୁ କଂଗ୍ରେସ ଦୂରରେ ଥିବାରୁ ଏବେ ଦିବାସ୍ୱପ୍ନ ଦେଖିବା ଆରମ୍ଭ କରିଦେଇଛି। ଯେଉଁ କଥାର କିଛି ମୂଲ୍ୟ ନାହିଁ, ସେଭଳି ଅବାସ୍ତବ କଥା କହି ଚର୍ଚ୍ଚାରେ ରହିବାକୁ କଂଗ୍ରେସ ଚାହୁଁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରିୟବନ୍ଧୁଙ୍କ ହସ୍ତକ୍ଷେପ ପାରିବାରିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ। ପାରିବେଶିକ ପରିସ୍ଥିତି ଓ ଦୁଷ୍ଟ ମାନସିକତା ଶାରୀରିକ ଦିଗ ପାଇଁ ଅନୁକୂଳ ନ ହୋଇପାରେ। ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଧର୍ମୀୟ ଭାବନା, ବନ୍ଧୁମିଳନ ଓ ପ୍ରତ୍ୟୁଷ ଯାତ୍ରା ମନକୁ ପ୍ରଭାବିତ କରିବ। ବ୍ୟବସାୟ, ପରିବହନ କ୍ଷେତ୍ରରେ ସଫଳତାର ଆଶା ରହିଛି।

**ବୃଷ** କର୍ମକ୍ଷେତ୍ରରେ ଆଲୋଚନାନୁଯାୟୀ ସହମତିରେ କାର୍ଯ୍ୟସାଧନ କରିପାରିବା କଷ୍ଟକର ହୋଇପାରେ। ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ପାରିବାରିକ ସମସ୍ୟା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସୂଚନା ରହିଛି।

**ମିଥୁନ** ଆବଶ୍ୟକତା ପୂରଣ ପରିପ୍ରେକ୍ଷୀରେ ଧାରକରଜ କିମ୍ବା ବ୍ୟାଙ୍କଲୋନ୍ ମାଧ୍ୟମରେ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ଔଷଧ କ୍ରୟ, ଡାକ୍ତର ଫି' କିମ୍ବା ଶାରୀରିକ ପରୀକ୍ଷାଜନିତ ବ୍ୟୟ ମଧ୍ୟ କରିପାରନ୍ତି। ସାଧାରଣ ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ ଅପପ୍ରଚାର ଚଳାଇପାରନ୍ତି। ବିବାଦୀୟ ପରିସ୍ଥିତି କିମ୍ବା ମକଦ୍ଦମାରେ ସ୍ଥିତି ଅନୁକୂଳ ହେବ।

**କର୍କଟ** ପରିସ୍ଥିତିର ଗୁରୁତ୍ୱକୁ ହୃଦୟଙ୍ଗମ କରି ବନ୍ଧୁଙ୍କୁ ଅର୍ଥସାହାଯ୍ୟ ପ୍ରଦାନ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭର ସୌଭାଗ୍ୟ ପାଇବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିବାରୁ ମନ ସାମୟିକ ବିଚଳିତ ରହିପାରେ।

**ସିଂହ** ପରିବାରର ସମ୍ମତିକ୍ରମେ ପୁରୁଣା ଘର, ଯାବାହନ କ୍ରୟବିକ୍ରୟ ପାଇଁ ମନସ୍ଥ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିଜନିତ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭା ସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା** ଆଜିର ଗ୍ରହସ୍ଥିତି ଆପଣଙ୍କୁ ପାରିବାରିକ ସୁଖସମ୍ମାନ ଏବଂ କର୍ମକ୍ଷେତ୍ରରେ ଗୌରବ ପ୍ରଦାନ କରିବ। ସାମାଜିକ, ପରିବହନ, ଲୋକସମ୍ପର୍କ ଦିଗ ପ୍ରତି ଗ୍ରହସ୍ଥିତି ପ୍ରତିକୂଳ ରହିବ। ଏଜେନ୍ସିପ୍,ସାମ୍ବାଦିକତା, ଶିକ୍ଷା, ପ୍ରକାଶନ, ପ୍ରଶାସନ ଓ ଆଇନ ଅଦାଲତରୁ ସୁଫଳ ପାଇବେ। ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ତୁଳା** ସମସ୍ୟା ରହିଥିଲେ ମଧ୍ୟ କାର୍ଯ୍ୟହାସଲ ସକାଶେ ଚେଷ୍ଟା ଅବ୍ୟାହତ ରହିବ। ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବ୍ୟବସାୟ, ଦୂରଯାତ୍ରା, ଆନୁଷ୍ଠାନିକ କାମ ଏବଂ ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ବିଛା** ବିଚାରବିହୀନ କାମ କରିବା ଦ୍ୱାରା ଧନହାନି ଓ ସମସ୍ୟା ଆସିପାରେ। ତଥାପି ଆପଣଙ୍କର କୌଣସି କାମ ଅଟକି ରହିବାର ସୂଚନା ନାହିଁ କହିଲେ ଚଳେ। ଧର୍ମକାର୍ଯ୍ୟ, ବନ୍ଧୁମିଳନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରଭୃତିରୁ ସଫଳତା ନିଶ୍ଚିତ ମିଳିବ। ଖଳ ପ୍ରକୃତିର ବନ୍ଧୁଙ୍କ ଦ୍ୱାରା କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

**ଧନୁ** ସମସ୍ୟା ଭିତରେ ମାନସିକ ଦୁଶ୍ଚିନ୍ତା ବଢିଚାଲିଥିଲେ ମଧ୍ୟ କର୍ମକ୍ଷେତ୍ରରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଆଲୋଚନାରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ତଥାପି ଦୈହିକ ଦୁର୍ବଳତା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିପାରେ।

**ମକର** ପାରିବାରିକ କ୍ଷେତ୍ରରେ ଅସୁବିଧା ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ଆଜି କୌଣସି କାମ ଅଟକିବ ନାହିଁ ମାତ୍ର ସବୁ କାମରେ ଟେନ୍ସନ ରହିବ। ବୁଝାମଣା ଠିକ୍ ନ ରହିବାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଶିକ୍ଷା, ପରୀକ୍ଷା, ସନ୍ତାନ, ଲେଖାପଢ଼ା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ପରିବାରରେ ଅର୍ଥ ସମ୍ପର୍କକୁ ନେଇ ବିବାଦର ଆଶଙ୍କା ରହିଛି। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରିବାକୁ ଯାଇ ପରିଜନଙ୍କ ସହ ଯାତ୍ରା କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ମଧ୍ୟସ୍ଥତା ପୂର୍ବକ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବାଣିଜ୍ୟ, ପରିବହନ, ସଭାସମିତି, ଆଲୋଚନାଦି କ୍ଷେତ୍ରରେ ସମସ୍ୟା ସମାଧାନ କରିପାରିବେ।

**ମୀନ** ନିଜ ପରିସରରେ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଲାଭକରି କାର୍ଯ୍ୟହାସଲ କରିବେ। ସାମାଜିକ ସମ୍ମାନ ସହ ଅଭିଳଷିତ ଜିନିଷ ପ୍ରାପ୍ତି ମନକୁ ଖୁସି କରାଇଦେବ। ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତାରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନ୍‌ସନ୍ କମିଯିବ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ଆଶଙ୍କା ରହିଛି।

ଆଜି ଜୁଲାଇ ୨୪ ତାରିଖ, ଆୟକର ଦିବସ, ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟା ଗୁରୁବାର, ଶ୍ରୀମନ୍ଦିରରେ ଚିତ୍ରକପର୍ବ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁବର୍ଣ୍ଣ ଚିତାଲାଗି, ଚାତୁର୍ମାସ୍ୟା ଗୁରୁବାରବ୍ରତ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ। ଦିବା ଘ.୧୦.୫୯ ମି. ଗତେ କର୍କଟଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୩ ଗତେ ଘ.୦୭.୦୭ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୩୦ ଗତେ ଘ.୦୩.୦୮ ମଧ୍ୟେ ରାହୁ କାଳ ।

# ବୋଲବମ୍ ହେଉ, ପ୍ରଦୂଷଣ ନ ହେଉ

**ଶ୍ରାବଣ ମାସ ଅବସରରେ ଏବେ ଶୈବପୀଠରେ କାଉଡ଼ିଆମାନେ ଜଳଲାଗି କରୁଛନ୍ତି। ଦିନକୁ ଦିନ କାଉଡ଼ିଆଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ସାରା ରାଜ୍ୟର ବିଭିନ୍ନ ରାସ୍ତାରେ ଏମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଜଳ ଅଣାଯାଉଥିବା ନଦୀଘାଟ, ଶୈବପୀଠ ନିକଟ ତଥା ରାସ୍ତା କଡ଼ରେ କାଉଡ଼ିଆ, ଏମାନଙ୍କୁ ସେବା ଯୋଗାଉଥିବା ତଥା ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କ ଯୋଗୁ ସୃଷ୍ଟ ଆବର୍ଜନା ପ୍ରଦୂଷଣ ବଢ଼ାଉଥିବା ନେଇ କେତେକେ ପ୍ରଶ୍ନ ଉଠାଉଛନ୍ତି। ବୋଲ୍‌ବମ୍ ହେଉ, କିନ୍ତୁ ପରିବେଶର ସୁରକ୍ଷା ହେଉ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।**



କଟକ ଗଡ଼ଗଡ଼ିଆ ଘାଟରୁ ଜଳ ଉଠାଇବା ପରେ ଗତ ମଙ୍ଗଳବାର ପଡ଼ିରହିଥିବା ଆବର୍ଜନା।

## ପଲିଥିନ୍‌ର ବିକଳ୍ପ ବ୍ୟବସ୍ଥା ହେଉ



କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଦେଇ ପ୍ରବାହିତ ବୈତରଣୀ ନଦୀ ପରମେଶ୍ୱର ମନ୍ଦିର ସଂଲଗ୍ନ ଅନସୂୟା ଘାଟରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ରାଜ୍ୟରୁ କାଉଡ଼ିଆମାନେ ଆସି ପାଣି ଉଠାଉଛନ୍ତି। ତେଣୁ ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପାଣି ଉଠାଇବା ପରେ ଘାଟ ନିକଟରେ ପଲିଥିନ୍ ଓ ଅନ୍ୟାନ୍ୟ ବର୍ଜ୍ୟ ପଡ଼ି ରହୁଛି। ଫଳରେ ପରିବେଶ ପ୍ରଦୂଷଣ ହେବା ସାଙ୍ଗକୁ ପଲିଥିନ୍ ଭାସୁଥିବାରୁ ନଦୀଜଳ ମଧ୍ୟ ଦୂଷିତ ହେଉଛି। ସରକାର ପଲିଥିନ୍‌କୁ କଡ଼ାକଡ଼ି ଭାବେ ବେଆଇନ କରିବା ସହ ଏହାର ବିକଳ୍ପ ଉପରେ ଗୁରୁତ୍ୱ ଦେବା ଦରକାର। ଆଉ ଏହାକୁ ନେଇ ସାଧାରଣ ଜନତା ମଧ୍ୟ ସଚେତନ ହେବା ଆବଶ୍ୟକ।

- କମଳାକାନ୍ତ ପତି, ସମ୍ପାଦକ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ, ପାଟଣା, କେନ୍ଦୁଝର

## କାଉଡ଼ିଆଙ୍କୁ ସଚେତନ କରାଯାଉ



ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଥିଲେ ମଧ ଶ୍ରାବଣୀ ଭାରରେ ପ୍ଲାଷ୍ଟିକ ପାତ୍ର, ଫୁଲ, ପଲିଥିନ ବ୍ୟବହାର କରାଯାଉଛି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ପ୍ରଶାସନ ଏଥିପ୍ରତି ସଜାଗ ହେବା ଆବଶ୍ୟକ। ମନ୍ଦିର ଭିତରକୁ ପଲିଥିନ, ପ୍ଲାଷ୍ଟିକ ନେବା ଉପରେ ମନ୍ଦିର କମିଟି ଓ ପ୍ରଶାସନ ପକ୍ଷରୁ କଟକଣା ରହୁ। କାଉଡ଼ିଆଙ୍କୁ ପୂର୍ବରୁ ଏନେଇ ସଚେତନ କରାଯାଉ। ମନ୍ଦିରଠାରୁ ଅନତି ଦୂରରେ ସବୁ ବର୍ଜ୍ୟବସ୍ତୁକୁ ନଷ୍ଟ କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ।

- ନିରନ ନାୟକ, ପରିବେଶବିତ୍, ଭଦ୍ରକ

## ନଦୀକୂଳ, ମନ୍ଦିର ପରିସର ସଫା ରହୁ



ଶ୍ରାବଣ ଧର୍ମର ମାସ। ଏହି ମାସରେ ଶିବଙ୍କ ଜଳାଭିଷେକ କରିବା ବିଧି ରହିଛି। କାଉଡ଼ିଆମାନେ ନଦୀରୁ ପାଣି ଉଠାଇବାଠାରୁ ଆରମ୍ଭ କରି ମନ୍ଦିର ପହଞ୍ଚିବା ପର୍ଯ୍ୟନ୍ତ ପ୍ରଦୂଷଣ ପ୍ରତି ଧ୍ୟାନ ଦେବା ଦରକାର। ମନ୍ଦିରରେ ପାଣି ଢାଳିବା ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କଳସ ରଖିବା ଉଚିତ। ସେହିପରି ନଦୀରୁ ପାଣି ଉଠାଇବା ପରେ ପୂଜା ସାମଗ୍ରୀ ଆଦି ଗୋଟିଏ ସ୍ଥାନରେ ରଖିବା ଉଚିତ। ସେହିଭଳି ରାସ୍ତାରେ ଯିବା ବେଳେ ଯେଉଁଠି ରହୁଛନ୍ତି ସେହି ସ୍ଥାନକୁ ବି ଅପରିଷ୍କାର ନ କରିବା ଉଚିତ।

- ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ୍, ବ୍ରହ୍ମପୁର

## ରାସ୍ତାରେ ଡିଜେ ଗ୍ରହଣୀୟ ନୁହେଁ



ମହାଦେବ ଶିବ ହେଲେ ଶାନ୍ତିପ୍ରିୟ। କିନ୍ତୁ ଶ୍ରାବଣ ମାସରେ କାଉଡିଆମାନେ ନଦୀରୁ ପାଣି ଉଠାଇ ଜଳାଭିଷେକ ପାଇଁ ଗଲାବେଳେ ରାସ୍ତାରେ ସେମାନଙ୍କ ଗାଡ଼ି ଡିଜେ ବଜାଇ ଯାଉଛି। କାଉଡିଆଙ୍କୁ ଯେଭଳି ଉଗ୍ର ଆଧୁନିକତା ଛୁଇଁଛି ସେଭଳି ମନେହୁଏ। ରାସ୍ତାରେ କର୍କଶ ଡିଜେ ଶବ୍ଦରେ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେଉଛି। ନଦୀନାଳ ପୁଷ୍କରିଣୀରେ ଗୋଷ୍ଠୀ ସ୍ନାନ କରିବାବେଳେ ପୋଖରୀ ତଥା ପରିବେଶ ଦୂଷିତ ହେଉଛି। ସେଥିପ୍ରତି ସଚେତନ ରହିବା ଜରୁରୀ।

- ସାଗର ରଞ୍ଜନ ତ୍ରିପାଠୀ, ଆୟୁର୍ବେଦିକ ଡାକ୍ତର, ବ୍ରହ୍ମପୁର

## ବୋଲ୍‌ବମ୍‌ରେ ଡିଜେ ସଂସ୍କୃତିକୁ ରୋକାଯାଉ



ଶ୍ରାବଣ ମାସରେ ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଜଳଲାଗି କରୁଛନ୍ତି। ଏଥିପାଇଁ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପ୍ରତିବର୍ଷ ବଢୁଛି। ମନ୍ଦିର କର୍ତ୍ତୃପକ୍ଷ ଜଳଲାଗି ପାଇଁ ଅର୍ଥ ନେଉଛନ୍ତି। ତେବେ ସେହି ତୁଳନାରେ ପ୍ରଦୂଷଣ ପରିଚାଳନାକୁ ଗୁରୁତ୍ୱ ଦିଆଯାଉନାହିଁ। ମନ୍ଦିର ଆଖପାଖରେ ପଲିଥିନ୍, ବିଭିନ୍ନ ପ୍ଲାଷ୍ଟିକ୍ ସାମଗ୍ରୀ ସହିତ କୃତ୍ରିମ୍ ଫୁଲ ଓ ବର୍ଜବସ୍ତୁ ଏଣେତେଣେ ପଡିରହୁଛି। ମହିଳା ବୋଲ୍‌ବମ୍ ଯାତ୍ରୀଙ୍କ ସ୍ନାନ ଶୌଚ ପାଇଁ ଉପଯୁକ୍ତ ଶୌଚାଳୟ ବ୍ୟବସ୍ଥା ନାହିଁ। ସମ୍ପ୍ରତି ଏହି ବୋଲ୍‌ବମ୍ ସଂସ୍କୃତିରେ ଡିଜେ ଧସେଇ ପଶିଛି। ଡିଜେର ଉଚ୍ଚ ସ୍ୱର ରୋଗୀ,ଶିଶୁ ଓ ବୃଦ୍ଧାବୃଦ୍ଧଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସେହିପରି ଡିଜେ ସଙ୍ଗୀତରେ ଭଜନ ଜଣାଣ ନାମରେ ଦ୍ୱିଅର୍ଥବୋଧକ ଗୀତ ବଜାଯାଉଛି। ଏହା ଆଧ୍ୟାତ୍ମିକ ଭାବନାକୁ ଆଘାତ ଦେବା ସହିତ ଶ୍ରୁତିକଟୁ ହେଉଛି। ଅନ୍ୟ ପ୍ରଦୂଷଣ ବନ୍ଦ ପାଇଁ ସଚେତନତା ସୃଷ୍ଟି ସହିତ ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଡିଜେ ସଂସ୍କୃତିକୁ ରୋକାଯାଉ।

- ଅମରବର ବିଶ୍ୱାଳ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

## ମାଟି କିମ୍ବା ଧାତୁ ନିର୍ମିତ ପାତ୍ର ବ୍ୟବହାର କରାଯିବା ଉଚିତ



ଶ୍ରାବଣ ମାସରେ ମହାପ୍ରଭୁ ଶିବଙ୍କ ନିକଟରେ ଜଳଲାଗି କରିବା ଭଲ। ପୂର୍ବରୁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ରରେ ଶ୍ରଦ୍ଧାଳୁମାନେ ଜଳଲାଗି କରିବା ପାଇଁ ଜଳ ନେଉଥିଲେ। ସେତେବେଳେ ପ୍ଲାଷ୍ଟିକ ପ୍ରଚଳନ ହେଉ ନ ଥିଲା। ବର୍ତ୍ତମାନ ପ୍ଲାଷ୍ଟିକ୍‌ର ପ୍ରଚଳନ ବହୁଳ ଭାବରେ ହେବାରୁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ରକୁ ବ୍ୟବହାର କରାଯାଉନାହିଁ। ଯେଉଁଠି ସବୁଜିମା ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଶୈବପୀଠଗୁଡିକ ରହିଛି, ସେଠାରେ ବହୁଳ ଭାବରେ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ପରିବେଶ ଦୂଷିତ ହେବା ସହିତ ପ୍ରଦୂଷଣ ବଢୁଛି। ପରିବେଶର ସୁରକ୍ଷା ପାଇଁ ଏହାକୁ ରୋକାଯିବା ଜରୁରୀ। ତେଣୁ ପୂର୍ବଭଳି ଜଳଲାଗି ପାଇଁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ର ବ୍ୟବହାର କରାଯିବା ଉଚିତ।

- ଦେବବ୍ରତ ପଟ୍ଟନାୟକ, ବୁଦ୍ଧିଜୀବୀ, ଢେଙ୍କାନାଳ

## ସଚେତନତା ହିଁ ମହୌଷଧି



ବୋଲ୍‌ବମ୍ ଭକ୍ତମାନେ ନଦୀରେ ସ୍ନାନ କରି ପାଣି ଉଠାନ୍ତି, ନଦୀଘାଟରେ ପୂଜାର୍ଚ୍ଚନା କରନ୍ତି, ବାଟରେ ଖାଦ୍ୟ ଗ୍ରହଣ କରନ୍ତି। ଏଥିପାଇଁ ସେହି ସ୍ଥାନ କିଛିଦିନ ହେବ ପ୍ରଦୂଷିତ ହେଉଛି। କାଉଡ଼ିଆଙ୍କ ପାଇଁ ଖୋଲିଥିବା ଦୋକାନ ଓ ଆଶ୍ରୟ ସ୍ଥଳ ଏବଂ ମନ୍ଦିରରେ ବି ସେହି ଅବସ୍ଥା। ପଲିଥିନ୍, ପ୍ଲାଷ୍ଟିକ ସାମଗ୍ରୀ ସହିତ ଅନ୍ୟାନ୍ୟ ବର୍ଜ୍ୟବସ୍ତୁରେ ସବୁ ସ୍ଥାନ ପୂରି ରହିଛି। ସେହିପରି ବହୁ ବୋଲବମ୍ ଭକ୍ତ ଡିଜେ ବଜାଇ ବାଟ ଚାଲୁଥିବାରୁ ଶବ୍ଦ ପ୍ରଦୂଷଣ ସୃଷ୍ଟି ହେଉଛି। ଏଥିପାଇଁ ସମସ୍ତେ ସଚେତନ ହେବା ଉଚିତ୍। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଳିଆ ପକାଯାଉ। ଆବର୍ଜନା ପଡୁଥିବା ଅଞ୍ଚଳକୁ ଚିହ୍ନଟ କରି ପଞ୍ଚାୟତ ଓ ପୌରାଞ୍ଚଳ ପକ୍ଷରୁ ଡଷ୍ଟବିନ ରଖନ୍ତୁ। ପରିବେଶ ପ୍ରଦୂଷଣକୁ ରୋକିବାକୁ ସ୍ୱେଚ୍ଛାସେବୀ ସଙ୍ଗଠନ, ପୋଲିସ ଓ ପ୍ରଶାସନ ସ୍ୱତନ୍ତ୍ର ନଜର ରଖିବା ଦରକାର। ଧାର୍ମିକ ପରିବେଶରେ ଡିଜେ ବ୍ୟବହାରକୁ ବାରଣ କରାଯାଉ। ବିଶେଷକରି ସମସ୍ତେ ସଚେତନ ରହିଲେ ଏପରି ପ୍ରଦୂଷଣକୁ ରୋକାଯାଇପାରିବ।

- ଡ. କୈଳାସ ବାଣ୍ଡ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ, ନୟାଗଡ଼

## ସରକାର ପ୍ରତିକାର ବ୍ୟବସ୍ଥା କରନ୍ତୁ



ପୌରାଣିକ ଯୁଗରୁ ବୋଲ୍‌ବମ୍ ପରମ୍ପରା ଚାଲି ଆସୁଛି। ଭକ୍ତମାନଙ୍କ ମଧ୍ୟରେ ଏଥିପାଇଁ ଉତ୍ସାହ ରହିଛି। ତେବେ ଏହି ସମୟରେ ନଦୀନାଳ, ପୋଖରୀ, ଶୈବପୀଠ ଓ ରାସ୍ତାଘାଟରେ ଉତ୍କଟ ପ୍ରଦୂଷଣ ସୃଷ୍ଟି ହେଉଛି। ଏପରି କି ଜଳଉତ୍ସଗୁଡ଼ିକରେ ବିଭିନ୍ନ ସାମଗ୍ରୀ ପଡ଼ି ପ୍ରଦୂଷିତ ହୋଇଥିବାରୁ ଶିବଙ୍କ ଲିଙ୍ଗରେ ଢାଳିବାକୁ ନିର୍ମଳ ଜଳ ମିଳିବା କଷ୍ଟକର ହେଉଛି। ତେଣୁ ସରକାର ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରନ୍ତୁ। ସମସ୍ତେ ପ୍ରଦୂଷଣ ରୋକିବା ପାଇଁ ସଚେତନ ରୁହନ୍ତୁ। ରାସ୍ତାରେ ଦଳ ଦଳ ହୋଇ ଆସୁଥିବା ବୋଲ୍‌ବମ୍ ଯାତ୍ରୀଙ୍କ ପାଇଁ ଦୁର୍ଘଟଣା ରୋକିବା ପାଇଁ ପୋଲିସ ବିହିତ ପଦକ୍ଷେପ ନେବା ଜରୁରୀ। କାଉଡ଼ିଆଙ୍କ ପାଇଁ ବିଭିନ୍ନ ସ୍ଥାନରେ ଛାମୁଡ଼ିଆ ବ୍ୟବସ୍ଥା ସହିତ ବର୍ଜବସ୍ତୁ ପକାଇବା ପାଇଁ ଡଷ୍ଟବିନ୍‌ର ବ୍ୟବସ୍ଥା ହେବା ଦରକାର।

- ମାନସ ରଞ୍ଜନ ସାମଲ, ଆଇନଜୀବୀ, ଯାଜପୁର ରୋଡ଼

## ବାହାରେ ଫିଙ୍ଗୁଛନ୍ତି ପ୍ଲାଷ୍ଟିକ୍ ସାମଗ୍ରୀ, ପଲିଥିନ



ବର୍ତ୍ତମାନ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଶ୍ରାବଣ ମାସ ସୋମବାର ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ ଭିଡ଼ କରୁଛନ୍ତି। କିନ୍ତୁ ମହାଦେବଙ୍କୁ ଜଳଲାଗି କରିସାରିଲା ପରେ ମାଟି କଳସ, ପ୍ଲାଷ୍ଟିକ୍ କଳସ, ବାହୁଙ୍ଗିରେ ଲାଗିଥିବା ପ୍ଲାଷ୍ଟିକ୍ ସାମଗ୍ରୀ, ପଲିଥିନ ସମେତ ସାଲୁ କପଡ଼ା ଓ ସବୁ ବାହାରେ ଫିଙ୍ଗିଦେଉଛନ୍ତି। ସେଗୁଡିକ ଗଦା ହୋଇ ରହୁଛି। ଏଗୁଡିକୁ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର ସହ ଠିକ୍ ପରିଚାଳନା ଅଥବା ନଷ୍ଟ କରାଯାଉ ନ ଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ପରିବେଶ ସୁରକ୍ଷା ପ୍ରତି ଆମ ପ୍ରତ୍ୟେକଙ୍କ ଗୁରୁଦାୟିତ୍ୱ ରହିଛି। ବୋଲବମ ଭକ୍ତ ହୁଅନ୍ତୁ କିମ୍ବା ସରକାର ପ୍ରତ୍ୟେକ ଏଥିପ୍ରତି ଯତ୍ନବାନ୍ ହେବା ଜରୁରୀ ହୋଇପଡିଛି। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ମିଳିତ ଭାବେ ପରିବେଶ ସୁରକ୍ଷା ଦିଗରେ କାମ କରିବାକୁ ହେବ।

- ପ୍ରଦୀପ୍ତ ସାହୁ, ପୂର୍ବତନ ପାରିଷଦ, ୱାର୍ଡ ସଂଖ୍ୟା ୯, ଜଗତ୍‌ସିଂହପୁର ପୌର ପରିଷଦ

## ସେବା ପରେ ଅଇଁଠାପତ୍ର, ବୋତଲ ଏଣେତେଣେ ନ ପକାଇବା ଜରୁରୀ



ଶ୍ରାବଣ ମାସରେ ଶିବ ଭକ୍ତି ଉତ୍ତମ କଥା। ଏହି ସମୟରେ ଅନେକେ ସେବା ଯୋଗାଇବାକୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଉଛନ୍ତି। କିନ୍ତୁ ଖାଇବା ପରେ ଖଲି ଓ ପାଣି ବୋତଲ ଏଣେତେଣେ ଫୋପଡ଼ାଯାଉଛି। ଏହାଦ୍ୱାରା ପରିବେଶ ଦୂଷିତ ହେଉଛି। ଏଥିପ୍ରତି ପ୍ରସାଦ ବଣ୍ଟନ ପରିଚାଳନା କମିଟି ତଥା ଶିବ ଭକ୍ତବୃନ୍ଦ ସଚେତନ ହେବା ଉଚିତ। ପ୍ଲାଷ୍ଟିକ୍ ବୋତଲ ମାଟିରେ ମିଶୁନାହିଁ। ଖଲିଗୁଡ଼ିକ ଗୋରୁ ଖାଇ ରୋଗାକ୍ରାନ୍ତ ହେଉଛନ୍ତି। ସମସ୍ତ ଅଇଁଠା ଖଲି ଓ ପାଣି ବୋତଲକୁ ଏଣେତେଣ ନ ପକାଇ ଏକାଠିକରି ସଫେଇ ଗାଡ଼ିରେ ଦେବା ଜରୁରୀ। ଏ ଦିଗରେ ପ୍ରସାଦ ବଣ୍ଟନ କମିଟି ସଚେତନ ହେବା ମଧ ଜରୁରୀ।

- ଦିବ୍ୟରଞ୍ଜନ ପାତ୍ର, ଆଇନଜୀବୀ, ନବରଙ୍ଗପୁର

## ସଚେତନ ହେବାର ବେଳ



ଶ୍ରାବଣ ମାସରେ କାଉଡ଼ିଆମାନେ ସହସ୍ରାଧିକ ସଂଖ୍ୟାରେ ବିଭିନ୍ନ ଶୈବପୀଠକୁ ଯାଇ ଠାକୁରଙ୍କ ନିକଟରେ ଜଳଲାଗି କରୁଛନ୍ତି। ଏହା ସେମାନଙ୍କ ଧାର୍ମିକ ଆସ୍ଥା ଓ ବିଶ୍ୱାସର କଥା। ତେବେ ଅନେକ ସମୟରେ କାଉଡିଆମାନଙ୍କ ଦ୍ୱାରା ବ୍ୟବହୃତ ପ୍ଲାଷ୍ଟିକ୍ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ପରିବେଶ ପ୍ରଦୂଷଣର କାରଣ ପାଲଟୁଥିବା ଦେଖିବାକୁ ମିଳୁଛି। ମନ୍ଦିର ପରିସର, ନଦୀ, ନାଳ ପ୍ରଦୂଷିତ ହେବା ଦେଖାଯାଉଛି। ଏଥିପ୍ରତି କାଉଡିଆ ଭାଇମାନେ ସଚେତନ ହେବାର ଆବଶ୍ୟକତା ରହିଛି। ବର୍ତ୍ତମାନ ପରିବେଶ ଅତି ସମ୍ବେଦନଶୀଳ ସ୍ଥିତିରେ ରହିଛି। ପରିବେଶ ପ୍ରଦୂଷଣକୁ ରୋକିବା ଜୀବଜଗତ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପଡିଛି। ଶ୍ରାବଣ ମାସରେ ଶିବଙ୍କୁ ଜଳ ଅର୍ପଣକଲେ ପୁଣ୍ୟ ମିଳୁଥିବା ବିଶ୍ୱାସ କରାଯାଏ। ତେବେ ଆମ ସମାଜରେ ନଦୀ ଓ ବୃକ୍ଷକୁ ବି ଦେବତା ଭାବେ ଗଣାଯାଏ। ପ୍ରଦୂଷଣମୁକ୍ତ ନଦୀରୁ ବୃକ୍ଷ ଦେବତାଙ୍କୁ ଜଳ ଅର୍ପଣ କରି ଜଙ୍ଗଲ ବଞ୍ଚାଇବା ଆହ୍ୱାନ ପାଲଟିଛି। ଏ ଦିଗରେ ସଚେତନ ହେଲେ ସମସ୍ତଙ୍କର ମଙ୍ଗଳ ହେବ।

- କୁଳମଣି ସାହୁ, ଆବାହକ, ଜିଲା ଜଙ୍ଗଲ ସୁରକ୍ଷା ପରିଚାଳନା ଫୋରମ, ବଲାଙ୍ଗୀର

## ବର୍ଜ୍ୟବସ୍ତୁର ସୁପରିଚାଳନା କଲେ ପରିବେଶ ସୁସ୍ଥ ରହିବ



ଶ୍ରାବଣ ମାସରେ ସବୁଆଡ଼େ ଏବେ କାଉଡ଼ିଆମାନଙ୍କ ଭିଡ଼ ଲାଗି ରହିଛି। ପତ୍ରପୁଷ୍ପ ଆଦି ପୂଜା ସାମଗ୍ରୀ ସହିତ ପାତ୍ରରେ ଜଳ ଧରି ଶିବଙ୍କ ଆରାଧନା ପାଇଁ ସେମାନେ ମନ୍ଦିରରେ ପହଞ୍ଚି ସମସ୍ତଙ୍କ ହୃଦୟରେ ଧାର୍ମିକ ଭାବନା ଜାଗ୍ରତ କରିଥାନ୍ତି। ପତ୍ର ପୁଷ୍ପ ଆଦି ଜୈବିକ ପଦାର୍ଥ ଜୈବକ୍ଷୟକ୍ଷମ କିନ୍ତୁ ପ୍ଲାଷ୍ଟିକ ନିର୍ମିତ ପଦାର୍ଥ ସହଜରେ ମୃତ୍ତିକାରେ ମିଶି ନଥାଏ ତେଣୁ ତାହା ଜୈବକ୍ଷୟ ଅକ୍ଷମ। ପଲିଥିନ, ପ୍ଲାଷ୍ଟିକ ବୋତଲ ଆଦି ମାଟିରେ ଧୀରେ ଧୀରେ ମିଶିଥାଏ। ସେଥିରୁ ଉତ୍ପନ୍ନ ମାଇକ୍ରୋପ୍ଲାଷ୍ଟିକ ଜୀବମାନଙ୍କର ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ସମଗ୍ର ଜୀବ ଜଗତର କ୍ଷତି ଘଟାଇଥାଏ। ଜଳର ନିମ୍ନସ୍ତରରେ ଏହା ଜମି ରହିଲେ ଜଳ ଭୂତଳ ଜଳସ୍ତର ବୃଦ୍ଧି କରିବାରେ ବାଧା ସୃଷ୍ଟି କରିଥାଏ। ତେଣୁ ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରଖିବା ପାଇଁ ସମସ୍ତ ଦେବାଳୟଗୁଡ଼ିକରେ ବର୍ଜ୍ୟବସ୍ତୁର ସୁପରିଚାଳନା କଲେ ପରିବେଶର କୌଣସି କ୍ଷତି ହେବ ନାହିଁ।

- ସଞ୍ଜୟ ଖମାରୀ, ପରିବେଶବିତ୍, ବରଗଡ଼

## ସେବା ଯୋଗାଉଥିବା ସଂସ୍ଥା ପରିଚ୍ଛନ୍ନ କରିବା ଆବଶ୍ୟକ



ଶ୍ରାବଣ ମାସରେ ବିଭିନ୍ନ ଶୈବପୀଠରେ ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଭିଡ଼ ଜମୁଛି। ବୋଲବମ୍ ଭକ୍ତଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ରାସ୍ତା ପାର୍ଶ୍ୱରେ, ମନ୍ଦିର ନିକଟରେ ପ୍ରସାଦ ସେବନ, ପାଣି ବୋତଲ ବ୍ୟବସ୍ଥା କରାଯାଉଛି। ହେଲେ ପ୍ରସାଦ ସେବନ ପରେ ଖଲି, ଦନା, ପାଣି ବୋତଲ ଉଚିତ୍ ସ୍ଥାନରେ ନ ଫିଙ୍ଗି ଏଣେତେଣେ ଫୋପାଡି ଚାଲିଯାଉଥିବାରୁ ରାସ୍ତା କଡ଼ ଏବଂ ପୀଠ ଅଞ୍ଚଳ ପ୍ରଦୂଷିତ ହେଉଛି। ତେଣୁ ସେବା ଯୋଗାଉଥିବା ସଂସ୍ଥା, ମନ୍ଦିର ପରିଚାଳନା କମିଟି ଏହାକୁ ସଫାସୁତରା କରିବା ଆବଶ୍ୟକ।

- ମାନସ ରଞ୍ଜନ ନାୟକ, ବ୍ୟବସାୟୀ, ରାୟଗଡ଼ା

## ଆଇନ ଭାଙ୍ଗୁଛନ୍ତି ଅମାନିଆ ଭକ୍ତ



ପ୍ରତିବର୍ଷ ଶ୍ରାବଣ ମାସର ପ୍ରତିଟି ସୋମବାର ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତ ଜଳ ନେଇ ଏକାମ୍ର କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠକୁ ଆସିଥାନ୍ତି। ସେଥିମଧ୍ୟରୁ ଅନେକ ଭକ୍ତ ସାଥିରେ ପ୍ଲାଷ୍ଟିକ୍ କଳସ, ପଲିଥିନ୍ ଜରିରେ ଭୋଗ, ଶିକା କାଟିବା ପାଇଁ ଧାରୁଆ ବ୍ଲେଡ୍, ଛୁରି ଓ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ(ଗଞ୍ଜେଇ, ଗୁଟ୍‌ଖା, ପାନ, ବିଡ଼ି, ସିଗାରେଟ୍ )ଆଦି ଅଣ୍ଟାରେ ଖୋସି ମନ୍ଦିର ଭିତରକୁ ଅତି ସହଜରେ ପ୍ରବେଶ କରିଥାନ୍ତି। ପ୍ରତିବର୍ଷ ମନ୍ଦିରର କର୍ତ୍ତୃପକ୍ଷ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରିକରିଥାନ୍ତି। ସବୁ ପରେ ବି କେତେଜଣ ଅମାନିଆ ଭକ୍ତ ଆଇନକୁ ଭାଙ୍ଗୁଛନ୍ତି। ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସରକାର କଟକଣା ଜାରି କରିଥିଲେ ସୁଦ୍ଧା ଧାର୍ମିକ ସ୍ଥଳଗୁଡ଼ିକରେ ଏହି କଟକଣାକୁ ଅଧିକ କଡ଼ାକଡ଼ି କରନ୍ତୁ। ଏଥିଲାଗି ରାଜ୍ୟ ପ୍ରଦୂଷଣ ବୋର୍ଡ ଏହା ଉପରେ ତୀକ୍ଷ୍ଣ ନଜର ରଖି ଉଲ୍ଲଂଘନକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯାଉ।

- ସୁଶାନ୍ତ ସାହୁ, ପରିବେଶ କର୍ମୀ, ଭୁବନେଶ୍ୱର

## ମନ୍ଦିର ପ୍ରଶାସନ ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଅନ୍ତୁ



ଶ୍ରାବଣ ମାସରେ ମହାଦେବଙ୍କୁ ସନ୍ତୁଷ୍ଟ କରିବା ଲାଗି ବର୍ଷରେ ଥରେ ଶିବଭକ୍ତ ନିଷ୍ଠାର ସହ ନିଜ ନିଜର ମନସ୍କାମନାକୁ ମହାଦେବଙ୍କୁ ଜଣାଇବା ନିମନ୍ତେ କଠୋର ନିୟମ ପାଳନ କରି ପାଦରେ ଚାଲି ଚାଲି ବିଭିନ୍ନ ଶୈବପୀଠରେ ପହଞ୍ଚନ୍ତି। କିନ୍ତୁ ବିଡମ୍ବନା ଏହା ଯେ ମନ୍ଦିର ପ୍ରଶାସନ ହେଉ କିମ୍ବା ସ୍ଥାନୀୟ ପ୍ରଶାସନ ମନ୍ଦିରର ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉନାହାନ୍ତି। କିନ୍ତୁ ଏହା ପରିବର୍ତ୍ତେ ବିଭିନ୍ନ ମନ୍ଦିରରେ କାଉଡିଆଙ୍କ ଠାରୁ ଶୁଳ୍କ ଆଦାୟ କରିବାକୁ ମଧ ପଛାଉନାହାନ୍ତି।

- ଜୀବନ ଜ୍ୟୋତି କୁଅଁର, ଛାତ୍ର, ଭୁବନେଶ୍ୱର

## ‘ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ’



ରାଉରକେଲା ନିକଟ ବେଦବ୍ୟାସ ଶୈବପୀଠ ନିକଟରେ ବ୍ରାହ୍ମଣୀ ନଦୀଗର୍ଭକୁ ପଚାଶଢ଼ା ଫଳମୂଳ, ଫୁଲପତ୍ର ଓ ଅନ୍ୟ ସାମଗ୍ରୀ ଛଡାଯାଉଛି। ଏହାର ପ୍ରତିକାର ପାଇଁ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ନଦୀଗର୍ଭକୁ ଫଳମୂଳ, ଫୁଲପତ୍ର ଯେମିତି ନ ପଡ଼ିବ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯିବା ଆବଶ୍ୟକ। ବୈଜ୍ଞାନିକ ପ୍ରଣାଳୀରେ ଏହି ପଚାଶଢ଼ା ତଥା ପରିତ୍ୟକ୍ତ ଦ୍ରବ୍ୟାଦିର ବିଶୋଧନ କରାଗଲେ ନଦୀଜଳ ବିଶୁଦ୍ଧ ଏବଂ ଜୀବନଦାୟକ ହୋଇପାରିବ।

- ଡ. ଉମାକାନ୍ତ ପଣ୍ଡା, ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ, ବେଦବ୍ୟାସ, ରାଉରକେଲା

## ‘ଜଳାଶୟର ସୁରକ୍ଷା ପାଇଁ ସ୍ୱତନ୍ତ୍ର ନିୟମ ଲାଗୁ କରାଯାଉ’



ବେଦବ୍ୟାସ ନିକଟରେ ବ୍ରାହ୍ମଣୀ ନଦୀରେ ଫୁଲଫଳ ଓ ଅନ୍ୟ ପୂଜା ସାମଗ୍ରୀ ଯେମିତି ନ ପଡ଼ିବ ସେଥିପାଇଁ ବ୍ୟାନର ଲଗାଯାଇ ସଚେତନତା ସୃଷ୍ଟି କରାଯାଉ। ପ୍ରତ୍ୟେକ ସ୍ଥାନରେ ଡଷ୍ଟବିନ୍ ବ୍ୟବସ୍ଥା ହେବା ଆବଶ୍ୟକ। ପ୍ରଶାସନିକସ୍ତରରେ ଦେବାଳୟଗୁଡ଼ିକ ନିକଟରେ ଥିବା ଜଳାଶୟର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ ଓ ସ୍ୱତନ୍ତ୍ର ନିୟମ ଲାଗୁ କରାଯାଉ। ନିୟମ ଅମାନ୍ୟ ହେଲେ ଜରିମାନା ଲାଗୁ କରାଯାଉ।

- ଚିନ୍ମୟ ତ୍ରିପାଠୀ, ବେଦବ୍ୟାସ, ରାଉରକେଲା

**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :

| Activity | Date & Time |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in

Sd/-
Controller of Examinations

## ରୋବୋଟିକ୍ ନୀ ରିପ୍ଲେସମେଣ୍ଟ ଦ୍ୱାରା ନିଖୁଣ ଅସ୍ତ୍ରୋପଚାର ଓ ଯନ୍ତ୍ରଣାମୁକ୍ତ ଜୀବନ ସମ୍ଭବ



**ଡା. ପି.ସି. ଦେ**
ପ୍ରଫେସର,
ଅସ୍ଥିଶଲ୍ୟ ବିଭାଗ,
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍,
ଭୁବନେଶ୍ୱର

ଉତ୍କଟ ଆଣ୍ଠୁ ବାତ ଏବଂ ପୁରୁଣା ଗଣ୍ଠି ବ୍ୟଥାରେ ପୀଡ଼ିତ ଲୋକମାନଙ୍କ ପାଇଁ ଟୋଟାଲ୍ ନୀ ରିପ୍ଲେସମେଣ୍ଟ (ଟିକେଆର୍) ଦୀର୍ଘ ସମୟ ଧରି ଏକ ଭରସାଯୋଗ୍ୟ ସମାଧାନ ରହିଆସିଛି । ଆଜି ରୋବୋଟିକ୍-ଆସିଷ୍ଟେଡ୍ ଅସ୍ତ୍ରୋପଚାର ଦ୍ୱାରା ଏହି ପ୍ରକ୍ରିୟା ଆହୁରି ଉନ୍ନତ ଏବଂ ନିର୍ଭୁଲ ହୋଇପାରିଛି । ଏଥିରେ ସବ୍-ମିଲିମିଟର ନିର୍ଭୁଲତା ସହ ପ୍ରତିରୋପଣ ସ୍ଥାପନ କରିବା ସମ୍ଭବ ହୋଇପାରିଥାଏ, ଯାହା ବିଏମ୍‌ସି ସର୍ଜରୀ ଏବଂ ନେଚର୍ ଡିଜିଟାଲ ମେଡିସିନରେ ପ୍ରକାଶିତ କ୍ଲିନିକାଲ ଅଧ୍ୟୟନ ଦ୍ୱାରା ସମର୍ଥିତ ।

ରୋବୋଟିକ୍ ଟୋଟାଲ୍ ନୀ ରିପ୍ଲେସମେଣ୍ଟରେ, ଏକ ବିଶେଷ ରୋବୋଟିକ୍ ପ୍ରଣାଳୀ ଶଲ୍ୟ ଚିକିତ୍ସକଙ୍କୁ ଅତୁଳନୀୟ ସୂକ୍ଷ୍ମତା ସହିତ ଅସ୍ତ୍ରୋପଚାର ଯୋଜନା ପ୍ରସ୍ତୁତ କରିବା ଓ ତାହାକୁ ସମ୍ପାଦନ କରିବାରେ ସହାୟତା କରିଥାଏ । ଲୋକମାନଙ୍କ ମଧ୍ୟରେ ରହିଥିବା ଧାରଣାର ବିପରୀତ, ରୋବୋଟ୍ ସ୍ୱାଧୀନ ଭାବେ ଅସ୍ତ୍ରୋପଚାର ସଞ୍ଚାଳନ କରି ନ ଥାଏ, ବରଂ ତାହା ଏକ ଅତି ନିଖୁଣ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥାଏ ଓ ଶଲ୍ୟ ଚିକିତ୍ସକଙ୍କୁ ଯୋଜନା ଅନୁଯାୟୀ ଅବିକଳ ରୂପେ ପ୍ରତିରୋପଣକୁ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ ।

ରୋବୋଟିକ୍ ଟିକେଆର୍‌ର ଏକ ମୁଖ୍ୟ ଲାଭ ହେଉଛି ବ୍ୟକ୍ତିକରଣ । ପ୍ରତ୍ୟେକ ଆଣ୍ଠୁ ଭିନ୍ନ ହୋଇଥାଏ; ଏବଂ ୩ଡି ଇମେଜିଂ ସହାୟତାରେ ରୋବୋଟିକ୍ ପ୍ରଣାଳୀ ପ୍ରତ୍ୟେକ ରୋଗୀଙ୍କ ଅନନ୍ୟ ଶାରୀରିକ ଗଠନକୁ ସୁହାଉଥିବା ଏକ ଯୋଜନା ପ୍ରସ୍ତୁତ କରିଥାଏ । ଏହାଦ୍ୱାରା ଉତ୍ତମ ଆଲାଇନମେଣ୍ଟ, ଗଣ୍ଠି କାର୍ଯ୍ୟକ୍ଷମତାରେ ଉନ୍ନତି ଏବଂ ଅସ୍ତ୍ରୋପଚାର ପରେ ଶ୍ରେୟସ୍କର ରୋଗୀ ସନ୍ତୁଷ୍ଟି ସୁନିଶ୍ଚିତ ହୋଇଥାଏ ।

ରୋଗୀମାନେ ପ୍ରାୟତଃ କମ୍ ଯନ୍ତ୍ରଣା, ଦ୍ରୁତ ଆରୋଗ୍ୟତା ଏବଂ ଅଧିକ ପ୍ରାକୃତିକ ଲାଗୁଥିବା ଆଣ୍ଠୁର ଅନୁଭୂତି ପାଇଥାନ୍ତି । ଏହି ପ୍ରଯୁକ୍ତି ପ୍ରତିରୋପଣ ଶୀଘ୍ର କ୍ଷତିଗ୍ରସ୍ତ ହେବା ଏବଂ ସ୍ୱାସ୍ଥ୍ୟ ଜଟିଳତାର ଆଶଙ୍କାକୁ ମଧ ହ୍ରାସ କରିଥାଏ । ତେଣୁ, ଏହାକୁ ଉଭୟ ଯୁବ ଏବଂ ବୟସ୍କ ରୋଗୀଙ୍କ ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ କୁହାଯାଇପାରିବ ।

ଉତ୍କଟ ଅଷ୍ଟିଓଆର୍ଥ୍ରାଇଟିସ୍, ପୁରୁଣା ଆଣ୍ଠୁଗଣ୍ଠି ବାତ କିମ୍ବା ପୂର୍ବବର୍ତ୍ତୀ ଆଣ୍ଠୁ ଆଘାତ ଭୋଗୁଥିବା ରୋଗୀ କିମ୍ବା ଅସ୍ତ୍ରୋପଚାର ପରେ ମଧ ଉପଶମ ପାଇ ନ ଥିବା ରୋଗୀଙ୍କ ପାଇଁ ରୋବୋଟିକ୍ ଟିକେଆର୍ ଉପଯୁକ୍ତ ସାବ୍ୟସ୍ତ ହୋଇଥାଏ । ଯଦି ଆପଣ ଦୀର୍ଘ ସମୟ ଧରି ଯନ୍ତ୍ରଣା ସହ ଜୀବନ ଯାପନ କରିଆସୁଛନ୍ତି, ତେବେ ଏହି ବିକଳ୍ପ ହିଁ ଯନ୍ତ୍ରଣାମୁକ୍ତ ଜୀବନ ପାଇଁ ଆପଣଙ୍କ ପ୍ରତୀକ୍ଷାର ଅନ୍ତ ଘଟାଇବ ବୋଲି ଆମର ବିଶ୍ୱାସ ।

ଆଜି, ବିଶେଷକରି ଆଣ୍ଠୁ ଓ ଅଣ୍ଟାର ଗଣ୍ଠି ପ୍ରତିବଦଳ ପ୍ରକ୍ରିୟା ଅଧିକ ନିରାପଦ, ଅଧିକ ନିଖୁଣ ଏବଂ କମ୍ ଭୀତିପୂର୍ଣ୍ଣ ହୋଇଯାଇଛି । ଚିକିତ୍ସା ପ୍ରଯୁକ୍ତିରେ ଘଟିଥିବା ଅଗ୍ରଗତି ଏବଂ ନ୍ୟୂନତମ କଟାକଟି ଆବଶ୍ୟକ କରୁଥିବା ଅସ୍ତ୍ରୋପଚାର କୌଶଳ କାରଣରୁ ରୋଗୀମାନେ ଶୀଘ୍ର ଆରୋଗ୍ୟ ଲାଭ କରିବା, କମ୍ ଯନ୍ତ୍ରଣାର ସମ୍ମୁଖୀନ ହେବା ଏବଂ ସ୍ୱାଭାବିକ ଦୈନନ୍ଦିନ ଜୀବନକୁ ଫେରିବାର ଆଶା ରଖିପାରିବେ । ତାହା ଅସହଜତା ବିନା ଚଲାବୁଲା କରିବା ହେଉ, ସହଜରେ ଶିଡି ଚଢ଼ିବା ହେଉ କିମ୍ବା ଦୈନନ୍ଦିନ କାର୍ଯ୍ୟକଳାପକୁ ଉପଭୋଗ କରିବା ହେଉ - ଗଣ୍ଠି ପ୍ରତିବଦଳ ଆପଣଙ୍କୁ ଦେଇଥାଏ ନବୀକୃତ ସ୍ୱାଧୀନତା ଏବଂ ଚଳପ୍ରଚଳ ସାମର୍ଥ୍ୟ । ପୁରୁଣା ଗଣ୍ଠି ବ୍ୟଥା ଭୋଗୁଥିବା ଲୋକମାନେ ଏହି ଆଧୁନିକ ଚିକିତ୍ସା ବିକଳ୍ପଗୁଡ଼ିକୁ ବିଚାରକୁ ନେବା ପରାମର୍ଶଯୋଗ୍ୟ, ଯାହା ସେମାନଙ୍କର ଚଳପ୍ରଚଳ ହେବାର ସାମର୍ଥ୍ୟ ସହିତ ସାମଗ୍ରିକ ଜୀବନ ମାନକୁ ଉନ୍ନତ କରିବାରେ ସହାୟକ ହୋଇପାରିବ ।

*(ଦାବିତ୍ୟାଗ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)*

# ଲିପିର କ୍ରମବିକାଶ




ଦେବଦତ୍ତ ପଟ୍ଟନାୟକ

ଆମେ ଯେତେବେଳେ ଅନ୍ୟଜଣଙ୍କ ସହ ଯୋଗାଯୋଗ କରୁ ସେତେବେଳେ ଶବ୍ଦ ବ୍ୟବହାର କରିଥାଉ, ଯାହାକୁ କଥା ବା ଭାଷା ବୋଲି କହୁ। ସେହିପରି ଆମେ ଯେତେବେଳେ ଲେଖା ମାଧ୍ୟମରେ ଯୋଗାଯୋଗକରୁ ସେତେବେଳେ ତାହାକୁ ଲିପି କହିଥାଉ। ବିଶ୍ୱରେ ବିଭିନ୍ନ ଅଞ୍ଚଳରେ ରହୁଥିବା ଭିନ୍ନ ଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ ବିଭିନ୍ନ ଲିପି ଅଛି। ସେଗୁଡ଼ିକ କ'ଣ ଚିତ୍ରାକ୍ଷର ନା ଅକ୍ଷର। ସେଗୁଡ଼ିକ କ'ଣ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ? ଲେଖାର ଲକ୍ଷ୍ୟ କ'ଣ ଓ ଏହା କେମିତି ବିକାଶ ହୋଇଛି? ଗ୍ରୀସ୍‌ର ମେସୋପଟାମିଆ (ଏବର ଇରାକ୍)ସଭ୍ୟତା ସବୁଦିଗରୁ ସମୃଦ୍ଧ ଥିଲା। ସେଠାକାର ବାସିନ୍ଦା ସୁମେରୀୟମାନେ ପ୍ରାୟ ଖ୍ରୀଷ୍ଟପୂର୍ବ ୩୩୦୦ରେ ଲେଖାଶୈଳୀ ଉଦ୍ଭାବନ କରିଥିଲେ। ସେତେବେଳେ ସେମାନେ କୀଳକ ଲିପି ବ୍ୟବହାର କରୁଥିଲେ। ସ୍ଲେଟ୍ ଭଳି ମାଟି ଖଣ୍ଡ ଉପରେ ମୁନିଆ ଲେଖନୀରେ ସାଙ୍କେତିକ ଚିହ୍ନ ଭଳି ଲେଖୁଥିଲେ, ଯାହାକୁ କୁହାଯାଉଛି କୀଳକ ଲିପି। ଏଗୁଡ଼ିକ ପ୍ରଥମେ ଚିତ୍ର ଆଧାରିତ(ଇମୋଜି)ଥିଲା। ତା'ପରେ ଇଜିପ୍ଟର ସ୍ପଷ୍ଟ ଚିତ୍ରାକ୍ଷର ଲେଖା ସାମ୍ନାକୁ ଆସିଥିଲା। ଏଗୁଡ଼ିକ ମଧ୍ୟ ସାଙ୍କେତିକ ଚିହ୍ନ ଥିଲା। ତା' ପରେ ଆସିଲା ଚାଇନା ଲୋକଙ୍କ ଲେଖାଶୈଳୀ ଏବଂ ଏହା ମଧ୍ୟ ସାଙ୍କେତିକ ଚିତ୍ରଲିପି ଥିଲା। ବାସ୍ତବରେ ଏଗୁଡ଼ିକ ଉପରୁ ତଳ ଆଡ଼କୁ ଲେଖାଯାଉଥିଲା। ପରେ ଇଜିପ୍ଟବାସୀ ଉଭୟ ଦିଗରୁ ଲେଖିପାରିଲେ। କୀଳକ ଲିପି ବାମରୁ ଡାହାଣକୁ ଲେଖାଯାଉଥିଲା।

ପାଖାପାଖି ଖ୍ରୀଷ୍ଟପୂର୍ବ ୨୮୦୦ରେ କୀଳକ ଲିପି ଅକ୍ଷରମାଳା(ସ୍ୱରଉଚ୍ଚାରିତଶବ୍ଦାଂଶ)ପାଲଟିଲା ଏବଂ ଏଥିରେ ଅଧିକ ଶବ୍ଦ ଲେଖାଯାଇପାରିଲା। ଏହାର ମଧ୍ୟ ଆବଶ୍ୟକତା ଥିଲା, କାରଣ ଚିତ୍ରାକ୍ଷର ପାଇଁ କମ୍ ସୁଯୋଗ ରହିଥିଲା। ଅନେକ ଭାଷାରେ ଏହି କୀଳକ ଲିପି ବ୍ୟବହାର କରାଗଲା ଏବଂ ମେସୋପଟାମିଆ, ବାବିଲୋନ ଏବଂ ପାରସ୍ୟର ରାଜାମାନଙ୍କ ଦ୍ୱାରା ଏହି ଭାଷା ବ୍ୟବହାର କରାଯାଉଥିଲା।

ସୁମେରୀୟମାନଙ୍କ ସହ ହରପ୍ପା ସଭ୍ୟତାର ଲୋକମାନେ ବାଣିଜ୍ୟ କରୁଥିଲେ। କିନ୍ତୁ ହରପ୍ପାବାସୀ କୀଳକ ଲିପିକୁ



ଗ୍ରହଣ କରି ନ ଥିଲେ। ହରପ୍ପାର ଲିପି ସମ୍ଭବତଃ ଏକ ପ୍ରକାର ଛିତ୍ରାକ୍ଷର ବା ସାଙ୍କେତିକ ଚିହ୍ନ ଥିଲା, ଯଦିଓ ଅନେକ ଐତିହାସିକ ଏହା ସହ ଏକମତ ନୁହନ୍ତି। ହରପ୍ପାରୁ ମିଳିଥିବା ସିଲ୍ ବା ମୋହରରୁ ଜଣାପଡ଼େ, ହରପ୍ପା ଲିପି ଡାହାଣରୁ ବାମକୁ ଲେଖାଯାଉଥିଲା। ଏହାର ବାମରେ ଥିବା ଅଧିକ ସଙ୍କେତରୁ ଏହି ସୂଚନା ମିଳେ। ତେବେ ମୋହର ଲଗାଇବା ପରେ ତାହାକୁ ବାମରୁ ଡାହାଣକୁ ପଢ଼ାଯାଉଥିଲା। ବଳଦ ଜମି ହଳ କଲାବେଳେ ଯେମିତି ଡାହାଣରୁ ବାମ ଓ ବାମରୁ ଡାହାଣକୁ ବୁଲେ, ସେହିଭଳି ବେଳେବେଳେ ଲିପି ଡାହାଣରୁ ବାମକୁ ଏବଂ ପରେ ବାମରୁ ଡାହାଣକୁ ଲେଖାଯାଉଥିଲା। ଏହି ପ୍ରକାର ଡାହାଣରୁ ବାମ ଓ ବାମରୁ ଡାହାଣ ଲେଖାକୁ ବିପରୀତ ଲେଖାଶୈଳୀ (ବୌଟ୍ରୋଫେଡନ) କୁହାଯାଏ।

ଆସନ୍ତୁ ଅକ୍ଷର ଓ ବର୍ଣ୍ଣ ଉଦ୍ଭାବନ ବିଷୟରେ ଆଲୋଚନା କରିବା। ଏବର ଲେବାନନ୍ ଏବଂ ଇସ୍ରାଏଲ ବାସିନ୍ଦା (ଫୋଏନିସିଆନ)ଙ୍କ ଦ୍ୱାରା ଖ୍ରୀଷ୍ଟପୂର୍ବ ୧୨୦୦ରେ ଅକ୍ଷର ଉଦ୍ଭାବନ ହୋଇଥିଲା। କିନ୍ତୁ ସେମାନେ କେବଳ ବ୍ୟଞ୍ଜନବର୍ଣ୍ଣ ଉଦ୍ଭାବନ କରିଥିଲେ। ଆରବରେ ବ୍ୟଞ୍ଜନବର୍ଣ୍ଣ ସହ ଏକ ଲିପି ଅଛି। ଏଥିରୁ ପ୍ରଥମେ ହିବ୍ରୁ ଓ ଆରାମାଇକ ହୋଇଛି। ପରେ ଏଥିରୁ ଆରବୀ ଓ ପାରସ୍ୟ ଲିପି ସୃଷ୍ଟି ହୋଇଥିଲା। ଏହା ସାଧାରଣତଃ ଡାହାଣରୁ ବାମକୁ ଲେଖାଯାଇଥାଏ। ସମ୍ଭବତଃ ଏହାକୁ ପ୍ରଥମେ ପଥର ଉପରେ ଛେଣି ଓ ହାତୁଡ଼ି ଦ୍ୱାରା ଖୋଦେଇ କରାଯାଉଥିଲା। ଖ୍ରୀଷ୍ଟପୂର୍ବ ୮୦୦ ପାଖାପାଖିରେ, ଗ୍ରୀକ୍‌ବାସୀ ସ୍ୱରବର୍ଣ୍ଣ ଉଦ୍ଭାବନ କଲେ। କୀଳକ ଲିପି ଭଳି ସେମାନେ ମଧ୍ୟ ବାମରୁ ଡାହାଣକୁ ଲେଖୁଥିଲେ। ଖ୍ରୀଷ୍ଟପୂର୍ବ ୩୨୬ରେ ଆଲେକଜାଣ୍ଡର ଯେତେବେଳେ ଭାରତ ଆକ୍ରମଣ କରିଥିଲେ ସେତେବେଳେ ଏହା ଭାରତକୁ ଆସିଥିଲା। ସ୍ୱରବର୍ଣ୍ଣ ହେଉଛି ଶବ୍ଦ ବା ଧ୍ୱନିର ସମାହାର, ଯାହା ସାଧାରଣତଃ ଭୋକାଲ କର୍ଡ ବା ସ୍ୱର ନଳୀ ଓ ପାଟି ଖୋଲିଲେ ଉତ୍ପନ୍ନ ହୋଇଥାଏ। ଅନ୍ୟପଟେ ବ୍ୟଞ୍ଜନବର୍ଣ୍ଣ ଧ୍ୱନି ସ୍ୱରତନ୍ତ୍ରୀ ଓ ପାଟି ବନ୍ଦ କରି ଉତ୍ପନ୍ନ ହୋଇଥାଏ। ସ୍ୱରଯୁକ୍ତ ଶବ୍ଦାଂଶଗୁଡ଼ିକ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣର ସମାହାର। ଉଦାହରଣ ସ୍ୱରୂପ ଇଂଲିଶ ଲିପିର ୨୧ଟି ବ୍ୟଞ୍ଜନବର୍ଣ୍ଣ ଏବଂ ଏ, ଇ, ଆଇ, ଓ, ୟୁ ଭଳି ୫ଟି ସ୍ୱରବର୍ଣ୍ଣ ଅଛି। ନାଗରି ଲିପିର ୩୪ ବ୍ୟଞ୍ଜନବର୍ଣ୍ଣ ଓ ୧୪ଟି ସ୍ୱରବର୍ଣ୍ଣ ରହିଛି। ତେବେ ଲିପିରେ ବର୍ଣ୍ଣ ସଂଖ୍ୟା ସ୍ଥିର ନୁହେଁ, ଏହା ପ୍ରତ୍ୟେକ ଭାଷାରୁ ଭାଷା ପରିବର୍ତ୍ତନ ହୋଇଥାଏ। ଏଥିରୁ ବୁଝାପଡୁଛି ଭାଷା ସଂସ୍କୃତି ଦ୍ୱାରା ପ୍ରଭାବିତ। ସବୁ ମଣିଷଙ୍କ ଭାଷା ଓ ସଂସ୍କୃତି ଥିଲେ ମଧ୍ୟ ଭାଷାର କିଛି ଆନୁବଂଶିକ ଆଧାର ରହିଥାଇପାରେ।

ଭାରତର ବ୍ରାହ୍ମି ଲିପିର ସ୍ଥାନ ସ୍ୱତନ୍ତ୍ର। ଏହା ଏକ ପୁରାତନ ଭାରତୀୟ ଲେଖା ବ୍ୟବସ୍ଥା। ଏହି ଲିପିରେ ସ୍ୱତନ୍ତ୍ର ଭାବେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ଅଛି। ଏଥିରେ ମଧ୍ୟ ମାତ୍ରା ଓ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ ମିଶ୍ରିତ ଶବ୍ଦାବଳୀସବୁ ରହିଛି। ବ୍ରାହ୍ମିଲିପିରେ ସ୍ୱରବର୍ଣ୍ଣଗୁଡ଼ିକ ଗୋଲାକାର ଭାବେ ଯଥା ଉପର, ତଳ, ପୂର୍ବାପର ଭାବେ ବ୍ୟବସ୍ଥିତ ହୋଇଅଛି। ସେଗୁଡ଼ିକ ପ୍ରାରମ୍ଭିକ ବ୍ୟଞ୍ଜନବର୍ଣ୍ଣ ଦ୍ୱାରା ସଂଯୋଜିତ ହୋଇଛନ୍ତି। ଏହା ହିଁ ବ୍ରାହ୍ମିଲିପିର ବିଶେଷତା।

ଖ୍ରୀଷ୍ଟପୂର୍ବ ୨୫୦ରେ ବ୍ରାହ୍ମିଲିପି ପ୍ରଥମେ ଅଶୋକଙ୍କ ରାଜବିଜ୍ଞପ୍ତିରୁ ସାମ୍ନାକୁ ଆସିଥିଲା। ତେବେ ଊନବିଂଶ ଶତାବ୍ଦୀର ବିଦ୍ୱାନ୍‌ମାନେ ଏହାକୁ 'ପିନ୍ ମ୍ୟାନ୍' ଲିପି କହୁଛନ୍ତି। ଏହାର ୫୦ ବର୍ଷ ପରେ ଅର୍ଥାତ୍ ୩୦୦ ଶତାବ୍ଦୀରେ ବୌଦ୍ଧ ଧର୍ମଗ୍ରନ୍ଥ ଲଳିତବିସ୍ତରର ସୂତ୍ର ରଚନା କରାଯାଇଥିଲା। କୁହାଯାଉଛି ଯେ, ବୁଦ୍ଧ ଜଣେ ଛାତ୍ର ଭାବେ ଅନେକ ଲିପି ଶିକ୍ଷା କରିଥିଲେ ଏବଂ ସେଗୁଡ଼ିକର ତାଲିକା ମଧ୍ୟରେ ବାହ୍ମିଲିପିର ସ୍ଥାନ ଥିଲା ପ୍ରଥମ। ହିନ୍ଦୁଧର୍ମରେ ବ୍ରହ୍ମାଙ୍କୁ ସୃଷ୍ଟିକର୍ତ୍ତା ଦେବତା ଭାବେ ସ୍ୱୀକାର କରାଯାଇଛି। ବ୍ରହ୍ମାଙ୍କ ସହ ବ୍ରାହ୍ମିର ସମ୍ପର୍କ ରହିଥିବାରୁ ପଣ୍ଡିତମାନେ ମୌର୍ଯ୍ୟ ଲିପିକୁ ବ୍ରାହ୍ମିଲିପି ଭାବେ ନାମିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କୌତୂହଳର ବିଷୟ ହେଉଛି, ଦିଗମ୍ବର ଜୈନ ପୁରାଣ ଅନୁଯାୟୀ, ପ୍ରଥମ ତୀର୍ଥଙ୍କର ଋଷଭଦେବଙ୍କ ଝିଅ ବ୍ରାହ୍ମିଙ୍କୁ ଏହି ଲିପି ଲେଖା ଶିଖାଇଥିଲେ। ଏହି ତଥ୍ୟ ୯୦୦ ଶତାବ୍ଦୀର ଆଦି ପୁରାଣରୁ ଆସିଛି।

-devduttofficial@gmail.com

## ଏଇ ଭାରତରେ

ଯେକୌଣସି ବୃତ୍ତିରେ ଥିଲେ ମଧ୍ୟ ଅଧିକ ଆୟର ଉତ୍ସ ସୃଷ୍ଟି କରାଯାଇପାରିବ ଏବଂ ଏଭଳି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି କେରଳର ଶିକ୍ଷୟିତ୍ରୀ ଲତିକା ସୁତାନ। ତାଙ୍କ ବୟସ ଏବେ ୫୧ ଓ ସେ ଥ୍ରିଶୂର ଜିଲାର ଏକ ସରକାରୀ ପ୍ରାଥମିକ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ଶିକ୍ଷାଦାନ ପରେ ଅବଶିଷ୍ଟ ସମୟରେ ସେ ନିଜସ୍ୱ ଉଦ୍ୟମରେ ଘର ଅଗଣାରେ ବଗିଚାଟିଏ କରିଛନ୍ତି। ସେଠାରେ ପଦ୍ମ ଓ କଇଁ ଫୁଲ ଚାଷକରି ମାସକୁ ୪୦ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ମୋଟ୍‌ରେ ତାଙ୍କ ବଗିଚାରେ ୧୦୦ ପ୍ରକାର ଦେଶୀ ଓ ବିଦେଶୀ ପଦ୍ମଫୁଲ ଏବଂ ୮୦ କିସମର କଇଁଫୁଲ ଅଛି। ତାଙ୍କ ବଗିଚାର ଆକର୍ଷଣ ହେଉଛି ୧୦୦୦ ପାଖୁଡ଼ାବିଶିଷ୍ଟ ପଦ୍ମଫୁଲ। ପ୍ରଥମକରି ସେ ଏହି ଫୁଲକୁ ତାଙ୍କ ବଗିଚାରେ ଫୁଟାଇବାରେ ସକ୍ଷମ ହୋଇଛନ୍ତି। ୨୦୧୮ରୁ ସେ ଫୁଲ ବଜାରରେ ବିକ୍ରି ଆରମ୍ଭ କରିଥିଲେ ଓ ସେବେଠାରୁ ଆୟ ବଢିବାରେ ଲାଗିଛି। ଏହାବ୍ୟତୀତ ସେ ପଦ୍ମ ଓ କଇଁ ଫୁଲ ଚାଷ ସମ୍ପର୍କରେ ବିଭିନ୍ନ କର୍ମଶାଳା ଆୟୋଜନ କରୁଛନ୍ତି। ପ୍ରତିମାସରେ ୧୫୦ରୁ ଊର୍ଦ୍ଧ୍ୱ ପଦ୍ମ ଚାରା ଓ ୧୦୦ରୁ ଊର୍ଦ୍ଧ୍ୱ କଇଁଚାରା ବିକ୍ରି କରୁଛନ୍ତି। ଏହି ସମସ୍ତ କାର୍ଯ୍ୟରେ ତାଙ୍କ ସ୍ୱାମୀ ଲତିକାଙ୍କୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୪ ଜୁଲାଇ ୧୯୭୬

- ବମ୍ବେ ହାଇରୁ ନିର୍ଗତ ଅବିଶୋଧିତ ତୈଳର ବିଶୋଧନୀକରଣ କାର୍ଯ୍ୟ ଟ୍ରମ୍ବେସ୍ଥିତ ଭାରତ ରିଫାଇନେରୀଜ ଦ୍ୱାରା ଆରମ୍ଭ।
- ଆନ୍ତର୍ଜାତିକ ସୌଖୀନ ଆଥଲେଟିକ୍ ଫେଡେରେସନ ଦକ୍ଷିଣ ଆଫ୍ରିକାକୁ ଫେଡେରେସନରୁ ବହିଷ୍କାର କରିଛନ୍ତି।
- ଫ୍ରାନ୍ସ ପ୍ରଶାନ୍ତ ମହାସାଗରର ମୁରୋରା ଏଟୋଲଠାରେ ଭୂଗର୍ଭରେ ଦୁଇଟି ପରମାଣୁ ବୋମା ବିସ୍ଫୋରଣ କରିଥିବା ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 5 | 8 | 2 | | | |
| 2 | | | | | | | 6 | |
| | 8 | | | 6 | | | | |
| 1 | | | | 9 | 7 | | | 2 |
| 8 | 7 | | | | 1 | | | |
| | | | | | | | | 4 |
| | | | | 5 | 6 | | 2 | 7 |
| | | | 7 | 3 | | | | 9 |
| 6 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 6 | 4 | 2 | 9 | 8 | 1 |
| 6 | 4 | 1 | 9 | 3 | 8 | 5 | 7 | 2 |
| 2 | 9 | 8 | 5 | 7 | 1 | 6 | 3 | 4 |
| 9 | 8 | 5 | 2 | 1 | 3 | 7 | 4 | 6 |
| 7 | 2 | 6 | 8 | 9 | 4 | 1 | 5 | 3 |
| 1 | 3 | 4 | 7 | 5 | 6 | 8 | 2 | 9 |
| 4 | 1 | 7 | 3 | 8 | 9 | 2 | 6 | 5 |
| 3 | 5 | 2 | 1 | 6 | 7 | 4 | 9 | 8 |
| 8 | 6 | 9 | 4 | 2 | 5 | 3 | 1 | 7 |

ଗତକାଲିର ଉତ୍ତର

# ପରିବାର କଲ୍ୟାଣ ଓ ନିୟନ୍ତ୍ରଣ



ଡ.ସତ୍ୟ ନାରାୟଣ ମିଶ୍ର

ପରିବାର ହେଉଛି ଏକ ସମଭାବାପନ୍ନ ବ୍ୟକ୍ତିବିଶେଷଙ୍କର ସମଷ୍ଟି ତଥା ଏକ ବଂଶଗତ ସମୁଦାୟ। ସାଧାରଣତଃ ପରିବାର ମଧ୍ୟରେ ସମ୍ପର୍କର ଏକ ସେତୁ ରହିଥାଏ। ମଣିଷ ସମାଜର ପ୍ରଥମ ପାହାଚ ହେଉଛି ପରିବାର । ଭକ୍ତକବି ମଧୁସୂଦନ ରାଓ ଲେଖିଥିଲେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'। ଭକ୍ତକବିଙ୍କର ଏହି ଅମୃତମୟ ପଙ୍କ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି। ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ, ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର, ଯେଉଁଠି ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ। ଭାରତୀୟ ପାରିବାରିକ ବ୍ୟବସ୍ଥା ଅନେକ ମୂଲ୍ୟବୋଧ ଓ ଗରିମାକୁ ନେଇ ଚାଲିଛି, ସେଥିରେ ଦ୍ୱିମତର ଅବକାଶ ନାହିଁ। ମାତ୍ର ପରିବାର କଲ୍ୟାଣ ଓ ପରିବାର ନିୟନ୍ତ୍ରଣ ଭିନ୍ନ ଏକ ଦିଗରେ ଧାବମାନ କରୁଥିବାର ଅନୁମାନ କରାଯାଏ। ପରିବାରର ଏକାନ୍ନବର୍ତ୍ତୀ ସଂସ୍କୃତି ସମ୍ପ୍ରତି ଧୀରେ ଧୀରେ ଅପସରି ଯାଉଛି। ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ। ପରିବାରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ। ତେଣୁ ପରିବାରର ମୁଖ୍ୟ ପରିବାରର ସଦସ୍ୟମାନଙ୍କୁ ସ୍ନେହ ଶ୍ରଦ୍ଧା ଯତ୍ନ ଆଦିର ବଳୟରେ ବାନ୍ଧି ଯେତେବେଳେ ଏକ ସମ୍ବନ୍ଧର ସମୁଦ୍ର ସୃଷ୍ଟି କରିଥାନ୍ତି, ତାହା ପରିବାର କଲ୍ୟାଣ ଉପରେ ବିବେଚିତ ହୁଏ। ପରିବାରର ସମସ୍ତ ଆବଶ୍ୟକତା ଓ ଯତ୍ନ ପରିବାର କଲ୍ୟାଣ ଭାବେ ଯେତେବେଳେ ପରିବାରର ମୁଖ୍ୟ ବହନ କରିଥାନ୍ତି, ସେତେବେଳେ ଗଣତାନ୍ତ୍ରିକ ପଦ୍ଧତିରେ ମଧ୍ୟ ସରକାର ସମାଜର ପ୍ରତ୍ୟେକ ପରିବାରର କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କରିଥାନ୍ତି। ପରିବାରର ମୁଖ୍ୟ ଯେତେବେଳେ ପରିବାରର ଅସୁବିଧା ସୁବିଧା କଥା ଚିନ୍ତା କରନ୍ତି, ତାହା ଥାଏ ନିର୍ଦ୍ଦିଷ୍ଟ ଭାବେ ଉକ୍ତ ପରିବାର ପାଇଁ ଉଦ୍ଦିଷ୍ଟ। ମାତ୍ର ସରକାର ଯେତେବେଳେ ପରିବାର କଲ୍ୟାଣ କଥା ବିଚାର କରନ୍ତି, ତାହା ଥାଏ ସମଗ୍ର ଦେଶ ବା ଜାତିର କଲ୍ୟାଣ। କାରଣ ପରିବାର କଲ୍ୟାଣ ହେଲେ ଦେଶ ବା ଜାତିର ବିକାଶ ସମ୍ଭବ ହେବ ।

ଗୋଟିଏ ପରିବାର କେବଳ ଏକାଠି ରହୁଥିବା ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀ ନୁହେଁ; ଏହା ଏକ ସାମାଜିକ ଏକକ ଏବଂ ରକ୍ତ, ବିବାହ କିମ୍ବା ସ୍ନେହ ଦ୍ୱାରା ବନ୍ଧା ହୋଇଥିବା ଏକ ମଞ୍ଚ। ବ୍ୟକ୍ତିର ପରିଚୟ ଓ ମୂଲ୍ୟବୋଧରେ ପରିବାରର ସଦସ୍ୟମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଅତଏବ ପରିବାର ସଦସ୍ୟଙ୍କ ପ୍ରେମକୁ ଦୁନିଆର ଅନ୍ୟ କୌଣସି ପ୍ରେମ ସହିତ ତୁଳନା କରାଯାଇ ନ ପାରେ, ଯେଉଁଠି ଥାଏ ସୁସ୍ଥ ଭାବପ୍ରବଣତା, ସ୍ନେହ, କରୁଣା ତଥା ସହାନୁଭୂତି। ଏହା ସକାରାତ୍ମକ ମାନସିକ ସ୍ୱାସ୍ଥ୍ୟ ଫଳାଫଳ ଓ ସାମଗ୍ରିକ ସୁସ୍ଥତା ପାଇଁ ସହାୟକ ହୋଇଥାଏ। ପାରିବାରିକ ସ୍ତରରେ ଉକ୍ତ ମୁକ୍ତ କଲ୍ୟାଣର ପନ୍ଥା ଯେତେବେଳେ ପରିବାରର ସଦସ୍ୟଙ୍କଠାରେ ଥାଏ, ଯାହା ବ୍ୟକ୍ତିକୁ ସୁସ୍ଥ ତଥା ଦୀର୍ଘାୟୁ କରେ, ସେତେବେଳେ ସରକାରୀ କଲ୍ୟାଣ ହୋଇଥାଏ କେବଳ କିଛି ଅର୍ଥର ସାହାଯ୍ୟ ଓ



ଆନୁଷଙ୍ଗିକ ସହଯୋଗ। ଭାରତୀୟ ପରିବାର ଆମ ସଂସ୍କୃତିରେ ଏକ ବିଶେଷ ସ୍ଥାନ ଅଧିକାର କରିଥାଏ, ଯାହା ଦ୍ୱାରା ସୃଷ୍ଟି ହୁଏ ଚେତନାର ଶିକ୍ଷା। ପାରିବାରିକ କଲ୍ୟାଣ କେବଳ ଜନ୍ମର ଯୋଜନା ନୁହେଁ, ବରଂ ସମୁଦାୟ ପରିବାରର ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ସମଗ୍ର ପରିବାରର କଲ୍ୟାଣକୁ ଅନ୍ତର୍ଭୁକ୍ତ କରିଥାଏ। ଭାରତରେ ସରକାରୀ ସ୍ତରରେ ପ୍ରଥମେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ରଘୁନାଥ ଧୋଣ୍ଡୋ କରଭେ ସ୍ଥାନିତ କରିଥିଲେ। ତାଙ୍କ ଯୋଜନାରେ ସେ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତାକୁ ସ୍ୱୀକାର କରି ସେଥିପାଇଁ କେତେକ ଉପଦେଶ ଦେଇଥିଲେ। ତାଙ୍କ ମତରେ ସମାଜ କଲ୍ୟାଣ ସର୍ବ ପ୍ରଥମେ ଜନସଂଖ୍ୟା ନିୟନ୍ତ୍ରଣରେ ପ୍ରାଥମିକତା ଦେବା ଉଚିତ, ତେବେ ଯାଇ ପରିବାର କଲ୍ୟାଣ ସରକାରୀ ଭାବରେ ସମ୍ଭବ ହୋଇପାରିବ। ମହାତ୍ମା ଗାନ୍ଧୀ କହିଥିଲେ, ସମାଜ ଜନ୍ମ ନିୟନ୍ତ୍ରଣ ଉପରେ ନିର୍ଭର କରିବା ପରିବର୍ତ୍ତେ, ଆତ୍ମ ନିୟନ୍ତ୍ରଣ ଅଭ୍ୟାସ କରିବା ଉଚିତ, ଯାହା ଏକ ମୌଳିକ ଚିନ୍ତା ବୋଲି ମନେହୁଏ। ମାତ୍ର ପରବର୍ତ୍ତୀ ସମୟରେ ସରକାର ଅନେକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜନ୍ମ ନିୟନ୍ତ୍ରଣକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିଥାନ୍ତି। ପରିବାରର କଲ୍ୟାଣ ଯେତେବେଳେ ଜନ୍ମ ନିୟନ୍ତ୍ରଣକୁ ପ୍ରାଥମିକତା ଦେଇଥାଏ, ସେତେବେଳେ ଏହା ଏକ ଭିନ୍ନ ବାସ୍ତବତାର ସମ୍ମୁଖୀନ ହୋଇଥାଏ । ଭାରତରେ ଏହି କାର୍ଯ୍ୟକ୍ରମ ୧୯୫୨ରେ ଆରମ୍ଭ ହୋଇଥିଲା ଓ ପ୍ରଥମେ ଏହା କେବଳ ଜନ୍ମ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଉଥିଲା। ମାତ୍ର ସମୟକ୍ରମେ ଏହି କାର୍ଯ୍ୟକ୍ରମ ପାରିବାରିକ ସ୍ୱାସ୍ଥ୍ୟର ଅନ୍ୟାନ୍ୟ ଦିଗ ଯାହା ପୁଷ୍ଟିକର ଖାଦ୍ୟ, ପରିବାର କଲ୍ୟାଣ, ମା' ଓ ଶିଶୁ ସ୍ୱାସ୍ଥ୍ୟକୁ ଅନ୍ତର୍ଭୁକ୍ତ କରିଥିଲା।

ପରିବାର ଯୋଜନା ଆରମ୍ଭ କରିବାରେ ଭାରତ ବିଶ୍ୱର ପ୍ରଥମ ଦେଶ ଥିଲା। କିନ୍ତୁ ଜନସଂଖ୍ୟାକୁ ସ୍ଥିର ରଖିବା ତଥା ନାଗରିକଙ୍କୁ ସୁସ୍ଥ ଓ ଉତ୍ପାଦନକ୍ଷମ ଜୀବନ ପ୍ରଦାନ କରିବାର ଆବଶ୍ୟକତା ଥିବା ମନେହୁଏ। ଏହା ମଧ୍ୟ ନିଶ୍ଚିତ ଯେ, ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଜାତୀୟ ବିକାଶରେ ବାଧା ସୃଷ୍ଟି କରିଥାଏ। ଏଥିପାଇଁ ଜନସଂଖ୍ୟା ବୃଦ୍ଧି ସମସ୍ୟାକୁ ଦୂର କରିବା ପାଇଁ ଯୋଜନା ଅବଧି ମଧ୍ୟରେ ମୁଖ୍ୟ ଗୁରୁତ୍ୱ ଦିଆଯାଇଥିଲା। ସରକାରୀ ସ୍ତରରେ ଯେତେବେଳେ ଅନେକ କଲ୍ୟାଣ ଓ ନିୟନ୍ତ୍ରଣ କାର୍ଯ୍ୟକାରୀ ହୋଇଥାଏ, ସେତେବେଳେ ପରିବାର ତାହାକୁ ସ୍ୱୀକାର କରିଥାଏ ବା କେତେକାଂଶରେ ନ କରି ମଧ୍ୟ ଥାଏ, ଯାହା ଥାଏ ସରକାରୀ ସ୍ତରର ନୀତି ଓ ନିର୍ଦ୍ଦେଶ। ମାତ୍ର ସାମ୍ପ୍ରତିକ ସମାଜରେ ପରିବାର କଲ୍ୟାଣ ଓ ନିୟନ୍ତ୍ରଣ ସରକାରୀ ସ୍ତରରେ ନିୟନ୍ତ୍ରିତ ହୋଇଥିଲେ ମଧ୍ୟ ପାରିବାରିକ ବା ସାମାଜିକ କ୍ଷେତ୍ରରେ ତାହା ଯଥେଷ୍ଟ ନିଷ୍କ୍ରିୟ ହୋଇଯାଉଛି। ଯେତେବେଳେ ପରିବାର ଜନସଂଖ୍ୟାରେ ନିୟନ୍ତ୍ରଣ ହୋଇଗଲା, ସେତେବେଳେ ସେହି ସମାଜରେ ବ୍ୟକ୍ତି ବା ପରିବାର ନିଜ ନିଜ ମଧ୍ୟରେ ଅନିୟନ୍ତ୍ରିତ ହୋଇଗଲେ। ସାମଗ୍ରିକ ଭାବେ କିଛି ବର୍ଷ ପୂର୍ବରୁ ଯେତେବେଳେ ପରିବାର କହିଲେ ୧୫/୨୦ ଜଣକୁ ବୁଝାଉଥିଲା, ସେତେବେଳେ ପରିବାର କଲ୍ୟାଣ ମଧ୍ୟ ସୁଚାରୁରୂପେ ହେଉଥିଲା ଓ ପରିବାର ନିୟନ୍ତ୍ରଣରେ ନିୟନ୍ତ୍ରିତ ହେଉଥିଲା। ବର୍ତ୍ତମାନ ପ୍ରତ୍ୟେକ ପରିବାର ନିକଟରେ ଯଥେଷ୍ଟ କଲ୍ୟାଣର ସୁବିଧା ଥାଇ ମଧ୍ୟ ଏକାନ୍ନବର୍ତ୍ତୀ ପରିବାର ଏକକ ପରିବାର ହୋଇଛି। ବୈକୁଣ୍ଠର ଘର ନିର୍ବାସନ କ୍ଷେତ୍ର ଭଳି ଅନୁଭବ ହେଉଛି। ଅତଏବ ସରକାରୀ ଭାଷାରେ ପରିବାର କଲ୍ୟାଣ ଓ ପରିବାର ନିୟନ୍ତ୍ରଣ ଯେତେବେଳେ ଶାସନର ପରିଧି ମଧ୍ୟରେ ନିୟନ୍ତ୍ରିତ ହୋଇଥାଏ, ସେତେବେଳେ ପାରିବାରିକ ଓ ସାମାଜିକ ଅନୁଶାସନରେ ପରିବାର କଲ୍ୟାଣର ପୃଷ୍ଠଭୂମିରେ ନୈତିକତାର ଆତ୍ମନିୟନ୍ତ୍ରଣରେ ମନ୍ତ୍ରିତ ହେବା ଆବଶ୍ୟକ; ଯେଉଁଥିରେ ସୃଷ୍ଟି ହେବ ପରିବାରର ଆତ୍ମ ମର୍ଯ୍ୟାଦା ଓ ପ୍ରକୃତ କଲ୍ୟାଣର ନିୟନ୍ତ୍ରିତ ସୀମାରେଖା।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ଛାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ

ମହାଶୟ,
ନାରୀ ଶିକ୍ଷାରେ ଉଲ୍ଲେଖନୀୟ ପାରଦର୍ଶିତା ଆଣିବାକୁ ହେଲେ ଛାତ୍ରୀଙ୍କ ସୁରକ୍ଷା ଲୋଡ଼ା। ସେମାନଙ୍କୁ ଅଧ୍ୟୟନ ସମୟରେ ମାନସିକ ଉତ୍ପୀଡ଼ନରୁ ମୁକ୍ତ ରଖିବା ଦରକାର। ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ପ୍ରତି ମାନସିକସ୍ତରରେ ଅତ୍ୟାଚାର ଯୋଗୁ ସେମାନଙ୍କ ସ୍ଥିତି ଚାପଗ୍ରସ୍ତ ହେବା ସହ ଜୀବନ ଦିନକୁ ଦିନ ଅସୁରକ୍ଷିତ ହେଉଛି। ସ୍ଥିତିକୁ ଲକ୍ଷ୍ୟକରି ବିଦ୍ୟାଳୟସ୍ତରରେ ଅଧିକ ଶିକ୍ଷୟିତ୍ରୀ ସହ ମହିଳା କର୍ମଚାରୀ ନିଯୁକ୍ତ କରାଯାଉ। ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରୀଙ୍କ ପାଇଁ ଏକ ଭୀତିମୁକ୍ତ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ସକାଶେ ସରକାର ତାଙ୍କ ଶିକ୍ଷାନୀତିରେ ପରିବର୍ତ୍ତନ ଆଣନ୍ତୁ, ଯାହା ଜାତୀୟ ଆଶା ଆକାଂକ୍ଷାର ପ୍ରତିଫଳନ ରୂପେ ପ୍ରତିପାଦିତ ହେବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅପରାଧୀକରଣକୁ ପ୍ରୋତ୍ସାହିତ କିମ୍ବା ପ୍ରଶ୍ରୟ ଦେବା ପରି ହୀନ ମାନସିକତାଠାରୁ ଦୂରେଇ ରହିବା ଦିଗରେ ଆମ୍ଭେମାନେ ସତର୍କତା ଅବଲମ୍ବନପୂର୍ବକ ସଚେତନାତ୍ମକ ପଦକ୍ଷେପ ନେବା ଆବଶ୍ୟକ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସହାୟ ବାନପ୍ରସ୍ଥି ଓ ଉତ୍ତରପିଢ଼ି



ଜଗନ୍ନାଥ ବେହେରା

ଆଜି ଭାରତରେ ଜନ୍ମିତ ଉତ୍ତର ପିଢ଼ିମାନେ ବୟସ୍କ ମାତାପିତାଙ୍କ ଦାୟିତ୍ୱ ବହନ କରିବାରେ କୁଣ୍ଠା ପ୍ରକାଶ କରୁଛନ୍ତି। ଏହା ବଡ଼ ବିଡ଼ମ୍ବନା । ଅନେକ ଲକ୍ଷ ବୃଦ୍ଧା ବୃଦ୍ଧ ସୁରକ୍ଷାରୁ ବଞ୍ଚିତ ହୋଇ ନିର୍ଯାତିତ ଜୀବନ କାଟୁଛନ୍ତି। ଅସହାୟ ବାନପ୍ରସ୍ଥିର ଅଶ୍ରୁ ପୋଛିବାକୁ କାହା ନିକଟରେ ଆଉ ସମୟ ନାହିଁ।

ଭାରତୀୟ ସଂସ୍କୃତି ଦିନେ ପିତା ଏବଂ ପୂର୍ବପୁରୁଷଙ୍କୁ ସ୍ୱର୍ଗ, ଧର୍ମ ଏବଂ ତପସ୍ୟାର ଆସନ ଦିଆଯାଇଥିଲା। ଜୀବିତ ହେଉ ବା ମୃତ ମାତାପିତାଙ୍କୁ ଦେବତା ପରି ପୂଜା କରାଯାଉଥିଲା। ମା' ଥିଲେ ସ୍ୱର୍ଗଠାରୁ ମହୀୟସୀ। ମଣିଷ ଜୀବନର ପାଞ୍ଚବିଧି ଋଣ ମଧ୍ୟରୁ ପିତୃ ଋଣ ଥିଲା ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ। ଆର୍ଯ୍ୟ ଭାରତର ଚତୁରାଶ୍ରମ ମଧ୍ୟରୁ ତୃତୀୟ ପର୍ଯ୍ୟାୟର ବାନପ୍ରସ୍ଥ ଜୀବନ ଥିଲା ସମସ୍ତଙ୍କର ପୂଜ୍ୟ ଏବଂ ବରେଣ୍ୟ। ବନପ୍ରସ୍ଥି ଅଭିଜ୍ଞ ମନ୍ତ୍ରଣା ଦ୍ୱାରା ରାଜ୍ୟ ବ୍ୟବସ୍ଥା, ସମାଜ ବ୍ୟବସ୍ଥା ଓ ପରିବାର ବ୍ୟବସ୍ଥା ସୁପରିଚରକ ହେଉଥିଲା।

ବୟସ୍କମାନଙ୍କ ମନ, ଚିନ୍ତା ଓ ଦୃଷ୍ଟିଭଙ୍ଗୀର ବ୍ୟାପକ ପରିବର୍ତ୍ତନ ଘଟିଛି। ସତ୍ୟ, ସରଳତା, ତ୍ୟାଗ ତୀତିକ୍ଷା, ଧୈର୍ଯ୍ୟ ଏବଂ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସେମାନେ। ଆମେ କିନ୍ତୁ ଆଜି ଏହା ବୁଝିବାରେ ଅସମର୍ଥ । ଆମ ବୁଦ୍ଧି ବିବେକ ଏବେ ଜେଲରେ ବନ୍ଦୀ। ଏବେ କିନ୍ତୁ ସେମାନେ ସମାଜର ଅଲୋଡ଼ା ଅଙ୍ଗ, ଯାହାଙ୍କ ପ୍ରତି ଯାବତୀୟ ନିର୍ଯାତନା ପ୍ରଦର୍ଶନ କରାଯାଉଛି। ଏହି ପ୍ରସଙ୍ଗକୁ ନେଇ ଅବଶ୍ୟ ବର୍ତ୍ତମାନ ଗ୍ରାମପଞ୍ଚାୟତ ସ୍ତରରୁ ଜାତିସଂଘ ପର୍ଯ୍ୟନ୍ତ ଉଦ୍‌ବେଗ ସୃଷ୍ଟି ହୋଇଛି। ସମସ୍ୟାକୁ ସମାଧାନ କରିବାର ରାସ୍ତା ଖୋଜୁଛନ୍ତି। ସମଗ୍ର ବିଶ୍ୱରେ ବାର୍ଦ୍ଧକ୍ୟ ସଂଖ୍ୟା ୧୦୦ କୋଟି ନିକଟରେ ପହଞ୍ଚି ସାରିଲାଣି। ବୟସ୍କମାନଙ୍କ ସମସ୍ୟା ଓ ସେମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତା ନିମନ୍ତେ ଜାତିସଂଘରେ ପ୍ରଥମ ଥର ଅର୍ଜେଣ୍ଟିନା ୧୯୪୮ରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ଦୀର୍ଘ ୨୦ ବର୍ଷ ପରେ ୧୯୭୧ ମସିହାରେ ଜାତିସଂଘର ସାଧାରଣ ପରିଷଦ ବୟସ୍କଙ୍କ ନିମନ୍ତେ ଏକ ମାର୍ଗ ଦର୍ଶିକା ପ୍ରସ୍ତୁତ କରିବାକୁ ସେକ୍ରେଟାରୀ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଲେ। ଶେଷରେ ୧୯୮୨ ମସିହା ଜୁଲାଇ ୨୬ ଠାରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ବୟସ୍କ ନିମନ୍ତେ ପ୍ରଥମ ଆନ୍ତର୍ଜାତିକ ସମ୍ମିଳନୀ ଭିଏତ୍‌ନାମ୍‌ରେ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ବୟସ୍କଙ୍କ ବ୍ୟକ୍ତିଗତ ସ୍ୱାଧୀନତା, ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ନିରାପତ୍ତା, ବ୍ୟକ୍ତିଗତ ଇଚ୍ଛା ଓ ଆକାଂକ୍ଷା ପୂରଣ ଆଦି ନିଷ୍ପତ୍ତି ହାତକୁ ନିଆଯାଉଛି। ଶ୍ରଆଇନ ଅନୁଯାୟୀ ବୃଦ୍ଧା ମାତାପିତାଙ୍କ ପରିପାଳନ କରିବା ପିଲାଙ୍କ ନିମନ୍ତେ ବାଧ୍ୟ।

୧୯୯୯ରେ ବୟସ୍କଙ୍କ ନିମନ୍ତେ ଜାତୀୟ ନୀତି ଅନୁଯାୟୀ ବୃଦ୍ଧାଶ୍ରମ ପ୍ରତିଷ୍ଠା, ଡାକ୍ତରଖାନାରେ ଅଗ୍ରାଧିକାରରେ ଚିକିତ୍ସା, ରେଳରେ ରିହାତି ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ 'ବରିଷ୍ଠ ନାଗରିକ ନୀତି ୨୦୧୬' କାର୍ଯ୍ୟକ୍ରମ ହୋଇଛି। ସେମାନଙ୍କ ସ୍ୱାଭିମାନ ସୁରକ୍ଷା, ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟସେବା, ଖାଦ୍ୟ, ବାସଗୃହ ଏବଂ ଚିତ୍ତବିନୋଦନ ସହଜ କରିବାର ନୀତି ନିରୂପଣ ହୋଇଛି। ବାର୍ଦ୍ଧକ୍ୟରେ ଉପାର୍ଜନର ନିଶ୍ଚିତତା, ସ୍ୱାସ୍ଥ୍ୟର ଯତ୍ନ, ସୁରକ୍ଷା ଓ ନିରାପତ୍ତା, ରହିବା ପାଇଁ ବାସ, ଭରଣପୋଷଣ, ଉତ୍ତରପିଢ଼ିଙ୍କ ସହ ପାରସ୍ପରିକ ସମ୍ପର୍କକୁ ନିବିଡ଼ ପରି ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ ପାଇଛି।

ବୟସ୍କମାନଙ୍କୁ ସୁରକ୍ଷା, ସମ୍ମାନ ଦେବାପାଇଁ ସରକାରୀ ସ୍ତରରେ ବ୍ୟାପକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେମାନେ ଘରୋଇ ହିଂସାର ଶିକାର ହେବା ବର୍ତ୍ତମାନର ବଡ଼ ସମସ୍ୟା। ନିଜର ପୁତ୍ର କନ୍ୟାମାନେ ନିର୍ଯାତନା ଦେବା, ଠିକ୍ ସମୟରେ ଖାଦ୍ୟ ନ ଦେବା, ଆବଶ୍ୟକୀୟ ଔଷଧରୁ ଦୂରେଇ ରଖିବା, ବଞ୍ଚି ଥାଉ ଥାଉ ସେମାନଙ୍କୁ ସ୍ୱ-ଅର୍ଜିତ ସମ୍ପତ୍ତିରୁ ବଞ୍ଚିତ କରିବା, ସେମାନଙ୍କ ପେନ୍‌ସନକୁ ବଳପୂର୍ବକ ନେବା ଏବଂ ଅସୁସ୍ଥତା ସମୟରେ ସେବା ନ ଦେବା ପରି ସମୟରେ ପୀଡ଼ିତ ବର୍ତ୍ତମାନ ବୟସ୍କ ମଣିଷ । ସେମାନେ ଆଜି ମରଣର ପ୍ରତୀକ୍ଷା, ଜୀବନ ଅପେକ୍ଷା ମୃତ୍ୟୁ ହିଁ ସେମାନଙ୍କ ଅଧିକ କାମ୍ୟ। ସନ୍ତାନମାନଙ୍କ ମାନସିକତାରେ ପରିବର୍ତ୍ତନ ନ ଘଟିଲେ ସେମାନଙ୍କ ଶାନ୍ତି, ସନ୍ତୋଷରେ ବ୍ୟାହତ ହେବ । ନିଜ ନିଜ ଶବକୁ ବହନ କରି ସଂସାରରେ ପର୍ଯ୍ୟଟନ କରୁଥିବା ଏହି ଅସହାୟ ବାନପ୍ରସ୍ଥିଙ୍କ ଅଶ୍ରୁ ଚିରସ୍ରୋତା ହୋଇଯିବ। ଉତ୍ତରପିଢ଼ିଙ୍କ ଦାୟିତ୍ୱହୀନତା ଆଗାମୀ ଦିନଗୁଡ଼ିକରେ ଅନୁଭବୀ ସୂର୍ଯ୍ୟଙ୍କ ତେଜକୁ ମେଘାଚ୍ଛନ୍ନ ନ କରି ଦେବ କିଏ କହିବ।

**ଗାୟତ୍ରୀ ନଗର, ନବରଙ୍ଗପୁର,**
**ମୋ:୯୪୩୭୭୮୫୧୫୮**

## ଚିରନ୍ତନୀ

ପ୍ରୀଡ଼ିତ ମରମେ ମମ
ଅଛିହିଁ ନିଠୁରତମ
ଏ ସଂସାର ମାରିଯାଏ ବିକଳ ଆଘାତ,
ଚିରିଯାଏ କ୍ଷତଗାର
ବହଇ ରକତ ଧାର
ଛୁଇଁଯାଉ ତହିଁ ତବ ସୁଶୀତଳ ହାତ ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସାରସକଣା ବ୍ଲକକୁ ୩କୋଟି ୯୩ଲକ୍ଷ ୧୫ ହଜାର ଟଙ୍କାର ଅନୁଦାନ

**ଝାରପୋଖରିଆ,୨୩।୭ (ସୁଧୀର କୁମାର ମହାନ୍ତ)**

ଓଡ଼ିଶା ସରକାରଙ୍କ ପକ୍ଷରୁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ସାରସକଣା ନିର୍ବାଚନ ମଣ୍ଡଳୀ ସାରସକଣା ବ୍ଲକର ୧୭ଟି ଗ୍ରାମ ପଞ୍ଚାୟତ ଅଧୀନରେ ବସବାସ କରୁଥିବା ମୋଟ ୧ଲକ୍ଷ ୮ଶହ ୧୬ ଜଣ ଜନସାଧାରଣଙ୍କ ନିମନ୍ତେ ୨୦୨୪-୨୫ ବର୍ଷ ନିମନ୍ତେ ୩କୋଟି ୯୩ଲକ୍ଷ ୧୫ହଜାର ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏହି ଅର୍ଥରାଶିକୁ ପ୍ରତି ପଞ୍ଚାୟତର ଜନସଂଖ୍ୟାକୁ ଆଧାର କରି ବିଭିନ୍ନ ଜନହିତକାରୀ ଯୋଜନା ମାଧ୍ୟମରେ ଖର୍ଚ୍ଚକରି ପ୍ରକଳ୍ପ ନିର୍ମାଣ ପାଇଁ ନିର୍ଦ୍ଦେଶ ରହିଛି। ଏପରିକି ପ୍ରତି ପଞ୍ଚାୟତରେ ୨୬୫ ଜନସଂଖ୍ୟାକୁ ଆଧାର କରି ୧ଲକ୍ଷ ଟଙ୍କା ହିସାବରେ ଖର୍ଚ୍ଚ ଅଟକଳକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ୧୭ଟି ଗ୍ରାମପଞ୍ଚାୟତ ମାଧ୍ୟମରେ ଅର୍ଥ ପ୍ରଦାନ କରାଯାଇଛି। ସେଥି ମଧ୍ୟରୁ ୫୫୮୫ ଜନସଂଖ୍ୟା ଥିବା ବାଗବୁଡ଼ା ଗ୍ରାମପଞ୍ଚାୟତକୁ ୨୧ଲକ୍ଷ ୮୦ ହଜାର, ଭୁରୁଷାଣୀ ପଞ୍ଚାୟତ ୮୪୨୬ ଜନସଂଖ୍ୟା ନିମନ୍ତେ ୩୨ଲକ୍ଷ ୮୦ ହଜାର, ଧାଙ୍ଗୁଡ଼ିଶୋଳ ପଞ୍ଚାୟତର ୫୫୮୬ ଜନସଂଖ୍ୟା ଅନୁଯାୟୀ ୨୧ଲକ୍ଷ ୮୦ହଜାର, ଜାଲଦା ପଞ୍ଚାୟତ ୪୩୮୮ ଜନସାଧାରଣଙ୍କ ପାଇଁ ୧୭ଲକ୍ଷ ୧୦ ହଜାର, ଝାରପୋଖରିଆ ପଞ୍ଚାୟତର

### ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା

୬୯୨୬ ଜନସାଧାରଣଙ୍କ ପାଇଁ ୨୭ଲକ୍ଷ, ଯୋକା ପଞ୍ଚାୟତ ୬୨୩୩ ଜନସଂଖ୍ୟା ପାଇଁ ୨୪ଲକ୍ଷ ୩୦ହଜାର, ମୁରୁଣିଆ ପଞ୍ଚାୟତର ୫୬୦୩ ଜନସାଧାରଣଙ୍କ ପାଇଁ ୨୧ଲକ୍ଷ ୮୦ହଜାର ଟଙ୍କା, ପାକଟିଆ ପଞ୍ଚାୟତର ୫୦୪୨ ଜନତାଙ୍କ ପାଇଁ ୧୯ଲକ୍ଷ ୬୦ ହଜାର ଟଙ୍କା, ପୋଖରିଆ ପଞ୍ଚାୟତର ୭୩୩୦ ଜନସାଧାରଣଙ୍କ ପାଇଁ ୨୮ଲକ୍ଷ ୬୦ହଜାର ଟଙ୍କା, ପୋଖରଡିହା ପଞ୍ଚାୟତର ୪୧୯୧ ଜନସଧାରଣଙ୍କ ପାଇଁ ୧୬ଲକ୍ଷ ୩୦ହଜାର ଟଙ୍କା, ପାଣ୍ଡରା ପଞ୍ଚାୟତର ୨୯୪୩ ଜନସଂଖ୍ୟା ନିମନ୍ତେ ୧୧ଲକ୍ଷ ୫୦ହଜାର ଟଙ୍କା, ରଜାଲୋକା ପଞ୍ଚାୟତର ୫୬୭୩ ଜନସାଧାରଣଙ୍କ ପାଇଁ ୨୨ଲକ୍ଷ ୧୦ହଜାର ଟଙ୍କା, ଶଙ୍ଖାଭଙ୍ଗା ପଞ୍ଚାୟତ ପାଇଁ ୫୭୪୦ ଜଣ ଜନସାଧାରଣଙ୍କ ନିମନ୍ତେ ୨୨ଲକ୍ଷ ୪୦ହଜାର ଅର୍ଥରାଶି, ସାରସକଣା ପଞ୍ଚାୟତ ପାଇଁ ୮୮୪୮ ଜନସାଧାରଙ୍କ ନିମନ୍ତେ ୩୪ଲକ୍ଷ ୫୦ହଜାର ଟଙ୍କା, ଶିଳଫୋଡି ପଞ୍ଚାୟତର ୨୮୪୧ ଜନସାଧାରଣଙ୍କ ପାଇଁ ୧୧ଲକ୍ଷ ୨୫ହଜାର ଟଙ୍କା, ଶୀର୍ଷା ପଞ୍ଚାୟତର ୭୬୩୭ ଜନସାଧାରଣଙ୍କ ପାଇଁ ୨୯ଲକ୍ଷ ୮୦ ହଜାର ଟଙ୍କା ଓ ଉମାଦେଇପୁର ଗ୍ରାମପଞ୍ଚାୟତରେ ବସବାସ କରୁଥିବା ୭୮୨୪ ଜନସାଧାରଙ୍କୁ ଆଧାର କରି ୩୦ ଲକ୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିବା କଥା ସାରସକଣା ବ୍ଲକ ସହକାରୀ ଯନ୍ତ୍ରୀ ଗଗନ ବିହାରୀ ମହାନ୍ତି ସୂଚନା ଦେଇଛନ୍ତି।

ଉକ୍ତ ଅନୁଦାନ ରାଶିକୁ ନେଇ ପ୍ରତି ପଞ୍ଚାୟତର ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ୱାର୍ଡ ପ୍ରତିନିଧିଙ୍କ ସମନ୍ୱୟ ନେଇ କେଉଁଠାରେ କେଉଁ ପ୍ରକଳ୍ପ କାର୍ଯ୍ୟନିର୍ମାଣର ଗୁରୁତ୍ୱକୁ ନେଇ ସମୀକ୍ଷା କରାଯାଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସ୍ଥିରକରି କାର୍ଯ୍ୟକରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ୨୦୨୪-୨୫ ଅଧିବର୍ଷରେ ସାରସକଣା ପଞ୍ଚାୟତର ସର୍ବାଧିକ ଅର୍ଥରାଶୀ ୩୪ଲକ୍ଷ ୫୦ ହଜାର ଟଙ୍କାର ପ୍ରକଳ୍ପ ଥିବାବେଳେ ପାଣ୍ଡରା ପଞ୍ଚାୟତର ସର୍ବନିମ୍ନ ୧୧ଲକ୍ଷ ୫୦ ହଜାର ଟଙ୍କା ପ୍ରକଳ୍ପ ସ୍ଥାନ ପାଇଥିବା ସାରସକଣା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ସରକାରଙ୍କ ପ୍ରଣିତ ଲୋକାଭିମୁଖୀ ଯୋଜନା ବିକଶିତ ଗାଁ ବିକଶିତ ଓଡିଶା ମାଧ୍ୟମରେ ପ୍ରତି ପଞ୍ଚାୟତରେ ହେଉଥିବା ପ୍ରକଳ୍ପଗୁଡ଼ିକରେ ୬୦ ପ୍ରତିଶତ ଅର୍ଥ ପଞ୍ଚାୟତ ସମିତି ସଭ୍ୟଙ୍କ ଅଂଶଧନ ସହିତ ୪୦ ପ୍ରତିଶତ ଅର୍ଥ ସ୍ଥାନୀୟ ବିଧାୟକଙ୍କ ଅଂଶଧନକୁ ନେଇ ଖର୍ଚ୍ଚ କରାଯିବାର ନିୟମ ରହିଛି।

# ଦୋଷୀଙ୍କୁ ଆଜୀବନ ଜେଲ

**ବାରିପଦା,୨୩।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

### ମହିଳାଙ୍କୁ ବଳାତ୍କାର ମାମଲା

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ସ୍ପେଶାଲ ପୋକ୍ସୋ କୋର୍ଟରେ ବୁଧବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ମାମଲା ବିଚାର କରି ଅଭିଯୁକ୍ତ ଚାନ୍ଦୁଆ ଥାନା ଅଞ୍ଚଳର ଜଟିଆ ମହାନ୍ତ(୬୧)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୨୦୨୩ ସେପ୍ଟେମ୍ବର ୧୯ ବିଳମ୍ବିତ ରାତିରେ ଜଣେ ମହିଳା ଘରେ ଶୋଇଥିଲେ। ଅଭିଯୁକ୍ତ ଜବରଦସ୍ତ ଘରେ ପ୍ରବେଶ କରି ମହିଳାଙ୍କୁ ଧମକଚମକ ଦେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦା ପିଆରଏମ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସୁସ୍ଥ ହେବା ପରେ ପରିବାର ଲୋକେ ୨୫ ସେପ୍ଟେମ୍ବର ୨୦୨୩ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୯୭/୨୩)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୋଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୧ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ପ୍ରାଧିକରଣଙ୍କୁ ସୁପାରିଶ କରାଯାଇଛି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ଉନ୍ନତ କୃଷି ପାଇଁ ୧୨ ଚାଷୀ ପୁରସ୍କୃତ

### କ୍ରେତା, ବିକ୍ରେତା କର୍ମଶାଳା

**ବାରିପଦା,୨୩।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ବାରିପଦା ସହୀଦ ସ୍ମୃତି ଭବନରେ କୃଷକ କ୍ଷେତ୍ରରେ ଉନ୍ନତି ସାଧନ ଲକ୍ଷ୍ୟରେ ବୁଧବାର ପୂର୍ବାହ୍ନ ୧୧ଟାରେ କ୍ରେତା ଓ ବିକ୍ରେତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏଏଫ୍ସି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ କର୍ମଶାଳାର ଆୟୋଜନ କରାଯାଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥିଭାବେ ବୃହତ ଉଠା ଜଳସେଚନ ପ୍ରକଳ୍ପ ରାଜ୍ୟ ମୁଖ୍ୟ ଡ଼. ରବୀନ୍ଦ୍ର କୁମାର ପାଇକରାୟ, ମୁଖ୍ୟ ବକ୍ତାଭାବେ ଓୟୁଏଟି ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ସନତ ମିଶ୍ର, ଏଏଫ୍ସି ରାଜ୍ୟ ମୁଖ୍ୟ ବିଭୁଦତ୍ତ ପାଇକରାୟ, କେନ୍ଦ୍ରୀୟ କୃଷି ବିଜ୍ଞାନ କେନ୍ଦ୍ର-୧ର ମୁଖ୍ୟ ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ, କେନ୍ଦ୍ରୀୟ କୃଷି ବିଜ୍ଞାନ କେନ୍ଦ୍ର-୨ର ମୁଖ୍ୟ ବୈଜ୍ଞାନିକ ଡ. ଦୀପକ କୁମାର ମହାନ୍ତି, ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ବାହୀଯନ୍ତ୍ରୀ ରିଙ୍କୁ ପୁରୁସେଠ, ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଲସ ହେମ୍ବ୍ରମ, ଅତିରିକ୍ତ ଜିଲା କୃଷି ଅଧିକାରୀ ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରମୟ ରଞ୍ଜନ ମହାନ୍ତ ଓ ଅର୍ଚ୍ଚନା ବଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଚାଷୀ ଓ କ୍ରେତା ମଧ୍ୟରେ ଏକ ସମ୍ପର୍କ ସୃଷ୍ଟି କରି ଚାଷ ଉତ୍ପାଦନ ଉଚିତ ବିକ୍ରି ବ୍ୟବସ୍ଥା କରିବା। ଯାହା ଫଳରେ ଚାଷୀ ଅଧିକ ଭାବେ ଲାଭବାନ ହୋଇପାରିବ, ସେନେଇ କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ରହିଛି। କର୍ମଶାଳାରେ ଜିଲାର ୨୬ଟି ବ୍ଲକ୍ରୁ ୨୫୦ରୁ ଚାଷୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଚାଷୀଙ୍କ ଉଦ୍ଦେଶ୍ୟରେ ମିଲେଟ, ଇଫ୍କୋ, ଲିମନ ଗ୍ରାସ ଓ ମୃତ୍ତିକା ବିହୀନ ଚାଷ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ଯାହାକି ଚାଷୀଙ୍କୁ ଚାଷ କ୍ଷେତ୍ରରେ ସହାୟତା ଯୋଗାଇବାକୁ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଅବସରରେ ଉନ୍ନତ ଚାଷ କାର୍ଯ୍ୟ ପାଇଁ ଜିଲା ୬ ବ୍ଲକ୍ର ୧୨ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ ବାଙ୍ଗିରିପୋଷିରୁ କମଳଚନ୍ଦ୍ର ମହାନ୍ତ, ବଳରାମ ଗିରି, ସୁଶାନ୍ତ ଗିରି, ପର୍ଶୁ ଗିରି, ବଡ଼ସାହି ଓ ଗୋପବନ୍ଧୁ ନଗର ବ୍ଲକ୍ରୁ ସରୋଜ ପ୍ରଧାନ ଓ ରିତାଶ୍ରୀ ରାଉତ, ଜାମଦା ବ୍ଲକ୍ରୁ ଲାଲମୋହନ ନାଏକ ଓ ସାବିତ୍ରୀ ଗିରି, ସୁକ୍ରୁଲି ବ୍ଲକ୍ରୁ ସୁଶାନ୍ତ ମହାନ୍ତ ଓ ପ୍ରହ୍ଲାଦ ନାଏକ ଏବଂ କପ୍ତିପଦା ବ୍ଲକ୍ର ମୋହନ ଦାସ ଓ ଦୁର୍ଜନ ସିଂଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସ୍କିମ ସହକାରୀ ମାନସ ମହାନ୍ତି, ଡିଏଲଏମ ଦୀପକ ସି ଓ ଏମଏସଏ ରଜତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଆଶ୍ରମ ସ୍କୁଲର ୨୯ ଛାତ୍ରୀଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ

**ଠାକୁରମୁଣ୍ଡା,୨୩।୭ (ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ରେ ଥିବା ଆଦିବାସୀ ଓ ହରିଜନ ବିଭାଗ ଦ୍ୱାରା ପରିଚାଳିତ ପତ୍ରପୋଡ଼ା ଆଶ୍ରମ ବିଦ୍ୟାଳୟରେ ୨୯ଜଣ ଛାତ୍ରୀଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨ ଦିନ ମଧ୍ୟରେ ୯ ଜଣ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେଥି ମଧ୍ୟରୁ ଗୁରୁତର ୨ ଜଣ ଛାତ୍ରୀଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆକ୍ରାନ୍ତ ବିଦ୍ୟାଳୟ ହଷ୍ଟେଲରେ ଚିକିତ୍ସିତ ହେଉଛନ୍ତି। ବୁଧବାର ଆଶ୍ରମ ବିଦ୍ୟାଳୟକୁ ମେଡ଼ିକାଲ ଟିମ୍ ଯାଇ ଚିକିତ୍ସା କରିଛନ୍ତି। ବିଦ୍ୟାଳୟକୁ କରଞ୍ଜିଆ ପିଏ ଆଇଟିଡିଏ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଠାକୁରମୁଣ୍ଡା ବିଡିଓ, ବ୍ଲକ୍ ସମାଜ ମଙ୍ଗଳ ଅଧିକାରୀ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଖାଦ୍ୟ, ପାନୀୟ ଜଳରୁ ଝାଡ଼ାବାନ୍ତି ବ୍ୟାପୁଥିବା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଚିତ୍ତରଞ୍ଜନ ନାୟକ କହିଛନ୍ତି। ବର୍ତ୍ତମାନ ଆକ୍ରାନ୍ତଙ୍କ ଅବସ୍ଥାସ୍ଥିର ଥିବାର ଜଣାପଡ଼ିଛି। ବୁଧବାର ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରକାଶ ଯେ, ଆଶ୍ରମ ବିଦ୍ୟାଳୟରେ ମୋଟ ୩୭୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୮ ଜଣ ଛାତ୍ରୀ ଓ ୨୧୨ ଜଣ ଛାତ୍ର ରହି ପାଠ ପଢ଼ୁଛନ୍ତି।


**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No.TPWODL/PJ/O/SU/2500001018 Date: 23.07.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**One Year RC for supply of Different types of LED Light.**

Interested bidders are to submit Tender Participation Fee and Authorization Letter through email on or before **2nd Aug 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**


# ଗାଈ ଖୋଜିବାକୁ ଯାଇଥିଲେ, ଏୟାରଷ୍ଟ୍ରିପ୍ରୁ ମିଳିଲା ମୃତଦେହ

**ମୋରଡ଼ା,୨୩।୭(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ଅମର୍ଦା ଏୟାରଷ୍ଟ୍ରିପ୍ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି। ମୃତକ ହେଲେ ରାସଗୋବିନ୍ଦପୁର ପଞ୍ଚାୟତର ନିଶିକାନ୍ତ ମହାନ୍ତି(୫୭)। ସୂଚନା ଅନୁଯାୟୀ, ନିଶିକାନ୍ତ ମଙ୍ଗଳବାର ଅପରାହ୍ନରେ ଗାଈ ଖୋଜିବାକୁ ଏୟାରଷ୍ଟ୍ରିପ୍ ନିକଟକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ବୁଧବାର ସକାଳେ ତାଙ୍କ ମୃତଦେହ ଏୟାରଷ୍ଟ୍ରିପ୍ରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍ଏମ୍ ମେଡିକାଲକୁ ପଠାଇଥିଲା। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ନିଶିକାନ୍ତଙ୍କୁ ହତ୍ୟା ନେଇ ସନ୍ଦେହ କରାଯାଉଥିବା ତାଙ୍କ ସ୍ତ୍ରୀ ସୁରେଖା ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲ (ନଂ.୨୮୨/୨୫) ରୁଜୁ ହୋଇଛି।

# କେନ୍ଦ୍ରୀୟ ବିଦ୍ୟାଳୟ ଲାଗି ଭିତ୍ତିପ୍ରସ୍ତର

**ଉଦଳା,୨୩।୭(ସନ୍ତୋଷ କୁମାର ବାଛିନି)**

ମୟୂରଭଞ୍ଜ ଜିଲା ଉଦଳା ହାଇସ୍କୁଲଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ବୁଧବାର ପୂର୍ବାହ୍ନ ୧୧ଟାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉଦଳା ବିଧାୟକ ଭାସ୍କର ମଢେଇ, ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଏନ୍ଏସି ନଗରପାଳ ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପାଇଁ ହେବାକୁ ଥିବା ଅସ୍ଥାୟୀ ଶ୍ରେଣୀଗୃହ ନିମନ୍ତେ ପୂଜା କରିଥିଲେ। ବିଧାୟକଙ୍କ ହାତପାଣ୍ଠିରୁ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଏହି ଗୃହ ନିର୍ମାଣ ହେବ। ଆସନ୍ତା ଅଗଷ୍ଟ ୨୦ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହୋଇ ସେପ୍ଟେମ୍ବର ଶେଷ ସୁଦ୍ଧା କେନ୍ଦ୍ରୀୟ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ। ପ୍ରଥମରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୪୦ ଛାତ୍ରୀଛାତ୍ର ଏହି ବିଦ୍ୟାଳୟରେ ପାଠ ପଢ଼ିବେ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ଏହି ଅସ୍ଥାୟୀ ଗୃହରେ ଏବେ ପାଠପଢ଼ା ଯିବ। ୨ରୁ ୩ବର୍ଷ ମଧ୍ୟରେ ନୂତନ ଗୃହ ନିର୍ମାଣ ସହ ଚିହ୍ନଟ ହୋଇଥିବା ୧୦ ଏକର ଜାଗାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବ ବୋଲି ବିଧାୟକ କହିଛନ୍ତି।

# ୫୧ ୟୁନିଟ ରକ୍ତ ସଂଗୃହୀତ

**ବାରିପଦା, ୨୩।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାର ଖବରଦାତା 'ଭୀଷ୍ମ ପିତାମହ' ସ୍ୱର୍ଗତ ଅମରେନ୍ଦ୍ରଲାଲ ବୋଷଙ୍କ ସ୍ମୃତିରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଜିଲା ସାମ୍ବାଦିକ ପରିବାର ପକ୍ଷରୁ ଆୟୋଜିତ ଶିବିରକୁ ଜିଲାପାଳ ହେମକାନ୍ତ ସୟ ଉଦ୍ଘାଟନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବରିଷ୍ଠ ଖବରଦାତା କଲ୍ୟାଣ କୁମାର ସିହ୍ନା, ରାମଚନ୍ଦ୍ର ଦାସ ସୁକାନ୍ତ କୁମାର ଜିଉ, କବି ବିଷ୍ଣୁ ଶତପଥୀ, ବିଭୁଦତ୍ତ ଦାସ ଓ ସାମାଜିକ କର୍ମୀ ଅମର ସେଠୀ ଯୋଗ ଦେଇଥିଲେ। ଜିଲାର କୋଣ ଅନୁକୋଣରୁ ଖବରଦାତା ଓ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରି ସ୍ୱର୍ଗତ ଅମରେନ୍ଦ୍ର ଲାଲଙ୍କ ୬୦ବର୍ଷର ସାମ୍ବାଦିକତା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସମସ୍ତ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ରକ୍ତଭଣ୍ଡାରର ଡାକ୍ତର ଓ ବୈଷୟିକ ଟିମ୍ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଅସୀମ ଚକ୍ରବର୍ତ୍ତୀ, ସୋମନାଥ ସିଂ ଓ ସୀମାନ୍ତ ମହିଳା ମହାବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ୨୦୨୬ ଜାନୁଆରୀ ୧୭ରେ ଜିଲାର ଅନ୍ୟତମ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ସ୍ମୃତିରେ ମଧ୍ୟ ଏକ ରକ୍ତଦାନ ଶିବିର କରାଯିବାକୁ ସ୍ଥିର ହୋଇଛି।


**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ. MSM-TW-CERT-SBP-17-25

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ସଦର ଠାରେ 20 KG. CI ଟେଷ୍ଟ ୱେଟ୍ସର ଲୋଡ଼ିଙ୍ଗ / ଅନଲୋଡ଼ିଙ୍ଗ, ପେଣ୍ଟିଙ୍ଗ, ସମନ୍ୱୟ ଏବଂ ପରୀକ୍ଷଣ, ଓଜନ ଏବଂ ମାପ ଆଇନ୍ ଓ ନିୟମ ଅନୁଯାୟୀ ଷ୍ଟେଟ୍ ଲିଗାଲ୍ ମେଟ୍ରୋଲୋଜି ବିଭାଗ, ଓଡ଼ିଶା ଦ୍ୱାରା ଯାଞ୍ଚ ପ୍ରମାଣପତ୍ର ଜାରି କରିବା ସହିତ ପରୀକ୍ଷଣ ୱାଗନର କ୍ରମାଙ୍କନ ଏବଂ ମୋହର ମାରିବା (Calibration and Stamping) ନିମନ୍ତେ ଶ୍ରମିକ ପ୍ରଦାନ କରିବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 25,07,468/-, EMD : ₹ 50,200/-, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ. MSM-HYDPNE-SBP-KBJ-18-25

**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 40,35,968/-, EMD : ₹ 80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 06.08.2025, 1500 ଘଣ୍ଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଡିଭିଜନାଲ ମେକାନିକାଲ ଇଂଜିନିୟର(Frt), ସମ୍ବଲପୁର
PR-390/Q/25-26



**Government of Jharkhand**
**Urban Development and Housing Department**
**PHUSRO NAGAR PARISHAD (BOKARO)**

**Very Short Term Notice Inviting Tender**
**Re-E-Tender Notice No. : - PMC/04/2024-25 (2nd Call)**

| Group No. | Tender Reference No. | Description | Estimated Cost in Rs. | Earnest Money in Rs. | BOQ Document Fees in Rs. | Duration for Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 7 | PMC/07/ 04/2024-25 | Providing and Constructing of PCC Road work from Ragho Yadav House to Laxmi Paswan House to Rajendra Chouhan House, Hero Shop To Thakur House, Naveen Thakur House to Bangla Tak, Manoj Singh House to Karipani Main Road, Bijli Ghar to Varun Singh Office, Ganga Rajak House to Manoj Sharma House, Raju House to Chotu Shop, Main Road to Sarju Chouhan House, Back of New Qrtr to Shamshan Ghat upto 1700 M Length Under Nagar Parishad Phusro (Bokaro) | 1,00,51,483 | 2,01,100 | 10,000 | 06 Month |

1. Date of Publication of Tender on website (Online) - 25.07.2025 From 10:30 AM (Uploading of Bid Online Only)
2. Date of Downloading of Tender on website (Online) - 25.07.2025 From 10:30 AM (Downloading Bid Online Only)
3. Last Date and Time of Submitting of Bids (Online) - 31.07.2025 up to 05:00 PM (Submitting Bid Online Only)
4. Date and Time of Opening of Bid (Online Only) – 01.08.2025 From 10:30 AM (Opening of Bid Online Only)
5. Name of Online E-Tender Notice Inviting Officer - Mr. Rajeev Ranjan (Administrator, Phusro Nagar Parishad)
6. Name and Address of E-Tender Notice Inviting Office - Office of The Administrator, Phusro Nagar Parishad (Bokaro)
7. Contact No. of E-Procurement Officer – 06549-356303
8. Help Line No. of E-Procurement Office - 06549-356303
9. Only E-Tenders will be accepted. Further details can be seen on website http://jharkhandtenders.gov.in
10. The Executive Officer/Authority have reserves the right to reject/cancel/ postponed/extend of any one or all tender accepts at any stage without assigning any reasons and which cann't be challenged in any court.
11. Estimated Cost/BOQ Quantity may be vary increase or decrease as per decision and direction by Technical Authority/PhusroNagar Parishad, Bokaro and all term & conditions will be applicable as per given in NIT .

PR 357973 Urban Development(25-26).D

Administrator
Phusro Nagar Parishad,Bokaro


# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

**ବାରିପଦା,୨୩।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ମୟୂରଭଞ୍ଜ ଜିଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୫ ପାଳନ ପାଇଁ ବୁଧବାର ଅପରାହ୍ନ ୪ଟାରେ ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ରିଜର୍ଭ ଇନ୍ସପେକ୍ଟର ଆଲୋକ କୁମାର କାନୁନଗୋ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ କହିଥିଲେ। ଚଳିତବର୍ଷ ସ୍ୱାଧୀନତା ଦିବସକୁ ଜିଲାସ୍ତରରେ କିପରି ସୁନ୍ଦର ତଥା ଆକର୍ଷଣୀୟ ଭାବେ ବ୍ୟବସ୍ଥିତ ଢଙ୍ଗରେ ପାଳନ କରାଯିବ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିଯୋଗିତା ଆୟୋଜନ ତଥା ଏଥିପାଇଁ ଉପଯୁକ୍ତ ବିଚାରକ ମଣ୍ଡଳୀ ପ୍ରସ୍ତୁତି, ପରେଡ୍ ପଡ଼ିଆ ସୁସଜ୍ଜୀକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ଅଭିବାଦନ ମଞ୍ଚର ଉଭୟ ପାର୍ଶ୍ୱରେ ନିମନ୍ତ୍ରିତ ଅତିଥିମାନଙ୍କ ବସିବା ଲାଗି ଉତ୍ତମ ବ୍ୟବସ୍ଥା, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା, ପରେଡ୍ ପଡ଼ିଆଠାରେ ପାନୀୟଜଳ ଯୋଗାଣ, ଆକସ୍ମିକ ଦୁର୍ଘଟଣାର ମୁକାବିଲା, ପରେଡ୍ ପରିଚାଳନା, ଅପାତକାଳୀନ ସ୍ୱାସ୍ଥ୍ୟସେବା, ରାମଧୁନ୍ ପରିବେଷଣ, କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ନେଇ ଆଲୋଚନା ହୋଇଥିଲା। ଏସବୁ ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଥିବା ରୋଗୀ, ଗୋପବନ୍ଧୁ ବାଳାଶ୍ରମର ଅନ୍ତେବାସୀ ଓ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଫଳ, ବିସ୍କୁଟ ବଣ୍ଟନ ଇତ୍ୟାଦି କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ ପାଇଁ ବିଭିନ୍ନ କମିଟି ଗଠନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବା ନେଇ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଲାଇନ ବିଭାଗ ଅଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପିକା ଅଧ୍ୟାପକ, ବରିଷ୍ଠ ନାଗରିକ, ଆଇନଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ପ୍ରମୁଖ ସୁଚିନ୍ତିତ ମତାମତ ରଖିଥିଲେ।


**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଇ-ୟୁଜିବି)**
କ୍ଷେତ୍ରୀୟ କାର୍ଯ୍ୟାଳୟ-ବ୍ରହ୍ମପୁର, ୨ୟ ଏବଂ ୩ୟ ମହଲା, ହର୍ଷ ଆର୍କେଡ୍, ସୁବା ରାଓ ସ୍କୋୟାର, ଜନାନା ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଇ-ମେଲ: ro.berhampur@ukgb.in

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ ୨୦୦୨ ର ରୁଲ୍ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍ର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଉକ୍ତ ନୋଟିସ୍କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି। ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଏତଦ୍ଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର ୬୦ଦିନ ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି। ଯଦି ସେମାନେ ବ୍ୟାଙ୍କକୁ ୬୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବେ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି। ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି।

| ଶାଖା / ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିଗୁଡ଼ିକର ବିବରଣୀ / ଋଣ ପ୍ରକାର |
|---|---|---|
| **କୋଦଳା ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ମହେଶ୍ୱର ରାଉତ,** ପିତା: ୰ ଧନୁ ରାଉତ, ସା: ବିରିବାଟିଆ, ପୋ: କେ. ବରିଡ଼ା, ଭାୟା: ବେଗୁନିଆପଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୧ / ଆକାଉଣ୍ଟ ନଂ.: ୮୪୦୬୦୩୪୪୫୮୨ | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୬,୧୮,୦୨୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **ଶ୍ରୀ ମହେଶ୍ୱର ରାଉତ,** ପିତା: ଶ୍ରୀ ଧନୁ ରାଉତଙ୍କ ନାମରେ ରେକର୍ଡଭୁକ୍ତଥିବା ଜମି ଏବଂ ଗୃହ ଯାହାର ମୌଜା: ବିରିବାଟିଆ, ତହସିଲ: କୋଦଳା (୨୩୫), ଥାନା: କୋଦଳା (୨୩୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୨୫/୧୮୬, ପ୍ଲଟ୍ ନଂ.: ୫୨୩/୩୨୪୫/୩୨୫୨, କ୍ଷେତ୍ର: ଏକର ୦.୦୧୩ ଡିସିମିଲି, ପ୍ଲଟ୍ ନଂ.: ୫୨୪/୩୨୪୬/୩୨୫୩, କ୍ଷେତ୍ର: ଏକର୦.୦୧୮ଡିସିମିଲି, **ସମୁଦାୟ ୧ଟି ଖାତା, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର୦.୦୩୧ଡିସିମିଲି / ବନ୍ଧକ ଋଣ** |
| **କୋଦଳା ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ଭ୍ରମର ପ୍ରଧାନ,** ପିତା: ୰ ଦିନ ପ୍ରଧାନ, ସା: ହରିଡ଼ାମୂଳ, ପୋ: ଶ୍ୟାମସୁନ୍ଦରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୦ / ଆକାଉଣ୍ଟ ନଂ.: ୮୪୦୬୪୨୬୧୩୮୪ | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୯,୪୦,୯୩୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **ଶ୍ରୀ ଭ୍ରମର ପ୍ରଧାନ,** ପିତା: ୰ ଦିନ ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ହରିଡ଼ାମୂଳ, ତହସିଲ: ଖଲ୍ଲିକୋଟ (୨୬୩), ଥାନା: ଖଲ୍ଲିକୋଟ (୧୫୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୮/୧୧୭, ପ୍ଲଟ୍ ନଂ.: ୩୯/୩୭୩, କ୍ଷେତ୍ର: ଏକର୦.୦୨୨ଡିସିମିଲି / **ବନ୍ଧକ ଋଣ** |
| **ନୂଆପେଣ୍ଠ ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **୰ ରାମ ଚନ୍ଦ୍ର ସାହୁ,** ପିତା: ୰ ଭାଗିରଥି ସାହୁ, ୰ ରାମ ଚନ୍ଦ୍ର ସାହୁଙ୍କୁ ପ୍ରତିନିଧିତ୍ୱ କରୁଥିବା **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କୃତି ସାହୁ,** ସ୍ୱାମୀ: ୰ ରାମ ଚନ୍ଦ୍ର ସାହୁ, **୨) ଶ୍ରୀ ସଞ୍ଜୟ ସାହୁ,** ପିତା: ୰ ରାମ ଚନ୍ଦ୍ର ସାହୁ, **୩) ଶ୍ରୀ** | ୧୬.୧୦.୨୦୨୪ / ୧୬.୧୦.୨୦୨୪ ସୁଦ୍ଧା ଟ.୧୧,୮୫,୩୧୧.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **୰ ରାମ ଚନ୍ଦ୍ର ସାହୁ,** ପିତା: ୰ ଭାଗିରଥି ସାହୁଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ଓଳପୁର, ଥାନା: ନୂଆଗାଁ, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୯୧, ପ୍ଲଟ୍ ନଂ.: ୯୫୨, କ୍ଷେତ୍ର: ଏକର୦.୦୨୫ଡିସିମିଲି, କିସମ: ଘରବାରି/ **ମିଆଦି ଋଣ** |

**ସନ୍ତୋଷ ସାହୁ,** ପିତା: ୰ ରାମ ଚନ୍ଦ୍ର ସାହୁ, ସମସ୍ତଙ୍କ ଠିକଣା ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୪) ଶ୍ରୀମତୀ ସଞ୍ଜୁ ସାହୁ,** ପିତା: ଶ୍ରୀ ରାମ ଚନ୍ଦ୍ର ସାହୁ, ସା: କାଳିଗାଁ, ପୋ: ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶ, ପିନ୍-୫୩୨୩୧୨ / **ଜାମିନ୍ଦାରମାନେ: ୧) ଶ୍ରୀ କୃଷ୍ଣ ଚନ୍ଦ୍ର ସାହୁ,** ପିତା: ୰ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୨) ଶ୍ରୀ ପ୍ରଭାକର ପଣ୍ଡା,** ପିତା: ୰ ରାମ ଚନ୍ଦ୍ର ପଣ୍ଡା, ସା: ତାଳପଡ଼ା, ପୋ: ଖାରିଆଗୁଡ଼ା, ଭାୟା: ସୁରଙ୍ଗୀ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୩) ଶ୍ରୀ ଦେବରାଜ ସାହୁ,** ପିତା: ୰ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୪) ଶ୍ରୀ ଜଗନ୍ନାଥ ସାହୁ,** ପିତା: ୰ ଭାଗିରଥି ସାହୁ, ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦ / **ଆକାଉଣ୍ଟ ନଂ.: ୧୩୫୩୫୪୪୪୧୭୧**

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୩.୦୭.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

# ଶିଳ୍ପ ଅଭାବ, ବଢୁଛି ବେକାରି ସମସ୍ୟା

**ଭଦ୍ରକ,୨୩।୭(ସନାତନ ରାଉତ)**

ଭଦ୍ରକ ଜିଲାରେ ବେକାରି ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଶିକ୍ଷିତ ଯୁବତୀ ଯୁବକ ନିଯୁକ୍ତି ଆଶାରେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରି ଚାଲିଛନ୍ତି। ୨୦୧୪ଠାରୁ ଅନ୍‌ଲାଇନ ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଭଦ୍ରକ ଜିଲାରେ ଗତ ଜୁନ୍ ଶେଷ ସୁଦ୍ଧା ୪୫ ହଜାର ୮୬୩ଜଣ ଶିକ୍ଷିତ ବେକାରି ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଥିବା କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏହାବାଦ୍ ଅଣ ପଞ୍ଜୀକୃତ ଓ ଅଶିକ୍ଷିତ ବେକାରିଙ୍କ ସଂଖ୍ୟା ମିଶିଲେ ୬୦ ହଜାରରୁ ଊର୍ଦ୍ଧ୍ୱ ହେବ। ବେକାରି ସମସ୍ୟା ଦୂରୀକରଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ପ୍ରୟାସ କରାଯାଉଥିବା ବେଳେ ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ପ୍ରତି ନିଯୁକ୍ତି ମେଳାରେ କେତେଜଣ ଆଶାୟୀଙ୍କୁ ମଧ୍ୟ ବିଭିନ୍ନ ଘରୋଇ କମ୍ପାନୀରେ ଯୋଗଦେବା ପାଇଁ ନିଯୁକ୍ତିପତ୍ର ଦିଆଯାଉଛି। ଆତ୍ମନିର୍ଭରଶୀଳ ହେବାକୁ ବିଭିନ୍ନ ସ୍ତରରେ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଏତେ ପରେ ମଧ୍ୟ ବେକାରି




ସଂଖ୍ୟା ବଢ଼ିବାରେ ଅଙ୍କୁଶ ଲାଗିପାରୁ ନାହିଁ।

ସୂଚନା ଅନୁଯାୟୀ, ୨୦୨୪ରେ ଜିଲାରେ ୨୩୦୫ଜଣ ବେକାରି ନାମ ପଞ୍ଜୀକରଣ କରିଥିବା ବେଳେ ଚଳିତବର୍ଷ ଏପର୍ଯ୍ୟନ୍ତ ୮୭୦ଜଣ ନାମ ପଞ୍ଜୀକୃତ କରିଛନ୍ତି। ଦକ୍ଷତା ବିକାଶ ଓ ନିଯୁକ୍ତି ମେଳା ଜରିଆରେ ବେକାରମାନଙ୍କୁ ନିଯୁକ୍ତି ଦିଆଯାଉଥିଲେ ମଧ୍ୟ ବେକାରିଙ୍କ ତୁଳନାରେ ତାହା ସନ୍ତୋଷଜନକ ହୋଇପାରୁ ନାହିଁ। ଜିଲାରେ କୌଣସି ଶିଳ୍ପ କିମ୍ବା କାରଖାନା ନ ଥିବାରୁ ବେକାରି ସମସ୍ୟା ବଢ଼ିଚାଲିଛି। ନିଯୁକ୍ତି ମେଳାରେ ବିଭିନ୍ନ ଘରୋଇ କମ୍ପାନୀରେ ନିଯୁକ୍ତି ପାଇଁ ନିଯୁକ୍ତିପତ୍ର ପାଉଥିବା ବେକାରମାନେ ନିଜ ପସନ୍ଦର ନିଯୁକ୍ତି ହେଉ ନ ଥିବାରୁ ପ୍ରାୟ ୫୦ପ୍ରତିଶତ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଅପରପକ୍ଷେ ଯେଉଁମାନେ କାର୍ଯ୍ୟରେ ଯୋଗ ଦେଉଛନ୍ତି, କିଛିଦିନ ପରେ ଛାଡ଼ି ଦେଉଥିବା ଜଣାପଡ଼ିଛି। ଜିଲାରେ ଗୋଟିଏ ସରକାରୀ ଓ କେତେକ ବେସରକାରୀ ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ଦେୟମୁକ୍ତ ରହିବା ଓ ଖାଇବା ବ୍ୟବସ୍ଥାରେ ପ୍ରଶିକ୍ଷଣ ବ୍ୟବସ୍ଥା ହୋଇଛି। କିନ୍ତୁ ଏହି କେନ୍ଦ୍ରରେ ନିୟମିତ ପ୍ରଶିକ୍ଷଣ

■ପଞ୍ଜୀକୃତ ହେଲେଣି ୪୫ ହଜାରରୁ ଊର୍ଦ୍ଧ୍ୱ
■ଜିଲା, ରାଜ୍ୟ ବାହାରେ ନିଯୁକ୍ତିକୁ ନାପସନ୍ଦ

ନେବାକୁ ଅଧିକାଂଶ ଅମଙ୍ଗ ହେଉଥିବା ଲକ୍ଷ୍ୟ କରାଯାଉଛି। କେତେଜଣ ସପ୍ତାହେ କିମ୍ବା ୨ ସପ୍ତାହ ରହିବା ପରେ ବିଭିନ୍ନ ଆଳ ଦେଖାଇ କେନ୍ଦ୍ରରୁ ଘରକୁ ଫେରିଯାଉଛନ୍ତି। ଯେଉଁମାନେ ପ୍ରଶିକ୍ଷଣ କେନ୍ଦ୍ରରୁ ଚାଲିଯାଉଛନ୍ତି ଓ ନିଯୁକ୍ତି ପାଇବା ପରେ ମଧ୍ୟ କାର୍ଯ୍ୟରେ ଯୋଗ ଦେଉନାହାନ୍ତି, ବିଭାଗ ପକ୍ଷରୁ ସେମାନଙ୍କୁ ଫଲୋଅପ୍ କରାଯାଉ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ଆଲୋଚନା ହେଉଛି। ଫଳରେ ନିଯୁକ୍ତି ପାଉଥିବା ବେକାରଙ୍କ ସମ୍ପର୍କରେ ଠିକ୍‌ତଥ୍ୟ ମଧ୍ୟ ବିଭାଗ ପାଖରେ ରହୁନାହିଁ। ଜିଲାର ଧାମନଗର ଛକରେ ହେବାକୁ ଥିବା ଟେକ୍ସଟାଇଲ ପାର୍କ ଯଦି ତୁରନ୍ତ କାର୍ଯ୍ୟକ୍ଷମ ହୁଏ, ତେବେ ଜିଲାରେ ଏହି ସମସ୍ୟା ବହୁମାତ୍ରାରେ ଦୂର ହୋଇପାରିବ ବୋଲି ବେକାରମାନେ ଆଶା ବାନ୍ଧିଛନ୍ତି। ଏନେଇ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରିଣୀ ଅନୀତା ନାୟକ କହିଛନ୍ତି, ନିଯୁକ୍ତି ପାଉଥିବା ସଂସ୍ଥାଗୁଡ଼ିକ ତଥ୍ୟ ଦେଉ ନ ଥିବାରୁ କେତେ ନିଯୁକ୍ତି ପାଇଲେ ବିଭାଗ ପାଖରେ ହିସାବ ରହିପାରୁନାହିଁ। ଜିଲାର ରାଣୀତାଲଠାରେ ଥିବା ଦକ୍ଷତା ବିକାଶ କେନ୍ଦ୍ରରେ ପଞ୍ଜୀକରଣ କରିଥିବା ବେକାରମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ସେମାନଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ମଧ୍ୟ ମିଳୁଛି। ଏହାବାଦ୍ ନିଯୁକ୍ତି ମେଳା ମାଧ୍ୟମରେ ପିଲାମାନଙ୍କୁ ସେମାନଙ୍କ ଦକ୍ଷତା ଅନୁଯାୟୀ ନିଯୁକ୍ତି ଦିଆଯାଉଛି। ଗତ ମାର୍ଚ୍ଚରେ ହୋଇଥିବା ଜିଲାସ୍ତରୀୟ ନିଯୁକ୍ତି ମେଳାରେ ୨୪୭ ଜଣଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୯୪ଜଣ କାର୍ଯ୍ୟରେ ଯୋଗ ଦେଇଥିଲେ। ସେହିପରି ଗତ ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଚରମ୍ପା କଲେଜରେ ସୋଲାର ପ୍ୟାନେଲ୍ ପ୍ରଶିକ୍ଷଣ ଦିଆଯାଇଥିଲା। ୨୧ ଜଣଙ୍କ ମଧ୍ୟରୁ ୧୮ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସମସ୍ତ ଆଶାୟୀ ନିଜ ଜିଲାରେ ନିଯୁକ୍ତି ଚାହୁଁଥିବାରୁ ଜିଲା କିମ୍ବା ରାଜ୍ୟ ବାହାରେ ନିଯୁକ୍ତି ଦିଆଯିବା ପରେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି।

## ବେଆଇନ କରତକଳ ବନ୍ଦ ଦାବି



ବେଆଇନ ଭାବେ ଚାଲୁଥିବା ଏକ କରତକଳ।

**ଧୂଷୁରୀ,୨୩।୭(ଦୀପ୍ତିରଞ୍ଜନ ନାୟକ)**

ଧାମନଗର ବ୍ଲକର ଧୂଷୁରୀ, ଧାମନଗର ଏନ୍‌ଏସି ଅଞ୍ଚଳ ଓ ଧାମନଗର ଛକରେ ୩ଟି କରତ କଳ, ୫୦ରୁ ଊର୍ଦ୍ଧ୍ୱ କାଠଗୋଲା ରହିଛି। ବେଆଇନ କରତକଳ ଚାଲିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନିକଟରେ ଧାମନଗରରେ ଏକ କରତକଳ ଉପରେ କଟକ ଓ ବାଲେଶ୍ୱର ବନ ବିଭାଗ, ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇ ଯନ୍ତ୍ରାଂଶ ସହ କାଠ ଜବତ କରାଯାଇଥିଲା। ଜୁଲାଇରେ ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଧୂଷୁରୀ ଓ ଧାମନଗରରେ କରତକଳ ଚାଲିବା କେତେଦୂର ସମିଚୀନ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ସ୍ଥାନୀୟ ଅଞ୍ଚଳରେ ଜଙ୍ଗଲ ନ ଥିବାବେଳେ ୧୫ଟି କାଠଗୋଲାକୁ କାଠ ବିକିବା ପାଇଁ କିଏ ଅନୁମତି ଦେଇଛନ୍ତି ଏବଂ ଅନ୍ୟ ବେଆଇନ ଚୋରା କାଠଗୋଲା କିପରି ଚାଲିଛି ବୋଲି ଧୂଷୁରୀ ଅଞ୍ଚଳର ଅନୁକମ୍ପା ମହିଳା ସଙ୍ଗଠନର କର୍ମକର୍ତ୍ତାମାନେ ପ୍ରଶ୍ନ ଉଠାଇଛନ୍ତି। ବେଆଇନ କରତକଳ ଓ କାଠଗୋଲା ବନ୍ଦ କରାଯିବାକୁ ସେମାନେ ମଙ୍ଗଳବାର ଡାକ ଯୋଗେ ଭଦ୍ରକ ବନ ବିଭାଗ ଅଧିକାରୀ ଓ ଜିଲାପାଳଙ୍କୁ ଦାବିପତ୍ର ପଠାଇଛନ୍ତି। ୧୫ ଦିନ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭଦ୍ରକ-ଆରଡ଼ି ରାସ୍ତା ଅବରୋଧ କରାଯିବ ବୋଲି ସଙ୍ଗଠନ ଚେତାବନୀ ଦେଇଛି। ଏ ସମ୍ପର୍କରେ ଧାମନଗର ବନ ବିଭାଗ ରେଞ୍ଜର ସୁଷମା ସାହୁଙ୍କୁ ପଚାରିବାରୁ ପର୍ଯ୍ୟାୟକ୍ରମେ ବେଆଇନ କରତକଳ ଉପରେ ଚଢ଼ାଉ ଜାରି ରହିଛି ଏବଂ ଯନ୍ତ୍ରାଂଶ ଜବତ କରାଯାଉଛି ବୋଲି କହିଛନ୍ତି।

## ୨୫ରେ ଧାମରା ବନ୍ଦରକୁ ବନ୍ଦ ରହିବ ଗାଡ଼ି ଚଳାଚଳ

**ବାସୁଦେବପୁର,୨୩।୭(ନାରାୟଣ ପ୍ରସାଦ ବାରିକ୍)**

ଧାମରା ବନ୍ଦରକୁ ଚଳାଚଳ କରୁଥିବା ସମସ୍ତ ଗାଡ଼ି ବନ୍ଦ ରଖିବାକୁ କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୁଧବାର ସନ୍ଧ୍ୟାରେ ବାସୁଦେବପୁର ପୌରପାଳିକାର ନିଉଇଣ୍ଡିଆସାହିସ୍ଥିତ ବିଧାୟକ ଅଶୋକ କୁମାର ଦାସଙ୍କ ବାସଭବନରେ କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଏ ସମ୍ପର୍କରେ ଜଣାଇ ବାସୁଦେବପୁର ବଜାର ଓ ବାଲିମୁଣ୍ଡାଠାରେ ଶୃଙ୍ଖଳିତ ଭାବେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ୧୬ ନଂ. ଜାତୀୟ ରାଜପଥରୁ ବାସୁଦେବପୁର ଦେଇ ଧାମରାକୁ ସଂଯୋଗ କରୁଥିବା ରାସ୍ତାରେ ବିଭିନ୍ନ ସମୟରେ ଗାଡ଼ି ଧକ୍କାରେ ଧନଜୀବନ ହାନି ଘଟୁଥିବାରୁ ପ୍ରତିବାଦରେ ଏହି ନିଷ୍ପତ୍ତି ନିଆଯାଇଛି। ବନ୍ଦରକୁ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ପାଇଁ ସ୍ୱତନ୍ତ୍ର ବାଇପାସ୍ ରାସ୍ତା ନିର୍ମାଣ, ଯୋଗ୍ୟତା ଭିତ୍ତିରେ ବାସୁଦେବପୁର ଅଞ୍ଚଳର ଯୁବତୀ ଯୁବକଙ୍କୁ ନିଯୁକ୍ତି, ରାସ୍ତା ପ୍ରଶସ୍ତୀକରଣ ଓ ବାଇପାସ୍ ନିର୍ମାଣ ପାଇଁ କେନ୍ଦ୍ର, ସଡ଼କ ପରିବହନ ମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ବିଧାୟକ ଦାସ ଦାବି କରିଥିଲେ। ଗତ ଜୁନ୍ ୯, ଜୁଲାଇ ୧୪ରେ ଜିଲାପାଳ, ବନ୍ଦର କର୍ତ୍ତୃପକ୍ଷ ଓ ପ୍ରଶାସନକୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଆସନ୍ତା ୨୫ ତାରିଖରେ ଧାମରା ବନ୍ଦରକୁ ଗାଡ଼ି ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ ବାରିକ, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରା, ବେଣୁଧର ନାୟକ, ରମେଶ ଚଣ୍ଡ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## 'ମଜଦୁରଙ୍କ ଅଧିକାର ପାଇଁ ଲଢ଼େଇର ମାଧ୍ୟମ ସଂଘ'




ବିଏମ୍‌ଏସ୍‌ର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଭଦ୍ରକ,୨୩।୭(ସନାତନ ରାଉତ)**

ବିଏମ୍‌ଏସ୍ (ଭାରତୀୟ ମଜଦୁର ସଂଘ) ଶ୍ରମିକମାନଙ୍କ ହିତ ସାଧନ ପାଇଁ ଏକ ହୋଇ ଗରିବ, ମଜଦୁରର ହକ୍ ପାଇଁ ଲଢ଼େଇ କରି ଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି ଲଢ଼େଇର ଫଳ ମଜଦୁରମାନଙ୍କ ମୁହଁରେ ହସ ଫୁଟାଇଥାଏ ବୋଲି ଭାରତୀୟ ମଜଦୁର ସଂଘର ୭୦ବର୍ଷ ପୂର୍ତ୍ତି ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟାରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ସଂଘର ରାଜ୍ୟ ଉପସଭାପତି ଶାନ୍ତନୁ କୁମାର

**ବିଏମ୍‌ଏସ୍‌ର ୭୦ ବର୍ଷ ପୂର୍ତ୍ତି ପାଳନ**

ମହାପାତ୍ର, ଅନ୍ୟତମ ଅତିଥି ଭାବେ ମଣ୍ଡଳ ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା, ଅଖିଳ ଭାରତ ମଧ୍ୟାହ୍ନଭୋଜନ କର୍ମଚାରୀ ସଂଘର ଉପସଭାପତି ମୁକ୍ତିକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗରିବ ମଜଦୁରମାନଙ୍କ ପାଇଁ ସଂଘ ସର୍ବଦା ଆନ୍ଦୋଳନ ଜାରି ରଖିଛି ବୋଲି ଅତିଥିମାନେ କହିଥିଲେ। ସଂଘର ଜିଲା ସଭାପତି ମନୋଜ ବସନ୍ତରାୟ ଏଥିରେ ସଭାପତିତ୍ୱ କରିଥିଲେ। ଆଶାକର୍ମୀ ସଂଘ ଜିଲା ସମ୍ପାଦିକା ସଞ୍ଜୁଲତା ରାଉତ, ପ୍ରଭାସିନୀ ଦାସ ଓ କନକ ବିଶ୍ୱାଳ ଶ୍ରମିକ ସଂଗୀତ ଗାନ କରିଥିଲେ। ଜିଲା ସମ୍ପାଦକ ପରେଶ ନାଥ ଧଳ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି ସଂଘର କାର୍ଯ୍ୟକର୍ତ୍ତା ସନ୍ଧ୍ୟାରାଣୀ ପହିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଧାମରା ବନ୍ଦର କର୍ମଚାରୀ ସଂଘ, ଜିଲା ଆଶାକର୍ମୀ, ବିଶ୍ୱକର୍ମା ମଜଦୁର, ଭଦ୍ରକ ଜିଲା ବ୍ୟବସାୟୀ ମଜଦୁର, ଜିଲା ଅଟୋ ଚାଳକ, ଧାମରା ଟ୍ରକ୍ ଚାଳକ, ପାଚିକା ସହାୟିକା ମଜଦୁର ସଂଘ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ଯୋଗ ଦେଇଥିଲେ।

## ଗୋଚାଲାଣ ରୋକିବା ବେଳେ ପୋଲିସକୁ ଦୁର୍ବ୍ୟବହାର, କାଉନସିଲର ଗିରଫ

**ଭଦ୍ରକ,୨୩।୭(ସନାତନ ରାଉତ)**

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ଅଲାଲପୁର ଗ୍ରାମରେ ବେଆଇନ ଗୋଚାଲାଣ ରୋକିବା ପାଇଁ ଯାଇଥିବା ପୋଲିସକୁ ଦୁର୍ବ୍ୟବହାର ଅଭିଯୋଗରେ କାଉନସିଲର ଜାହିଦ ସାହାଙ୍କୁ ବୁଧବାର ପୋଲିସ ଗିରଫ କରିଛି। ଏନେଇ ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଏକ ସ୍କର୍ପିଓରେ ଗୋଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରୁଣାବଜାର ଥାନାର ଏକ ପୋଲିସ ଟିମ୍ ଅଲାଲପୁରରେ ପହଞ୍ଚି ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ସେହି ସମୟରେ ଭଦ୍ରକ ପୌରପାଳିକାର ୨୪ ନଂ. ୱାର୍ଡ କାଉନସିଲର ଜାହିଦ ଓ ତାଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ମହିଳା ପୋଲିସ ଅଧିକାରୀ ଓ ପୋଲିସ କର୍ମଚାରୀମାନଙ୍କୁ ସେମାନେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିରେ ଜଣେ ପୋଲିସ କର୍ମଚାରୀ ଆହତ ମଧ୍ୟ ହୋଇଛନ୍ତି। ଏନେଇ ମଙ୍ଗଳବାର ପୁରୁଣାବଜାର ଥାନାରେ ଏକ ମାମଲା (ନଂ.୧୭୬/୨୫) ରୁଜୁ କରାଯାଇଥିଲା। ଗିରଫ କାଉନସିଲରଙ୍କୁ କୋର୍ଟଚାଲାଣ କରାଯାଇଛି।

## ଭାଗବତ ସତ୍‌ସଙ୍ଗ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ



ଭାଗବତ ସତ୍‌ସଙ୍ଗ ପ୍ରତିଷ୍ଠାତା ସ୍ୱର୍ଗତ ବଳରାମ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ଭଦ୍ରକ,୨୩।୭(ସନାତନ ରାଉତ/ ରବିନାରାୟଣ ଖିଲାର)**

ଭଦ୍ରକ ବ୍ଲକ ଓଲଙ୍ଗ ପଞ୍ଚାୟତର ସରମଙ୍ଗାସ୍ଥିତ ପଦ୍ମାଳୟା ପୀଠରେ ବୁଧବାର ସକାଳ ୯ଟାରେ ଭାଗବତ ସତ୍‌ସଙ୍ଗ ପ୍ରତିଷ୍ଠାତା ସ୍ୱର୍ଗତ ବଳରାମ ପାଣିଗ୍ରାହୀଙ୍କ ସ୍ମୃତିସଭା ଓ ଭାଗବତ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆବାହକ ଗଙ୍ଗାଧର ରାଉଳଙ୍କ ଆହ୍ୱାନକ୍ରମେ ପଶ୍ଚିମ ଭଦ୍ରକ ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ସ୍ୱାଇଁଙ୍କ ସଭାପତିତ୍ୱରେ ସ୍ମୃତିସଭା ହୋଇଥିଲା। ରାମଚନ୍ଦ୍ର ପଣ୍ଡା ଭାଗବତ ପାଠ କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀଙ୍କ ସହ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଅନେକ ବିଷୟରେ ଆଲୋଚନାର ସୁଯୋଗ ସେ ପାଇଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ରାଇମୋହନ ମହାପାତ୍ର, ସରପଞ୍ଚ ଅକ୍ଷୟ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅରୁଣ ସାହୁ, ଗୋପାଳ ମୁଖି, ନାରାୟଣ ଚନ୍ଦ୍ର ପାଢ଼ୀ, ଅମିୟ ମହାପାତ୍ର, କୃଷ୍ଣଚନ୍ଦ୍ର ରାଉଳ, ଦୋଳଗୋବିନ୍ଦ ଧଳ, ଲକ୍ଷ୍ମୀଧର ସେଠୀ, କବୟିତ୍ରୀ ଶର୍ମିଷ୍ଠା ପଣ୍ଡା, ବିନୋଦ ମହାନ୍ତି, କାଠିଆ ମହାକୁଡ଼ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ ମଞ୍ଚ ସଂଯୋଜନା କରିଥିଲେ।

## ଭାଜପାର ଧନ୍ୟବାଦ ସଭାକୁ ବିଜେଡିର ବିରୋଧ

**ଧାମନଗର,୨୩।୭(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ)**

ଧାମନଗର ବ୍ଲକର ୩ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନ୍ୟତା ମିଳିବା ନେଇ ଭାଜପା ପକ୍ଷରୁ ସ୍କୁଲ କ୍ୟାମ୍ପସରେ ଦଳୀୟ ବ୍ୟାନର ଲଗାଇ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଥିଲା। ଭାଜପାର ଏହି ଧନ୍ୟବାଦ ସଭାକୁ ଧାମନଗର ବିଜେଡି ବିରୋଧ କରିଛି। ବୁଧବାର ସନ୍ଧ୍ୟାରେ ଧାମନଗର ପୂର୍ତ୍ତ ବଙ୍ଗଳାଠାରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧ କରିଛନ୍ତି ଦଳୀୟ ନେତା। ନିର୍ବାଚନମଣ୍ଡଳୀ ନେତା ଡା. ସଞ୍ଜୟ ଦାସ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା




ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଭାରତ ବିଜୟ ଦଲାଇ, ନଗର ବିଜେଡି ସଭାପତି ବିଜୟ କେତନ ସାହୁ, ସମିତିସଭ୍ୟ ଜ୍ଞାନ ରଞ୍ଜନ ମହାକୁଡ଼, ପ୍ରାକ୍ତନ ନଗର ସଭାପତି ସୁଶାନ୍ତ କୁମାର ରାଉତ ପ୍ରମୁଖ ବିଦ୍ୟାଳୟରେ ଭାଜପାର ଦଳୀୟ ପ୍ରଚାର ବୋଲି କହି ଆରୋପ ଆଣିଛନ୍ତି। ଯୁକ୍ତ ୨ ଖୋଲିବା ନିମନ୍ତେ ପୂର୍ବ ବିଜେଡି ସରକାର ସମୟରେ ୫୨ଟି ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିଲା। ଏହା ବିରୋଧରେ ଏକ ବ୍ଲକସ୍ତରୀୟ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଧନ୍ୟବାଦ ସଭାରେ ଉପସ୍ଥିତ ଥିବା ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ୍ ସମ୍ମିଳନୀ



ସମ୍ମିଳନୀରେ ଅଖିଳ ଭାରତୀୟ ମହିଳା ସମିତିର କର୍ମକର୍ତ୍ତା।

**ବାସୁଦେବପୁର,୨୩।୭(କାଳିପଦ ରାୟ)**

ବାସୁଦେବପୁର ପ୍ରେସ୍ କ୍ଲବଠାରେ ବୁଧବାର ଅପରାହ୍ନରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ତୃତୀୟ ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦିକା ମମତା ଜେନା ପତାକା ଉତ୍ତୋଳନ କରିବା ପରେ ଡ. ଲକ୍ଷ୍ମୀ ସେହଗଲଙ୍କ ଫଟୋରେ ପୁଷ୍ପ ଦିଆଯାଇଥିଲା। ଜିଲା ସମ୍ପାଦିକାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ଜିଲା ସଭାନେତ୍ରୀ ପ୍ରଭାତୀ ଜେନା ଓ ସୀତା ଦାଶ ଯୋଗଦେଇ ମହିଳାଙ୍କ ଅଧିକାର, ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନଙ୍କ ସୁରକ୍ଷାରେ ସମିତିର ଭୂମିକା ବାବଦରେ ଆଲୋଚନା କରିଥିଲେ। ଆଗାମୀ ୩ ବର୍ଷ ପାଇଁ ସଭାନେତ୍ରୀ ଭାବେ ବିଜୟାଲକ୍ଷ୍ମୀ ବାରିକ, ଉପସଭାନେତ୍ରୀ ମନୋରମା ଜେନା, କନକଲତା ନାୟକ, ସମ୍ପାଦିକା ବାସନ୍ତୀ ବେହେରା, ସହସମ୍ପାଦିକା ବନ୍ଦିତା ସ୍ୱାଇଁ, ଜୟନ୍ତୀ ବାରିକ, କୋଷାଧ୍ୟକ୍ଷା ମାତାଜୀ ଦାସ, ସଭ୍ୟା ଜୟନ୍ତୀ ବିଶ୍ୱାଳ, ପୁଷ୍ପାଞ୍ଜଳି ରାୟ, ଅରୁନ୍ଧତୀ ନାୟକ, ଶଶୀକଳା ସାହୁ ଓ ଗୌରୀ ଜେନା ମନୋନୀତ ହୋଇଥିଲେ।

## ପୋଖରୀରେ ପଡ଼ି ଶିଶୁ ମୃତ

**ତିହିଡ଼ି,୨୩।୭(ସଞ୍ଜିତ ବଳ)**

ତିହିଡ଼ି ଥାନା ଅଧୀନ ମହରମପୁର ପଞ୍ଚାୟତର କନ୍ଦପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ପୋଖରୀରେ ପଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାର୍କୋଣା ଥାନା ଅଧୀନ ଡୁବିଗିଆ ଗ୍ରାମର ଚନ୍ଦନ ସିଂଙ୍କ ପୁଅ ପ୍ରିୟାଂଶୁ(୬)। ପ୍ରିୟାଂଶୁ ତାଙ୍କ ମାମୁଘରକୁ ବୁଲିବାକୁ ଆସିଥିଲେ। ଅପରାହ୍ନରୁ ସେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ମାମୁଘର ଲୋକେ ବହୁ ଖୋଜାଖୋଜି କରିବା ପରେ ଘର ନିକଟସ୍ଥ ଏକ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନିମ୍ନମାନର ରାସ୍ତା କାର୍ଯ୍ୟ ବନ୍ଦକଲେ ବିଧାୟକ

**ବାସୁଦେବପୁର,୨୩।୭(ନାରାୟଣ ପ୍ରସାଦ ବାରିକ୍)**


ବାସୁଦେବପୁର-ଇଚ୍ଛାପୁର ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବା ବେଳେ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ବିଧାୟକ ଅଶୋକ କୁମାର ଦାସ କାମ ବନ୍ଦ କରିଛନ୍ତି। ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉଠା ନ ଯାଇ ଓ ଗଛଗୁଡ଼ିକ କଟା ନ ଯାଇ ତରବରିଆ ଭାବେ ରାସ୍ତା କାର୍ଯ୍ୟ କରାଯାଉଛି। ବୁଧବାର ସନ୍ଧ୍ୟା ୬ଟା ବେଳେ ବିଧାୟକ କ୍ଷେତ୍ରୀୟ ଅନୁଧ୍ୟାନ କରି ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗ ଓ ବନ ବିଭାଗ ସମେତ ଆର୍ ଆଣ୍ଡ୍ ବି ଅଧିକାରୀଙ୍କ ସହ ଆଲୋଚନା କରି ରାସ୍ତାର ମାନ ଠିକ୍ ନ ରଖିଲେ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତାକଡ଼ରୁ ଗଛ ନ କାଟି, ବିଦ୍ୟୁତ୍ ଖୁଣ୍ଟକୁ



ବିଧାୟକ ଅଶୋକ କୁମାର ଦାସ ନିମ୍ନମାନର ରାସ୍ତା କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

ସ୍ଥାନାନ୍ତର ନ କରି ସଂକୀର୍ଣ୍ଣ ଭାବେ କାହିଁକି ରାସ୍ତା ନିର୍ମାଣ କରାଯାଉଛି ବୋଲି ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଆର୍ ଆଣ୍ଡ୍ ବି ଏସ୍‌ଡିଓ ମଧୁସ୍ମିତା ବାସ୍କେ କହିଛନ୍ତି, ବିଧାୟକ ରାସ୍ତାର ମାନ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି। ଏ ଦିଗରେ ବିଭାଗ ଦୃଷ୍ଟି ଦେବ।

## 'ଭାରତୀୟ ନାରୀ ଆଦର୍ଶର ପ୍ରତୀକ ରମାଦେବୀ'




ରମାଦେବୀଙ୍କ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥି।

**ଭଦ୍ରକ,୨୩।୭(ସନାତନ ରାଉତ)**

ଭଦ୍ରକ ଗାନ୍ଧୀ ବାଳାଶ୍ରମ ସଭାଗୃହରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ମା' ରମାଦେବୀଙ୍କ ୪୦ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାଧାପିକା ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଇଂ. ଅଖିଳ ମୋହନ ପାଢ଼ୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ତ୍ୟାଗଭୂମିର ସଭାପତି ଅଜୟ ନାୟକ ଯୋଗଦେଇ ରମାଦେବୀଙ୍କ ଜୀବନାଦର୍ଶକୁ ଏକ 'ସ୍ୱୟଂଗଠିତ ଶିକ୍ଷା ମନ୍ଦିର' ବୋଲି କହିଥିବା ବେଳେ ତାଙ୍କୁ ଭାରତୀୟ ନାରୀ ଆଦର୍ଶର ପ୍ରତୀକ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ଡ. ପ୍ରଫୁଲ୍ଲ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲଲାଟେନ୍ଦୁ ମହାନ୍ତି, କୈଳାଶ ମହାପାତ୍ର, ଶାନ୍ତନୁ କୁମାର ରାଉତ, ବିଦ୍ୟାଧର ବାରିକ, କାଲାମ ଖାନ, ବିଶାଲ ଲଖାନି ଓ ସୁଧାକର ରାଉତ ରମାଦେବୀଙ୍କ ତ୍ୟାଗ, ସଂଗ୍ରାମ, ସାଧନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆଇନଜୀବୀ ପବନ ଶର୍ମା ବାଳାଶ୍ରମର ଅନ୍ତେବାସୀଙ୍କୁ ପରାମର୍ଶ ଦେଇଥିଲେ। ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଲକ୍ଷ୍ମୀକାନ୍ତ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଜବତ ଅବଶିଷ୍ଟ ଟଙ୍କା ଫେରାଇଲେ ଏସ୍‌ଆଇ

**ଭଣ୍ଡାରିପୋଖରୀ,୨୩।୭(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକର ବେଣୀପୁର ସଶସ୍ତ୍ର ଡକାୟତି ମାମଲାରେ ଜବତ ହୋଇଥିବା ଟଙ୍କା ମଧ୍ୟରୁ ଅବଶିଷ୍ଟ ୧୨ହଜାର ଟଙ୍କା ତଦନ୍ତକାରୀ ଅଧିକାରୀ ତଥା ଥାନାର ତତ୍କାଳୀନ ସବ୍‌ଇନ୍ସପେକ୍ଟର ମହାପ୍ରସାଦ ନାୟକ ବୁଧବାର ଅଭିଯୋଗକାରୀଙ୍କୁ ଫେରାଇଛନ୍ତି। ଭଦ୍ରକ ଜିଲାପାଳଙ୍କ ନିକଟରେ ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ସେ ଅଭିଯୋଗକାରୀ ଶରତ ଚନ୍ଦ୍ର ସାହୁଙ୍କୁ ଭଣ୍ଡାରିପୋଖରୀ ଥାନା ପରିସରରେ ଟଙ୍କା ଫେରସ୍ତ କରିଛନ୍ତି। ପୂର୍ବରୁ ତାଙ୍କୁ ୨୦ ହଜାର ଟଙ୍କା ଏବଂ ଏବେ ଅତିରିକ୍ତ ଏହି ଟଙ୍କା ଫେରସ୍ତ ହୋଇଛି। ଲୁଟ୍ ହୋଇଥିବା ୪୫ ହଜାର ଟଙ୍କା ମଧ୍ୟରୁ କୁଆଡ଼େ ୪୩ ହଜାର ଟଙ୍କା ଜବତ ହୋଇଥିଲା। ସେଥିମଧ୍ୟରୁ ୧୧ ହଜାର ଟଙ୍କା ଅନ୍ୟତ୍ର ଫେରସ୍ତ ହୋଇଥିଲା ବୋଲି ପୂର୍ବତନ ତଦନ୍ତକାରୀ ଅଧିକାରୀ ନାୟକ କେସ୍ ଡାଏରୀରେ ଉଲ୍ଲେଖ ଥିବା ସମ୍ପର୍କରେ ତାଙ୍କୁ ବୁଝାଇଥିଲେ ବୋଲି ଶରତ କହିଛନ୍ତି।

## ସଂକ୍ଷେପରେ

### କୁସେଇ ନଦୀରେ ବୁଡ଼ି ବୃଦ୍ଧା ମୃତ

ଆନନ୍ଦପୁର,୨୩।୭(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଦେଇ ବୋହିଯାଇଥିବା କୁସେଇ ନଦୀରେ ବୁଡ଼ିଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମଚନ୍ଦ୍ରପୁର ଥାନା ଅଧୀନ ଜଳସୁଆଁର ଲକ୍ଷ୍ମୀ ରଣା(୭୦)। ଲକ୍ଷ୍ମୀ ବୁଧବାର କୁସେଇ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଅସାବଧାନତାବଶତଃ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଖବର ପାଇ ଘସିପୁରା ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରି ନଦୀରୁ ବୃଦ୍ଧାଙ୍କ ମୃତଦେହ ଜବତ କରିଥିଲେ। ପୋଲିସ ଆନନ୍ଦପୁର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

### ସାହାରପଡ଼ା ବିଡିଓଙ୍କ ବଦଳି ବାତିଲ

ପାଟଣା,୨୩।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବିଡିଓ ରଣଜିତ ମହାନ୍ତଙ୍କୁ ମୟୂରଭଞ୍ଜ ଜିଲା ବିଜାତୋଳା ବ୍ଲକ୍‌କୁ ବଦଳି କରାଯାଇଥିଲା। ମାତ୍ର ବୁଧବାର ପୁନର୍ବାର ତାଙ୍କ ବଦଳିକୁ ଓଡ଼ିଶା ସରକାରଙ୍କ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବାତିଲ କରାଯାଇ ସାହାରପଡ଼ା ବିଡିଓ ଭାବେ କାର୍ଯ୍ୟ ଜାରି ରଖିବାକୁ (ପତ୍ର ସଂଖ୍ୟା ୨୦୦୧୯/୨୫)ନିର୍ଦ୍ଦେଶ ହୋଇଛି। ସୂଚନା ଅନୁଯାୟୀ, ସାହାରପଡ଼ା ବ୍ଲକ୍ ବିଡିଓ ରଣଜିତ ମହାନ୍ତ ମାତ୍ର ୭ ମାସ ତଳେ ସାହାରପଡ଼ା ବିଡିଓଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# କଳାବଜାରରୁ ଉଚ୍ଚା ଦରରେ କିଣୁଛନ୍ତି ଚାଷୀ



## ମିଳୁନି ସାର, ପଛାଉଛି ଚାଷକାମ

ପାଟଣା,୨୩।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା, ସାହାରପଡ଼ା ଅଞ୍ଚଳରେ ସାରର ଅଭାବ ଲାଗି ରହିଛି। ପ୍ରତିବର୍ଷ ସମାନ ଘଟଣା ଘଟୁଥିବା ବେଳେ ଅବସ୍ଥାରେ ସୁଧାର ଆସୁନାହିଁ। ଏବେ ଚାଷୀ ଡିଏପି, ୟୁରିଆ ଓ ପଟାସ ସାର ନ ପାଇ କଳାବଜାରରୁ ଅଧିକ ଦରରେ ସାର ନେବାକୁ ବାଧ୍ୟ ହେଉଛନ୍ତି। ଅନେକ ସ୍ଥାନରେ ଚାଷୀ ସାର ପାଉ ନ ଥିବାରୁ ବେଉଷଣ ପଛାଉଗଲାଣି। ସୂଚନା ଅନୁଯାୟୀ, ପାଟଣା ଓ ସାହାରପଡ଼ା ବ୍ଲକରେ ଖରିଫ ଋତୁର ଧାନ ବେଉଷଣ ସମୟ ହେଲାଣି। ଫଳରେ ଡିଏପି, ୟୁରିଆ ଓ ପଟାସର ଆବଶ୍ୟକତା ରହିଛି। ବ୍ଲକରେ ମୋଟ ୧୨ ଶହ ମେଟ୍ରିକ ଟନ୍ ୟୁରିଆ ସାର ଆବଶ୍ୟକ ଥିବା ବେଳେ ଏଯାବତ୍ ବ୍ଲକ୍‌କୁ ୭୩୫ ଟନ୍, ୮ଶହ ମେଟ୍ରିକ ଟନ୍ ଡିଏପି ଆବଶ୍ୟକ ଥିବା ବେଳେ ୬୭୩ ମେଟ୍ରିକ ଟନ ଓ ୨ଶହ ମେଟ୍ରିକ ଟନ ପଟାସ ସାର ଦରକାର ଥିବା ବେଳେ ୬୫ ମେଟ୍ରିକ ଟନ୍ ସାର ଯୋଗାଇ ଦିଆଯାଇଛି। ଫଳରେ ଚାଷୀ ବାଧହୋଇ କଳାବଜାରରୁ ଉଚ୍ଚା ଦରରେ ସାର କିଣୁଛନ୍ତି। ରିଟେଲରମାନେ ସରକାରୀ ଦରରେ ନ ବିକି ଚଢ଼ା ଦରରେ ବିକ୍ରି କରୁଛନ୍ତି। ୟୁରିଆ ୨୬୬.୫୦ ଟଙ୍କା ବଦଳରେ ୪୫୦ରୁ ୫୦୦, ଡିଏପି ୧୩୫୦ ବଦଳରେ ୧୬୦୦ରୁ୧୬୫୦ ଓ ପଟାସ ୧୫୩୭ ବଦଳରେ ୧୭୦୦ରେ ବିକ୍ରି ହେଉଛି। ପାଟଣା ବ୍ଲକ୍ର ୧୧ ସମବାୟ ସମିତି ଜରିଆରେ ସାର ବିକ୍ରି ହେଉଥିବା ବେଳେ ପାଟଣା ଲ୍ୟାମ୍ପ ଅଧୀନ କେନ୍ଦେଇପଶି ଓ ତୁରୁମୁଣ୍ଡିଆରେ କେବଳ ସାର ମିଳୁଛି। ସେହିଭଳି ରାଜନଗର କ୍ୟାମ୍ପସ ଅଧୀନରେ ଥିବା ୬ ଲ୍ୟାମ୍ପର ୩ କାଉଣ୍ଟର ମଧ୍ୟରୁ ଚେମେଣାରେ କେବଳ ଡିଏପି, ଯମୁନାପୋଷିରେ ଡିଏପି, ୟୁରିଆ ମିଳୁଛି। ରାଜନଗର କାଉଣ୍ଟରରେ କୌଣସି ସାର ମିଳୁନାହିଁ। ଏପଟେ ବ୍ଲକ୍‌ରେ ଚାଲୁଥିବା ୪୫ଟି ଘରୋଇ ସାର ରିଟେଲର ଦୋକାନ ମଧ୍ୟରୁ ଅଧିକାଂଶ ଦୋକାନରେ ସରକାରୀ ଦରଠାରୁ ଅଧିକ ଦରରେ ସାର ବିକ୍ରି ହେଉଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ସାରର ଅଭାବ ଦୂରକରିବାକୁ ସରକାର ଓ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, କଂଗ୍ରେସ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ ଦାବି କରିଛନ୍ତି। ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା କହିଛନ୍ତି, ଏଥର ଲଗୁଡାପ ବର୍ଷା ଯୋଗୁ ଶୀଘ୍ର ଚାଷକାମ ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷେ ଡ୍ରାଇଭର ସଂଘ ଆନ୍ଦୋଳନ ଯୋଗୁ ସାରର ଅଭାବ ଦେଖାଯାଇଛି। ର‍୍ୟାକ୍ ଅଳ୍ପ ଦିନ ଭିତରେ ଲାଗିଲେ ସାରର ଅଭାବ ଦୂରହେବ। କଳାବଜାର ରୋକିବାକୁ ପାଟଣା, ସାହାରପଡ଼ାରେ ତହସିଲଦାର, ପୋଲିସ ଓ ଏଓଙ୍କୁ ନେଇ ସ୍କ୍ୱାଡ୍ ଗଠନ କରାଯାଇଛି। ଅଗଷ୍ଟ, ସେପ୍ଟେମ୍ବର ମଧ୍ୟରେ ଆବଶ୍ୟକ ସାର ଯୋଗାଇ ଦିଆଯିବ। ଅତିରିକ୍ତ ବ୍ଲକ୍ କୃଷି ଅଧିକାରୀ ପରେଶ ଦାଶ କହିଛନ୍ତି, ରିଲରମାନେ ଖୁଚୁରା ଦୋକାନୀଙ୍କୁ ନାନୋ ୟୁରିଆ ଓ ଡିଏପି ସହ ସଏଲ କଣ୍ଡିସନର ବାଧ୍ୟତାମୂଳକଭାବେ ଦେଉଥିବା ବେଳେ ଚାଷୀ ଏବଂ ଅଣ୍ଡସାର ନେଉ ନ ଥିବାରୁ ଖୁଚୁରା ଦୋକାନୀ ଅଧିକ ଦରରେ ସାର ବିକ୍ରି କରୁଛନ୍ତି।

# ସରକାରୀ ବସ୍ ସେବାରୁ ବଞ୍ଚିତ କୁଟାରିପୋଷିବାସୀ

## ବାରମ୍ବାର ଅଭିଯୋଗ ପରେ ବି ସମସ୍ୟା ସମାଧାନ ହେଉନି



ଚମ୍ପୁଆ,୨୩।୭(ମହେଶ୍ୱର ଦାସ)

ବିଗତ ସରକାର ସମୟରେ ଗ୍ରାମାଞ୍ଚଳରେ ଲୋକଙ୍କୁ ଅଳ୍ପ ଅର୍ଥ ବ୍ୟୟରେ ସେବା ଯୋଗାଇଦେବାର ବ୍ୟବସ୍ଥା କରାଇ ସରକାରୀ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। ଏହାର ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ସେବା ଯୋଗାଉଥିଲା। ବିଜେଡି ସରକାର ପରିବର୍ତ୍ତନ ହୋଇ ଭାଜପା ସରକାର ଚଳାଇବାର ୧ ବର୍ଷ ପୂରି ଯାଇଥିଲେ ମଧ୍ୟ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ର କୁଟାରିପୋଷି ପଞ୍ଚାୟତବାସୀ ସରକାରୀ ବସ ସେବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ସରପଞ୍ଚ ଜୟରାମ ଚାତାର ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଅଭିଯୋଗ ମୁତାବକ, ଚମ୍ପୁଆ ବ୍ଲକ୍ ଅଧୀନରେ ଥିବା ଏହି ପଞ୍ଚାୟତ ମୁଖ୍ୟାଳୟଠାରୁ ପ୍ରାୟ ୧୦ କିମି ଦୂର ହୋଇଥିବା ବେଳେ ବୈତରଣୀ ନଦୀ ପାଇଁ ଏହା ଉପାନ୍ତ ପଞ୍ଚାୟତ ଭାବେ ପରିଗଣିତ। ବ୍ଲକ୍ ମୁଖ୍ୟାଳୟଠାରୁ ଆରମ୍ଭ କରି ଉପଖଣ୍ଡ ମୁଖ୍ୟାଳୟରେ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ପଞ୍ଚାୟତବାସୀ ଆଜି ପର୍ଯ୍ୟନ୍ତ ବସ୍‌ସେବା ପାଇପାରିଲେ ନାହିଁ। ରକାର ପରିବର୍ତ୍ତନ ପରେ ଲକ୍ଷ୍ମୀ ବସ୍ ନା ପରିବର୍ତ୍ତନ ହୋଇ ଓଏସ୍‌ଆରଟିସି ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପଞ୍ଚାୟତବାସୀ ବସ୍ ସେବାରୁ ବଞ୍ଚିତ ରହିଛନ୍ତି। ଖରା ଦିନ ଓ ଶୀତ ଦିନରେ ପଞ୍ଚାୟତବାସୀ ମୁଖ୍ୟାଳୟ ସହ ସମ୍ପର୍କ ରଖିପାରୁଥିବା ବେଳେ ବର୍ଷା ଦିନେ ନିର୍ଦ୍ଦିଷ୍ଟ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପାଇଁ ଲୋକେ ନାନା କଷ୍ଟ ଉଠାଉଥିବା ସରପଞ୍ଚ କହିଛନ୍ତି। ବିଡିଓ ସ୍ମିତି ରଞ୍ଜନ ସାହୁ କହିଛନ୍ତି, ବସ୍ ଚଳାଚଳ ନେଇ ବ୍ୟବସ୍ଥା କରାଯାଉଛି, ୫ ରୁ ୭ ଦିନ ଭିତରେ ପଞ୍ଚାୟତବାସୀ ବସ ସେବା ପାଇବେ।

# ଶିକ୍ଷକଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୨୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସେଣ୍ଟର ଫର ଏନ୍‌ଭାଇରନମେଣ୍ଟାଲ ଷ୍ଟଡ଼ିଜ, ଭୁବନେଶ୍ୱରର ମିଳିତ ଉଦ୍ୟମରେ ଶିକ୍ଷକଙ୍କ ଦକ୍ଷତା ଅଭିବୃଦ୍ଧତ କର୍ମଶାଳା ବୁଧବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର, ଘଷିପୁରା, ହାଟଡ଼ିହୀ, ଘଟଗାଁ, ହରିଚନ୍ଦନପୁର, ବାଂଶପାଳ ବ୍ଲକ୍‌ର ପ୍ରାୟ ୨୫୦ ଜଣ ଶକ୍ତି କ୍ଲବ୍‌ର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସେଣ୍ଟର ଅଫ ଏନ୍‌ଭାଇରନମେଣ୍ଟାଲ ଷ୍ଟଡ଼ିଜର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଅନ୍ୟତମ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ ଯୋଗଦେଇ ଶକ୍ତି କ୍ଲବ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନା କରିଥିଲେ। ଏନ୍‌ଏସ୍ ପୋଲିସ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ରାଉତ, ବାଉଁଶୁଳି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଦିତ୍ୟ ମହାପାତ୍ର, ଧବଳେଶ୍ୱର ହାଇସ୍କୁଲ, ଦେଓଝରର ବିଜ୍ଞାନ ଶିକ୍ଷକ ସୌମ୍ୟ ପ୍ରକାଶ ସାହୁ ରିସୋର୍ସ ପର୍ସନ ଭାବେ ପ୍ରଶିକ୍ଷଣ ଦେଇଥିଲେ। ପୂର୍ବତନ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଫକୀର ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜପଥ ଫ୍ଲାଏଓଭର ନିର୍ମାଣରେ ବିଳମ୍ବ

## ଶାଳପଡ଼ା ନିକଟରେ ବଢ଼ୁଛି ଟ୍ରାଫିକ୍ ସମସ୍ୟା



କେନ୍ଦୁଝର/ଆନନ୍ଦପୁର,୨୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ସୁଶାନ୍ତ ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଶାଳପଡ଼ା ଏନ୍‌ଏଚ୍ ୨୦ ନମ୍ବର ଜାତୀୟ ରାଜପଥରେ ଫ୍ଲାଏଓଭର ନିର୍ମାଣରେ ବିଳମ୍ବ ଘଟୁଛି। ଫଳରେ ଏଠାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ଟ୍ରାଫିକ୍ ଜାମ୍ କାରଣରୁ ଯାତାୟାତ ବ୍ୟାହତ ହେବା ସହ ଦୁର୍ଘଟଣା ଘଟୁଛି। ବର୍ଷା ହେଲେ ପରିସ୍ଥିତି ୨ ଗୁଣା ହୋଇଯାଉଥିବା ସ୍ଥାନୀୟ ବାସିନ୍ଦା ଓ ଯାତ୍ରୀ ଅଭିଯୋଗ କରିଛନ୍ତି। କେନ୍ଦୁଝର ଏନ୍‌ଏଚ୍‌ଏଆଇ (ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ) ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ।

ପ୍ରକାଶ ଯେ, ପ୍ରତିଦିନ ରିମୁଳି -ପାଣିକୋଇଲି ଜାତୀୟ ରାଜପଥ ୨୦ରେ ଲୁହା ବୋଝେଇ ଟ୍ରକ୍ ସମେତ ଅନେକ ହଜାର ଯାନବାହନ ଏହି ରାସ୍ତା ଦେଇ ଚଳାଚଳ କରୁଛି। ପାରାଦୀପ ବନ୍ଦର ଏବଂ କଳିଙ୍ଗନଗର ଶିଳ୍ପକେନ୍ଦ୍ରକୁ ଲୁହା ବୋଝେଇ ଟ୍ରକ୍, ଟ୍ରେଲର ଏବଂ ଅନ୍ୟାନ୍ୟ ଭାରିଯାନ ଚଳାଚଳ କରୁଛି। ଶାଳପଡ଼ା ନିକଟରେ ଫ୍ଲାଏଓଭରଟି ଅସମ୍ପୂର୍ଣ୍ଣ ଥିବାରୁ ଲୁହା ବୋଝେଇ ଟ୍ରକ୍ ଏବଂ ଅନ୍ୟାନ୍ୟ ଭାରିଯାନ ବାହନ ସର୍ଭିସ ରୋଡ୍ ବ୍ୟବହାର କରୁଛନ୍ତି। ମରାମତି ନ ହେବା ଯୋଗୁ ଉକ୍ତ ରାସ୍ତାଗୁଡ଼ିକ ଖରାପ ଅବସ୍ଥାରେ ପଡ଼ିରହିଛି। ବର୍ଷାରେ ରାସ୍ତା ଅଧିକ କ୍ଷତିଗ୍ରସ୍ତ ହୋଇ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ପ୍ରାୟତଃ ଆମ୍ବୁଲାନ୍ସ, ସ୍କୁଲ ବସ୍ ଏବଂ ଅନ୍ୟାନ୍ୟ ଯାତ୍ରୀବାହୀ ବସ୍ ଫସି ରହୁଛି। ଅନେକ ପ୍ରତିବାଦ ସତ୍ତ୍ୱେ ଜିଲା ପ୍ରଶାସନ, ରାଜପଥ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ସୁଡୁସୁଡ଼ିଆ ବ୍ୟବସାୟୀ ସଂଘର ସଭାପତି ସନ୍ତୋଷ କୁମାର ଜେନା କହିଛନ୍ତି। ଏବେ ଲଗାଣ ବର୍ଷାରେ ରାସ୍ତା ବିପଦପୂର୍ଣ୍ଣ ହୋଇପଡ଼ିଛି। ରାସ୍ତାରେ ଖାଲ ସୃଷ୍ଟିହୋଇ ଦୁର୍ଘଟଣାର କାରଣ ସାଜୁଛି। କେନ୍ଦୁଝର ଏନ୍‌ଏଚ୍‌ଆଇର ପିଡି ମାବେଶ ଗାମି କହିଛନ୍ତି, ନିୟମିତ ଭାବରେ ସର୍ଭିସ ରୋଡ୍ ସମସ୍ୟାର ସମାଧାନ କରାଯାଉଛି। ଫ୍ଲାଏଓଭର କାମ ଶେଷହେବା ପରେ ୧ରୁ ୨ ମାସ ପରେ ସମସ୍ୟାର ସମାଧାନ ହୋଇଯିବ।

# କେନ୍ଦୁଝରରେ ଖୋଲିବ ୪ କୋର୍ଟ

କେନ୍ଦୁଝର,୨୩।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ବାଂଶପାଳ, ପାଟଣା, ଘଷିପୁରା, ଝୁମ୍ପୁରାରେ ପ୍ରତିଷ୍ଠା ହେବ ନୂଆ ସିଭିଲ କୋର୍ଟ (ଜୁନିଅର ଡିଭିଜନ) ଓ ଜେଏମ୍‌ଏଫସି / ଅତିରିକ୍ତ ସିଭିଲ ଜଜ (ଜୁନିଅର ଡିଭିଜନ) କୋର୍ଟ। ଓଡ଼ିଶାରେ ସମୁଦାୟ ୫୬ ଟି ନୂଆ କୋର୍ଟ ଆରମ୍ଭ ହେବାକୁ ଥିବା ବେଳେ କେନ୍ଦୁଝର ଜିଲାରେ ୪ ଟି କୋର୍ଟ ପ୍ରତିଷ୍ଠା ପାଇଁ କର୍ମଚାରୀ ନିଯୁକ୍ତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କ ଆଇନ ବିଭାଗ ତରଫରୁ ୧୯ ଜୁଲାଇ ୨୫ରେ ୧୧୪୦୪ନମ୍ବରରେ ଗେଜେଟ୍ ନୋଟିଫିକେଶନ ଜାରି ହୋଇଛି।

## ପାଟଣାରେ ଖୋଲିବ ଜେଏମ୍‌ଏଫ୍‌ସି କୋର୍ଟ

**ପାଟଣା,(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟରେ ନୂତନ ଜେଏମ୍‌ଏଫ୍‌ସି କୋର୍ଟ (ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ) ସ୍ଥାପନ ହେବ। ପାଟଣାବାସୀଙ୍କ ଦାବିକୁ ରାଜ୍ୟ ସରକାର ପୂରଣ କରିଥିବାରୁ ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ପାଟଣାରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ ପ୍ରମୁଖ ଧନ୍ୟବାଦ ଦେଇଛନ୍ତି। ଯୁବନେତା ବିଜୟରତ୍ନ ପତି, ପାଟଣା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ସାମାଜିକକର୍ମୀ ଅଜୟ ଦାଶ, କଂଗ୍ରେସ ଏମ୍‌ପି ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ଯୁଗୋଳ କିଶୋର ଦାଶ ସ୍ୱାଗତ କରିଛନ୍ତି। ଆନୁସଙ୍ଗିକ ୮୪୦ଟି ନୂତନ ପଦବୀକୁ ସରକାର ମଞ୍ଜୁରୀ ଦେଇଛନ୍ତି। କୋର୍ଟ ପ୍ରତିଷ୍ଠା ପାଇଁ ପ୍ରଥମ ପସନ୍ଦ ପରୁଳିଆ, ଦ୍ୱିତୀୟ ପସନ୍ଦ ଭାବେ ଟାଙ୍ଗରପଡ଼ାକୁ ରଖା ଯାଇଥିବା ରେଭେନ୍ୟୁ ବିଭାଗ ତରଫରୁ ସୂଚନା ମିଳିଛି।

# ମହିଳା ମହାବିଦ୍ୟାଳୟରେ ନବାଗତା ଛାତ୍ରୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୨୩।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସରକାରୀ ମହିଳା ମହାବିଦ୍ୟାଳୟରେ ନବାଗତା ସ୍ନାତକ ଓ ସ୍ନାତକୋତ୍ତର କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀର ଛାତ୍ରୀଙ୍କ ବିବିଧ ପ୍ରଶିକ୍ଷଣ ତଥା ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ବ୍ୟାପି ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅଧ୍ୟକ୍ଷ ପ୍ରଫେସର ଡ. ଲଳିତ ରଞ୍ଜନ ସାହୁ ଓ ଦ୍ୱିତୀୟ ଦିବସରେ ପ୍ରାଶାସନିକ ଅଧିକାରୀ ପ୍ରଫେସର୍ ଡ. ବିଷ୍ଣୁ ଚରଣ ଦାସ ଅଧ୍ୟକ୍ଷତା କରିଥିଲେ। ଶୈକ୍ଷିକ ଅଧିକାରୀ ଡ. ଧର୍ମବୀର ମୋହନ ସିଂ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ପଦାଧିକାରୀ, ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡ. ରାମଚନ୍ଦ୍ର ମଲ୍ଲ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜ୍ୟୋତିରଞ୍ଜନ ଜେନା, ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଅଜିତ ବରାଳ, ଅର୍ଥନୀତି ବିଭାଗ ମୁଖ୍ୟ ଗୀତାଞ୍ଜଳୀ ନାୟକ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ସୁରେଶ ଚନ୍ଦ୍ର ଜେନା, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଶକ୍ତିରଞ୍ଜନ ସାହୁ, ଜାତୀୟସେବା ଯୋଜନା କାର୍ଯ୍ୟକାରୀ ଅଧିକାରୀ ଡ. ନିବେଦିତା ଦାସ, ରେଡ୍‌କ୍ରସ ଓ ରେଡ୍ ରିବନ ସଂସ୍ଥା କାର୍ଯକାରୀ ଅଧିକାରୀ ଡ. ବାଣୀଶ୍ରୀ ଦାସ, କ୍ୟାରିୟର କାଉନ୍‌ସେଲିଂ ଅଧିକାରୀ ଡ. ପ୍ରୀତି ମଞ୍ଜରୀ ମିଶ୍ର, ଅଧ୍ୟାପକ ଦୁର୍ଯ୍ୟୋଧନ ଦାସ, ଅଧ୍ୟାପିକା ଆକାଂକ୍ଷା ଦାସ ପ୍ରମୁଖ ପାଠ୍ୟ ଓ ସହପାଠ୍ୟ କାର୍ଯ୍ୟକ୍ରମ ସମନ୍ଧୀୟ ସଚେତନମୂଳକ ମୌଳିକ ଧାରଣା ପ୍ରଦାନ କରିଥିଲେ।

# ଓଡ଼ିଶା ଖଣି ମଡେଲକୁ ଆପଣେଇବ ମଧ୍ୟପ୍ରଦେଶ

## ଖଣି ଅଞ୍ଚଳ ପରିଦର୍ଶନ କଲେ ଉଚ୍ଚସ୍ତରୀୟ ବୈଷୟିକ ଦଳ

ଯୋଡ଼ା,୨୩।୭(ମାନସ ମହାନ୍ତି)

ଓଡ଼ିଶା ଖଣି କ୍ଷେତ୍ରରେ ହୋଇଥିବା ବୈପ୍ଳବିକ ପରିବର୍ତ୍ତନ, ରାଜସ୍ୱ ବୃଦ୍ଧିକୁ ଅନୁକରଣ କରିବ ମଧ୍ୟପ୍ରଦେଶ। ଏ ନେଇ ମଧ୍ୟପ୍ରଦେଶର ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ଯୋଡ଼ା ଖଣି ମଣ୍ଡଳ ପରିଦର୍ଶନରେ ଆସିଛନ୍ତି। ମଧ୍ୟପ୍ରଦେଶର ଖଣି ସଚିବଙ୍କ ଅଧ୍ୟକ୍ଷତାରେ ଖଣି ନିର୍ଦ୍ଦେଶକ, ଖଣି ଯୁଗ୍ମ ନିର୍ଦ୍ଦେଶକ, ଭୂତତ୍ତ୍ୱବିତ, ପ୍ରଯୁକ୍ତି ବିଦ୍ୟା ଅଧିକାରୀଙ୍କୁ ମିଶାଇ ୬ ଜଣିଆ ଟିମ୍ ଯୋଡ଼ା ଗସ୍ତରେ ଆସିଛନ୍ତି।

ଓଡ଼ିଶାରେ ଖଣିର କିପରି ଉନ୍ନତିସାଧନ ହେଉଛି, ପ୍ରଯୁକ୍ତି ବିଦ୍ୟାକୁ କିପରି ପ୍ରୟୋଗ କରାଯାଉଛ, ଖଣିଜ ମାନ ନିର୍ଦ୍ଧାରଣ କ୍ଷେତ୍ରରେ କିପରି ସ୍ୱଚ୍ଛତା ଅବଲମ୍ବନ କରାଯାଉଛି, ଉତ୍ତୋଳନ ବେଳେ ନମୁନା ସଂଗ୍ରହ, ଖଣିରେ ଖଣିଜର ଷ୍ଟାକ୍ କିପରି ତିଆରି କରାଯାଉଛି, ଉତ୍ତୋଳନ ପରେ ନମୁନା ପରୀକ୍ଷାଗାରକୁ ଯାଇ ଏହାର କିପରି ବିଶ୍ଳେଷଣ କରାଯାଉଛି, ଆତ୍ୟାଧୁନିକ ଲ୍ୟାବରେ ଏହା ମଧ୍ୟ ପ୍ରଦେଶରୁ ଆସିଥିବା ଅଧିକାରୀମାନେ ନିରୀକ୍ଷଣ କରିଥିଲେ। ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲ ପ୍ରଯୁକ୍ତି ବିଦ୍ୟାର ପ୍ରବନ୍ଧନ, ଖଣିରେ ବ୍ୟବହାର ହେଉଥିବା ସରଞ୍ଜାମର ଆବଶ୍ୟକୀୟ ବ୍ୟବହାର ସହିତ ଖଣିରେ ନିଆଯାଉଥିବା ଆବଶ୍ୟକୀୟ ନିରାପତ୍ତା ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଖଣିରେ ବ୍ୟବହାରିକ ପନ୍ଥା ସମ୍ପର୍କରେ ଜାଣିବା ପାଇଁ ବୈଷୟିକ ଦଳ ଟାଟା ଷ୍ଟିଲର ଯୋଡ଼ା ଇଷ୍ଟ ଆଇରନ ମାଇନ୍ସ, ଓଡ଼ିଶା ଖଣି ନିଗମ ଜିଲିଂ ମାଇନ୍ସ ପ୍ରଭୃତି ବୃହତ ଯାନ୍ତ୍ରିକ ଖଣିଗୁଡ଼ିକର ପରିଦର୍ଶନ କରିଥିଲେ। ଉପ ନିର୍ଦ୍ଦେଶକ ଅଗ୍ରୱାଲ କହିଛନ୍ତି, ରାଜ୍ୟ ସରକାରଙ୍କ ସ୍ୱଚ୍ଛତା, ଅନିୟମିତତା ଉପରେ ଜିରୋ ଟୋଲେରାନ୍ସକୁ ସେମାନେ ପ୍ରଶଂସା କରିଥିଲେ। ଉପକରଣର ବ୍ୟବହାର ଯୋଗୁ ଓଡ଼ିଶା ଅଧିକ ରାଜସ୍ୱ ପାଇ ପାରୁଛି ବୋଲି ମତବ୍ୟକ୍ତ କରିଥିଲେ।

# ବିଧୁ ଭୂଷଣ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି

ବାରିପଦା,୨୩।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପଦବୀକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତାର ଅବସାନ ଘଟିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କୁ କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ଦେଇଛନ୍ତି। ସେ ୬ମାସ ପାଇଁ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ପୂର୍ବ କୁଳାଧିପତି ୨୦୨୨ ଡିସେମ୍ବର ୭ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଏକ ବର୍ଷ ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ପରନ୍ତୁ ୨ବର୍ଷ ୮ମାସ ପରେ ମଧ୍ୟ ସ୍ଥାୟୀ କୁଳପତି ନିଯୁକ୍ତି ହୋଇ ନ ଥିଲା। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତିଭାବେ ମଧ୍ୟ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିଲା। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ନିଯୁକ୍ତି ନେଇ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରଫେସର ମିଶ୍ର ୧୯୮୮ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ ଶିକ୍ଷାଗତ ଜୀବନ ଆରମ୍ଭ କରିଥିଲେ। ୧୯୯୦ ରେ ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟରେ ୩୨ ବର୍ଷ ଶିକ୍ଷକତା କରିଥିଲେ। ସେ ୫୦ ରୁ ଊର୍ଦ୍ଧ୍ୱ ପିଏଚ୍‌ଡି ବିଦ୍ୱାନଙ୍କୁ ମାର୍ଗଦର୍ଶନ କରିଛନ୍ତି। ଇଗ୍ନୋ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଇଁ ୧୦୦ରୁ ଅଧିକ ଗବେଷଣା ପତ୍ର, ୬ଟି ପୁସ୍ତକ ଏବଂ ପାଠ୍ୟକ୍ରମ ସାମଗ୍ରୀ ରଚନା କରିଛନ୍ତି। ୧୫୦ରୁ ଅଧିକ ସେମିନାରରେ ଯୋଗ ଦେଇଛନ୍ତି। ସେ ୟୁନାଇଟେଡ କିଙ୍ଗଡମ, କୋରିଆ, ଥାଇଲ୍ୟାଣ୍ଡ, ନେପାଳ, ଭୁଟାନ, ଶ୍ରୀଲଙ୍କା, ବାଂଲାଦେଶ ଇତ୍ୟାଦି ଦେଶ ଗସ୍ତ କରିଛନ୍ତି। ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ, ଘରେ ପଶୁଛି ପାଣି

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ସହରବାସୀ



କେନ୍ଦୁଝର,୨୩।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବଡ଼ବିଲ ପୌରପାଳିକା ଅଧୀନସ୍ଥ ୭ ନମ୍ବର ୱାର୍ଡରେ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଘରଠାରୁ ରାସ୍ତା ଉଚ୍ଚରେ ରହିଥିବାରୁ ପାଣି ଘରେ ପଶୁଛି। ଲୋକେ ସିଡି ଲଗାଇ ବାହାରକୁ ଆସୁଛନ୍ତି। ଏ ନେଇ ସହରବାସୀ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଫଳଶୂନ ରହିଛି। ଶେଷରେ କେନ୍ଦୁଝରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ସେଲ୍‌ରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ, କେନ୍ଦୁଝର ଏମ୍‌ପି, ବିଧାୟକ, ଜିଲାପାଳ, ପୂର୍ତ୍ତ ବିଭାଗ ଚିଫ ଇଞ୍ଜିନିୟର, ବଡ଼ବିଲ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ କପି ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ, ଉକ୍ତ ଅଞ୍ଚଳରେ ୧୯୪୫ରୁ ଶତାଧିକ ପରିବାର ରହି ଆସୁଛନ୍ତି। ୨୦୨୨ରେ ପୂର୍ତ୍ତବିଭାଗ ପକ୍ଷରୁ ବଡ଼ବିଲ ବସ୍‌ଷ୍ଟାଣ୍ଡଠାରୁ ରେଲୱେ ଲେବଲ କ୍ରସିଂ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ସହିତ ରେଲୱେ ଫ୍ଲାଇ ଓଭର ନିର୍ମାଣ ଆରମ୍ଭ ହୋଇଛି। ଫ୍ଲାଇ ଓଭର କାମ ଅଧପନ୍ତରା ହୋଇ ପଡ଼ିଥିବା ବେଳେ ଚାରିପାଖରେ ରହୁଥିବା ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ରାସ୍ତା ନିର୍ମାଣ ସମୟରେ ବସ୍‌ଷ୍ଟାଣ୍ଡରୁ ଜଗନ୍ନାଥପୁର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ଓ ସମ୍ପ୍ରସାରଣ କାମ କରିବା ବେଳେ ମାଟି ଖୋଳି ନିର୍ମାଣ କରାଯାଇଛି । କିନ୍ତୁ ଜଗନ୍ନାଥ ମନ୍ଦିରରୁ ରେଲୱେ ଲେବଲ କ୍ରସିଂକୁ ରାସ୍ତା ନିର୍ମାଣ ବେଳେ ମାଟି ନ ଖୋଳି ପୁରୁଣା ରାସ୍ତା ଉପରେ କାମ ଫଳରେ ରାସ୍ତାର ଉଚ୍ଚତା ବୃଦ୍ଧି ପାଇଛି। ଫଳରେ ରାସ୍ତା କଡ଼ରେ ଏବଂ ନିକଟରେ ଥିବା ସାହି ବା ବସ୍ତି ଲୋକଙ୍କ ଘର ପାଖାପାଖି ୭ରୁ ୮ ଫୁଟ ତଳେ ରହିଯାଇଛି। ରାସ୍ତା ଉପରକୁ ଉଠି ଆସିବାକୁ ସିଡି ନିର୍ମାଣ କରିବାକୁ ପଡ଼ିଥିବା ବେଳେ ବର୍ଷା ହେଲେ ପାଣି ଭର୍ତ୍ତି ହୋଇ ଘରେ ପଶୁଛି। ଧୂଳିଧୂଆଁ ସାଙ୍ଗକୁ କାଦୁଅ ଓ ପାଣିରେ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ବାରମ୍ବାର ସ୍ଥାନୀୟ ପ୍ରଶାସନ, ପୂର୍ତ୍ତ ବିଭାଗକୁ ଜଣାଇ ଆସୁଥିଲେ ହେଁ ସମାଧାନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେମାନେ କହିଛନ୍ତି। ସେହିପରି ଡ୍ରେନ୍ ଉପରେ ସ୍ଲାବ ଭାଙ୍ଗିଯାଇଥିବାରୁ ଯାତାୟାତ ଅସୁରକ୍ଷିତ ହୋଇପଡ଼ିଛି। ସମସ୍ୟା ସମାଧାନ ନ ହେଲେ ସେମାନେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି ସହରବାସୀ କହିଛନ୍ତି। ସ୍ଥାନୀୟ ମାନବାଧିକାର କର୍ମୀ ଶୁଶିଲ କଇଁଥ କହିଛନ୍ତି, ଏ ନେଇ ବାରମ୍ବାର ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଛନ୍ତି। କିନ୍ତୁ ସମସ୍ୟା ସମାଧାନ ହେଉନାହିଁ। ଏହା ମାନବାଧିକାର ଉଲ୍ଲଘଂନ ହେଉଛି। ମୁଖ୍ୟମନ୍ତ୍ରୀ ଏହାର ବିଚାର କରି ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି। ବଡ଼ବିଲ ପୌରପାଳିକାର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ସ୍ଥାନୀୟ ଲୋକେ ଆସିଲେ ସମସ୍ୟା ବୁଝି ଆବଶ୍ୟକ ପଦକ୍ଷେପ ନେବେ। ଚିଫ୍ କଂଷ୍ଟ୍ରକ୍ସନ ଇଂ. ସନ୍ତୋଷ କୁମାର ବେହେରା କହିଛନ୍ତି, ରାସ୍ତା ଯେଉଁ ଲେବଲରେ ଥିଲା ରହିଛି। ବିଭିନ୍ନ ପାଇପ୍‌ଲାଇନ ଡ୍ରେନ୍ ମଧ୍ୟରେ ଯାଇଥିବାରୁ ଡ୍ରେନ୍ ସମସ୍ୟା ହୋଇଛି । ତେବେ ଉକ୍ତ ସ୍ଥାନରେ ଜମି ଅଧିଗ୍ରହଣ ସମସ୍ୟା ରହିଥିବାରୁ ସମ୍ପୂର୍ଣ୍ଣ କାମ ହୋଇପାରୁନାହିଁ। ଲୋକଙ୍କ ସହଯୋଗ ମିଳିଲେ କରାଯାଇପାରିବ।

# କୁଳପତି ନିଯୁକ୍ତିକୁ ସ୍ୱାଗତ

ବାରିପଦା,୨୩।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତିକୁ ଜିଲାରେ ସ୍ୱାଗତ କରାଯାଇଛି। ପୂର୍ବତନ କୁଳପତିଙ୍କ ନିଯୁକ୍ତି ବେଆଇନ ଥିଲା ବୋଲି ବହୁ ବୁଦ୍ଧିଜୀବୀ ଏହା ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ। ଶେଷରେ ବୁଧବାର କୁଳାଧିପତି ବର୍ତ୍ତମାନର କୁଳପତିଙ୍କୁ ବଦଳାଇ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କୁ ନିଯୁକ୍ତି ଦେବା ମୟୂରଭଞ୍ଜ ସ୍ୱାଭିମାନର ବିଜୟ ଅଟେ। ନୂତନ କୁଳପତିଙ୍କ ନିଯୁକ୍ତିକୁ ପୂର୍ବତନ ବିଧାୟକ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ କିଶୋର ଦାଶ, ଏମପିସି ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ଓଡ଼ିଶା ଓକିଲ ମହାସଂଘର କୋ ଚେୟାରମ୍ୟାନ ଜୀବନ କୁମାର ସାହୁ, ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ତଥା ଏକାଡେ଼ମିକ କାଉନସିଲର ସଦସ୍ୟ ପ୍ରଦୀପ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଜ୍ୟୋତିପ୍ରକାଶ ରଥ, ସଂଘମିତ୍ରା ରାଉତ, ସଞ୍ଜୀବ କୁମାର ଆଚାର୍ଯ୍ୟ, ପୁର୍ଣ୍ଣେନ୍ଦୁ ଦାସ ପ୍ରମୁଖ ସ୍ୱାଗତ କରିବା ସଙ୍ଗେ ସଙ୍ଗେ କୁଳାଧିପତି, ରାଜ୍ୟସରକାର ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ‘ପୁଅକୁ ଶ୍ୱଶୁର ଘର ଲୋକେ ମାରି ଦେଇଛନ୍ତି’ ନ୍ୟାୟ ଦାବି କଲେ ବୃଦ୍ଧା ମା’

ସୋର, ୨୩।୭ (ଜନ୍ମେଜୟ ମିଶ୍ର)

ବାହାନଗା ବଗଲପୁର ଗ୍ରାମର ବିଏସ୍ଏଫ୍ ଯବାନ ଦିବ୍ୟରଞ୍ଜନ ସାହୁଙ୍କର ତାଙ୍କ ଶ୍ୱଶୁର ଘରେ ମୃତ୍ୟୁକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ବୁଧବାର ତାଙ୍କ ବୃଦ୍ଧା ମା’ ବାସନ୍ତୀ ସାହୁ ସୋରଠାରେ ଏକ ଖବରବାଡା ସମ୍ମିଳନୀରେ ତାଙ୍କ ପୁଅକୁ ଶ୍ୱଶୁର ଘର ଲୋକେ ମାରି ଦେଇଥିବା ଅଭିଯୋଗ କରିଛନ୍ତି। ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ଦିବ୍ୟରଞ୍ଜନ ୨୦୦୭ରେ ବିଏସ୍ଏଫ୍ ୩୬ ବାଟାଲିୟନରେ ନିଯୁକ୍ତି ପାଇ ଉତ୍ତରପ୍ରଦେଶ ଗ୍ରେଟେର ନୋଏଡାରେ କାର୍ଯ୍ୟରତ ଥିଲେ। ସେ ୨୦୧୨ରେ ବାଲେଶ୍ୱର ରାଣୀପଟଣା ଗ୍ରାମର ଚିଲିକା ବେହେରାଙ୍କ ସାନଝିଅ ସଂଯୁକ୍ତାଙ୍କୁ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ୮ ବର୍ଷର ଝିଅ ରହିଛି। ଝିଅର ପାଠପଢା ପାଇଁ ଉଭୟେ ବାଲେଶ୍ୱର ସହରରେ ଏକ ଘରଭଡ଼ା ନେଇ ରହୁଥିଲେ। ଗତ ୩ ତାରିଖ ରାତିରେ କୌଣସି କାରଣରୁ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ଏହି ସମୟରେ ସଂଯୁକ୍ତା ତାଙ୍କ ଭାଇ କମଳ ବେହେରାଙ୍କୁ ଖବର ଦେଇଥିଲେ। କମଳ ସାଙ୍ଗରେ କେତେଜଣ ଲୋକଙ୍କୁ ଆଣି ପହଞ୍ଚିଥିଲେ। ସେମାନେ କୌଣସି କଥା ନ ବୁଝି ଦିବ୍ୟରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ପରେ ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡିକାଲକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଦିବ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଦିବ୍ୟରଞ୍ଜନଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ଶ୍ୱଶୁରଘର ଲୋକେ ବଗଲପୁରକୁ ଆଣି ଆସିଥିଲେ। ମାତ୍ର ଗାଁ ଲୋକ ସେମାନଙ୍କୁ ବିରୋଧ କରିବା ସହିତ ଦିବ୍ୟରଞ୍ଜନଙ୍କୁ ମାରିଦେଇଥିବା ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ବାଲେଶ୍ୱର ସହଦେବଖୁଣ୍ଟା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୨୨/୨୫) ରୁଜୁ କରି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଚାଲିଛି ବୋଲି ବାସନ୍ତୀ ଅଭିଯୋଗ କରିଛନ୍ତି। ପୁଅର ହତ୍ୟା ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ ପାଇଁ ବୃଦ୍ଧା ମା ଏବଂ ଗ୍ରାମବାସୀମାନେ ଦାବି କରିଛନ୍ତି। ଏହି ସମ୍ମିଳନୀରେ ସୌମ୍ୟରଞ୍ଜନ ସାହୁ ଏବଂ ଭାଉଜ ସରିତା ବେହେରା, ଗ୍ରାମବାସୀ ଆଲୋକ ରାଉତ, ସୁମନ୍ତ ରାଉତ, ବିନୋଦ ରାଉତ, ସୁମନ୍ତ ଦାସ, ବିକାଶ ଯଶମୁଖ, ସାମାଜିକ କର୍ମୀ ମାୟାଧର ନାୟକ, ଅନାମ ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଳିଆ ଆବର୍ଜନା ପ୍ରତି ନଜର ନାହିଁ

## ନୀଳଗିରି ଏନ୍ଏସିର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

ନୀଳଗିରି, ୨୩।୭ (ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ସୌନ୍ଦର୍ଯ୍ୟ ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି। ପରିମଳ ପରିଚାଳନାରେ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପରିମଳ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୀଳଗିରି ବିଜ୍ଞାପିତ ଅଞ୍ଚଳ ଅଧୀନରେ ୧୩ଟି ୱାର୍ଡ ଥିବାବେଳେ ପ୍ରତି ୱାର୍ଡରେ ଆବର୍ଜନା ଭର୍ତ୍ତି ହେବା ସହିତ ଡ୍ରେନ୍‌ଗୁଡ଼ିକରେ ମଇଳା ଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ସାହି ରାସ୍ତାଠାରୁ ଆରମ୍ଭ କରି ସହରର ମୁଖ୍ୟ ରାସ୍ତାରେ ସବୁଠି ଅଳିଆ, ଆବର୍ଜନା ଓ ଗଛ ଲତାରେ ପରିପୂର୍ଣ୍ଣ ଥିବା ଦେଖାଦେଇଛି। ଏପରିକି ଚଳିତ ରଥଯାତ୍ରା ଅବସରରେ ବଡ଼ଦାଣ୍ଡ ସମେତ ପ୍ରଶାସନ ତରଫରୁ କେସି ହାଇସ୍କୁଲ ପଡ଼ିଆରେ ପ୍ରଦର୍ଶନୀ ପାଇଁ ଆସିଥିବା



ପଡ଼ିରହିଥିବା ଅଳିଆ ଆବର୍ଜନା।

ଦୋକାନ ଗୁଡ଼ିକର ଆବର୍ଜନା ଅଦ୍ୟାବଧି ପଡ଼ିରହିଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଏନ୍ଏସି କର୍ତ୍ତୃପକ୍ଷଙ୍କ ନଜର ନ ଥିବା ହେଉ କିମ୍ବା ଏନ୍ଏସି ତରଫରୁ ନିୟୋଜିତ ଟେଣ୍ଡରଧାରୀ ସଂସ୍ଥାର ମାନମନି ପାଇଁ ହେଉ ପ୍ରତିମାସ ୧୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅର୍ଥରାଶି ନେଇ ୧୩ଗୋଟି ୱାର୍ଡ଼ର ସଫେଇକାର୍ଯ୍ୟ କରିବାକୁ ଥିବାବେଳେ ସଂସ୍ଥା ଏବେ ଉଭାନ ହୋଇଯାଇଥିବା ଅଭିଯୋଗ ଉଠିଛି। ଫଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡ଼ିଛି। ଏପରିକି ପ୍ରତି ୱାର୍ଡରେ କୁଢ଼କୁଢ଼ ଆବର୍ଜନା ପଡ଼ିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ନା ପ୍ରଶାସନର ଦୃଷ୍ଟି ଅଛି ନା ନିର୍ବାହୀ ଅଧିକାରୀଙ୍କ। ଆଉ କିଛିଦିନ ମଧ୍ୟରେ ସ୍ୱାଧୀନତା ଦିବସ ଉପଲକ୍ଷେ ହାଇସ୍କୁଲ ପଡ଼ିଆରେ ଛାତ୍ରୀଛାତ୍ର ମାନଙ୍କର ପ୍ୟାରେଡ୍ ରିହାଲସେଲ ଥିବାରୁ ଆବର୍ଜନା ପଡ଼ି ରହିବା ଘଟଣାକୁ ବୁଦ୍ଧିଜୀବୀମାନେ ନା ପସନ୍ଦ କରିବା ସହିତ ଖୁବ୍‌ଶୀଘ୍ର ପରିମଳ ବ୍ୟବସ୍ଥାକୁ ସଜାଡ଼ିବାକୁ ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ାଙ୍କୁ ପଚାରିବାରୁ ୱାର୍ଡଗୁଡ଼ିକ ସଫେଇ ଚାଲିଛି ଏବଂ ହାଇସ୍କୁଲ ପଡ଼ିଆରେ ପଡ଼ିଥିବା ଅବର୍ଜନାକୁ ଗୁରୁବାରସୁଦ୍ଧା ଉଠାଇ ଦିଆଯିବ ବୋଲି ସେ କହିଛନ୍ତି।

## ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

### ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା ମାମଲା

ବାଲେଶ୍ୱର, ୨୩।୭ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଜଜ୍‌ଙ୍କ କୋର୍ଟରେ ବୁଧବାର ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଜଜ୍ ସତ୍ୟନାରାୟଣ ମିଶ୍ର ଏହାର ବିଚାର କରି ଅଭିଯୁକ୍ତ ସ୍ୱାମୀ ନୀଳାମ୍ବର ମଲ୍ଲିକଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୩ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଖନ୍ତାପଡ଼ା ଥାନା ଅନ୍ତର୍ଗତ ଅରଳା ଗ୍ରାମର ନୀଳାମ୍ବର ମଲ୍ଲିକଙ୍କୁ ଗତ ୨୦୧୯ ଅଗଷ୍ଟ ୧୦ ତାରିଖରେ ସ୍ତ୍ରୀ ସାବିତ୍ରୀ ମଲ୍ଲିକ ଗ୍ରୁପ୍ ଲୋନ୍ ଶୁଝିବା ପାଇଁ କିସ୍ତି ଟଙ୍କା ମାଗିଥିଲେ। ଏହାକୁ ନେଇ ସ୍ତ୍ରୀ, ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉତ୍ତେଜିତ ହୋଇ ସ୍ୱାମୀ ନୀଳାମ୍ବର ଏକ ବାଉଁଶ ଠେଙ୍ଗାରେ ସାବିତ୍ରୀଙ୍କ ମୁଣ୍ଡକୁ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମୃତଦେହକୁ ନଡ଼ାଗଦାରେ ରଖି ନିଆଁ ଲଗାଇ ପ୍ରମାଣ ନଷ୍ଟ ପାଇଁ ଚେଷ୍ଟା କରିଥିଲେ। ଏନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା (ନଂ. ୨୪୫/୧୯) ରୁଜୁ କରି ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଞ୍ଜନ ଶବର ମାମଲା ପରିଚାଳନା କରୁଥିଲେ।

## ପୂର୍ବତନ ସମ୍ପାଦକଙ୍କୁ ୩ ବର୍ଷ ଜେଲ

### ଉସଙ୍ଗ ସେବା ସମବାୟ ସମିତିରେ ଆର୍ଥିକ ହେରଫେର ମାମଲା

ବାଲେଶ୍ୱର, ୨୩।୭ (ବାଞ୍ଛାନିଧି ଦେ)

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଖଇରା ଶାଖା ଉସଙ୍ଗ ସେବା ସମବାୟ ସମିତିରେ ଆର୍ଥିକ ହେରଫେର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭିଜିଲାନ୍ସ ସ୍ପେଶାଲ କୋର୍ଟ ଜଜ୍ ଲଳିତ କୁମାର ଦାଶ ମାମଲାର ବିଚାର କରି ପୂର୍ବତନ ସମ୍ପାଦକ ମନୋହର ବେହେରାଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

୨୦୦୫-୦୬ ଆର୍ଥିକ ବର୍ଷରେ ପୂର୍ବତନ ସମ୍ପାଦକ ବେହେରା ସମିତିର ବିଭିନ୍ନ ରେକର୍ଡପତ୍ର ଓ କ୍ୟାସବୁକ୍ ଜାଲିଆତି କରି ୩ଲକ୍ଷ ୪୧ହଜାର ୨୫୪ଟଙ୍କା ହେରଫେର କରିଥିବା ଅଭିଯୋଗ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଯାଇଥିଲା। ଏହି ଟଙ୍କାର କୌଣସି ହିସାବ କିମ୍ବା ସନ୍ତୋଷଜନକ କୈଫତ୍ ସେ ଦେଇପାରି ନ ଥିଲେ। ସମିତିର ଏହି ଆର୍ଥିକ ହେରଫେର ଓ ଅନିୟମିତତା ଅଭିଯୋଗ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୩୯/୨୦୧୦) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ସମସ୍ତ ସାକ୍ଷୀ ଓ ଦଲିଲ ଦସ୍ତାବିଜ୍‌କୁ ଭିତ୍ତି କରି ଜଜ୍ ଦାଶ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମୋକଦ୍ଦମା ପରିଚାଳନା କରୁଥିଲେ।

## ଗଣ୍ଡିବେଡ଼ ହାଇସ୍କୁଲ ପଡ଼ିଆରେ ଚାରାରୋପଣ

ଖଇରା, ୨୩।୭ (ଉତ୍କଳବନ୍ଧୁ ପଣ୍ଡା)

ଭାଜପା ରାଜ୍ୟ ପରିଷଦ ସଦସ୍ୟ ତଥା ଯୁବ ଶିଳ୍ପଦ୍ୟୋଗୀ ଇଂ ରାଜେଶ କୁମାର ମହାକୁଡ ଗୁରୁବାର ନିଜ ସମର୍ଥକଙ୍କ ସହ ଚାରାରୋପଣ କାର୍ଯ୍ୟରେ ନିଜକୁ ସାମିଲ କରିବା ସହ ଏହାକୁ ମା’ ପାଇଁ ଦିନଟିଏ ଭାବେ ପାଳନ କରିଛନ୍ତି। ଶ୍ୟାମସୁନ୍ଦରପୁର ପଞ୍ଚାୟତର ଗଣ୍ଡିବେଡ ହାଇସ୍କୁଲ ପଡିଆରେ ବିଭିନ୍ନ କିସମର ୧୫୦ ଗଛ ଲଗାଇଥିଲେ। ଏହି କାର୍ଯ୍ୟରେ ଯୁବନେତା ଦିନେଶ ଜେନା, ମନୋଜ ପତି, ଜିତେନ୍ଦ୍ର ଦାସ ଓ ବିଶିଷ୍ଟ ପରିବେଶବିତ ପଦ୍ମଲୋଚନ ଜେନା ପ୍ରମୁଖ ସହଯୋଗ କରିଥିଲେ।



ସମର୍ଥକଙ୍କ ସହ ଇଂ. ରାଜେଶ କୁମାର ମହାକୁଡ଼ ଚାରାରୋପଣ କରୁଛନ୍ତି।

# ଏକାଠିହେଲେ ନେତା, କର୍ମୀ

## ସାଙ୍ଗଠନିକ ଶକ୍ତିବୃଦ୍ଧି ପାଇଁ କଂଗ୍ରେସ କର୍ମୀ ସମ୍ମିଳନୀ

ଭୋଗରାଇ, ୨୩।୭ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ମନ୍ଦାରସାହି ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନ ୧୧ଟାରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସାଙ୍ଗଠନିକ ଶକ୍ତିବୃଦ୍ଧି ସକାଶେ ଦଳର ସମସ୍ତ ନେତା ଓ କର୍ମୀ ଏକାଠି ହୋଇଥିଲେ। ମନ୍ଦାରସାହି ସରପଞ୍ଚ ମମତା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ସମ୍ମିଳନୀରେ ୧୬ଟି ୱାର୍ଡର ୨୦୦ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ଏଥିରେ କଂଗ୍ରେସ ସାଙ୍ଗଠନିକ ଶକ୍ତି ବୃଦ୍ଧିକୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଭାଜପା ସରକାରର ଜନସ୍ୱାର୍ଥ ବିରୋଧୀ ନୀତି ଓ ବିଜେଡି ଶାସନର ବିଫଳତାକୁ ଲୋକ ଲୋଚନକୁ ଆଣି କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ନେତାମାନେ ଆହ୍ୱାନ ଦେଇଥିଲେ। ୩୩ ନଂ. ଜୋନ ଜିଲା ପରିଷଦ ସଭ୍ୟ ସନ୍ତୋଷ ଜେନା ଏହି କର୍ମୀ ସମ୍ମିଳନୀକୁ ପରିଚାଳନା କରିଥିଲେ। ବୈଠକରେ ପ୍ରତ୍ୟେକ ୱାର୍ଡର ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ବରିଷ୍ଠ ନେତା ସୁଦର୍ଶନ ଜେନା, ଗୋପବନ୍ଧୁ ମହାପାତ୍ର, ବ୍ଲକ ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ମନ୍ଦାରସାହି ପଞ୍ଚାୟତ ଉପସଭାପତି ଶାଶଙ୍କ ଶେଖର ଗିରି, ଅତୁଲ ମହାନ୍ତି, ଭାସ୍କର ଗିରି, ନାଏବ ସରପଞ୍ଚ ସୁଦର୍ଶନ ଗିରି ପ୍ରମୁଖ ଉପସ୍ଥିତ ପଞ୍ଚାୟତସ୍ତରରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ କରିବା ପାଇଁ ମତ ପ୍ରକାଶ କରିଥିଲେ। ଦେବବ୍ରତ ଦାସ ମହାପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ କଂଗ୍ରେସ ଟୋପି ଓ ଉତ୍ତରୀୟ ଦେଇ ପଞ୍ଚାୟତର ନୂତନ ସଭାପତି ମନୋନୀତ କରାଯାଇଥିଲା।

## ଚୋରି ବାଇକ୍ ଜବତ, ଅଭିଯୁକ୍ତ ଅଟକ

ଜଳେଶ୍ୱର, ୨୩।୭ (ନବୀନ ସାହୁ)

ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ବାଇକ୍ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୮ଟା ସମୟରେ ଖୁଆଡ଼ ପଞ୍ଚାୟତ ଅନ୍ତର୍ଗତ ଉପରକୁଣ୍ଡି ଗ୍ରାମସ୍ଥିତ ଏକ ଦୋକାନ ନିକଟରେ ହୋଣ୍ଡା ସାଇନ୍ ବାଇକ ଛିଡ଼ା ହୋଇଥିଲା। ପରେ ଏହି ବାଇକ୍‌ଟିକୁ କେହି ଚୋରାଇ ନେଇଥିବା ଜାଣି ବାଇକ୍ ମାଲିକ ଖୋଜାଖୋଜି କରିଥିଲେ। ଜଣେ ଯୁବକ ଏହି ବାଇକ୍ ନେଇ ଚମ୍ପା ଛକ ପାର୍ ହେବା ସମୟରେ ସ୍ଥାନୀୟ ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କୁ ଅଟକାଇ ରାଇବଣିଆ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରିଣୀ ଲୋପାମୁଦ୍ରା ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ଆଣିବା ସହ ଚୋରି ବାଇକ୍ ଜବତ କରିଥିଲେ। ଅଭିଯୁକ୍ତ ଜଣକ ନୀଳଗିରି ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଥାନାରେ ଏକ ମାମଲା (ନଂ.୬୪/୨୫) ରୁଜୁ ହୋଇଛି।

## ୬୦ ୟୁନିଟ୍ ରକ୍ତ ସଂଗ୍ରହ




ଅତିଥିଙ୍କ ଗହଣରେ ଜଣେ ରକ୍ତଦାତା।

ଜଳେଶ୍ୱର, ୨୩।୭ (ସତ୍ୟରଞ୍ଜନ ପ୍ରଧାନ)

ସ୍ଥାନୀୟ ଦୀନକୃଷ୍ଣ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର ସପ୍ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଆନୁକୂଲ୍ୟରେ ମଙ୍ଗଳବାର ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ଶିବିରକୁ ଉଦ୍‌ଘଟନ କରିଥିବା ବେଳେ ଏନ୍ଏସ୍ଏସ୍‌ର ପ୍ରୋଗ୍ରାମ ଅଫିସର୍ କବିତା ଖୁଣ୍ଟିଆ ଏବଂ ତପନ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳନା ହୋଇଥିଲା। ଓଡ଼ିଆ ରକ୍ତଦାନ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରୁ ମୋଟ୍ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ଡ. ମାନସ କୁମାର ଦାସ, ସମୀର କୁମାର ଦାସ, କୁନାଲ କୁମାର ଖଟୁଆ, ରାଜେନ୍ଦ୍ର ମାଝି, ଲିପକ ପ୍ରଧାନ, ଅଧ୍ୟାପିକା ପୁଷ୍ପାଞ୍ଜଳି ପାଇକରାୟ, ରୋଜି ମଲ୍ଲିକ, ଇନ୍ଦିରା ପ୍ରିୟଦର୍ଶିନୀ ଗିରି, ରଶ୍ମି ରେଖା ଭୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏନ୍ଏସ୍ଏସ୍ ଓ ଏନ୍‌ସିସିର ସମସ୍ତ ସ୍ୱେଚ୍ଛାସେବୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ସମ୍ପର୍କୀୟ ଜେଜେ ଅଟକ

ବସ୍ତା, ୨୩।୭ (ହରିଶଙ୍କର ପାଢ଼ି)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ଼ ଫାଣ୍ଡି ଅଞ୍ଚଳରେ ଜଣେ ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ନାବାଳିକାଙ୍କ ସମ୍ପର୍କୀୟଜେଜେଙ୍କୁ ଅଟକ ରଖିଛି। ଗତ ରବିବାର ନାବାଳିକା ଜଣକ ପଡ଼ୋଶୀଙ୍କ ଘରକୁ ଯିବା ସମୟରେ ଅଭିଯୁକ୍ତ ତାଙ୍କୁ ପ୍ରଲୋଭନ ଦେଖାଇ ଘରକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ମଙ୍ଗଳବାର ଅମର୍ଦ୍ଦାରୋଡ଼ ଫାଣ୍ଡିରେ ଲିଖିତ କରିଥିଲେ।

## ବସ୍ତାରେ ୩ ଜଣଙ୍କ ଅପମୃତ୍ୟୁ

ଗାନ୍ଧିଛକ (ଦିଲ୍ଲୀପ ପଣ୍ଡା)/ ବସ୍ତା (ହରିଶଙ୍କର ପାଢ଼ି), ୨୩।୭

ବସ୍ତା ଥାନା ଅଞ୍ଚଳରେ ୩ ଅପମୃତ୍ୟୁ ଘଟିଛି। ଭଗିଚକୁରାଇ ଗାଁର ଲଡୁ ମାରାଣ୍ଡିଙ୍କ ୧୨ ବର୍ଷୀୟ ଝିଅ ମିନତୀ ଗତରାତିରେ ଘରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଚିକିତ୍ସା ପାଇଁ ତାକୁ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବୁଧବାର ସକାଳେ ଏହି ମୂଳିଦା ଗାଁର ରଙ୍ଗଲତା ଜେନା(୭୬) ସ୍ଥାନୀୟ ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ଚନ୍ଦନେଶ୍ୱର ଗାଁର ମନ୍ମଥ ବଳ(୭୬) ଅସୁସ୍ଥ ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଯାଉଥିବା ବେଳେ ବସ୍ତା ନିକଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ସୂଚନା ମିଳିଛି।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

କାଳିପଦା, ୨୩।୭ (ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ଥାନା ଅଧୀନ କୁମ୍ଭାରୀ ଗ୍ରାମରେ ବୁଧବାର ପୂର୍ବାହ୍ନ ୧୦ଟାରେ ପୋଖରୀରେ ପଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତ ଶିଶୁପୁତ୍ର ଜଣକ ହେଲେ ଗ୍ରାମର ମନୋରଞ୍ଜନ ଜେନାଙ୍କ ପୁଅ ଦିବ୍ୟାଂଶୁ (୪)।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ସଭାରେ ଉପସ୍ଥିତ ଅତିଥିମାନେ।

କାଳିପଦା, ୨୩।୭ (ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତର କୁଣ୍ଡୁଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆର୍‌ସିସି ରଞ୍ଜନ କୁମାର ସେନାପତିଙ୍କ ସଭାପତିତ୍ୱରେ ବୁଧବାର ପୂର୍ବାହ୍ନ ୧୧ଟାରେ ପ୍ରଧାନଶିକ୍ଷକ ଅଜିତ କୁମାର ଦେଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ପ୍ରବଚକ ସଞ୍ଜୟ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ବନମାଳୀ ଗିରି, ଅମରେନ୍ଦ୍ର ସାମନ୍ତରାୟ, ପରିଚାଳନା କମିଟିର ସଭାପତି ଜୟନ୍ତ ମଲ୍ଲିକ, ପ୍ରଦୀପ ରାଉତ, ସୁଜୟ କୁମାର ପାତ୍ର, କାର୍ତ୍ତିକ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ୩୪ ବର୍ଷ ଶିକ୍ଷକତା କରିଥିବା ପ୍ରଧାନ ଶିକ୍ଷକ ଦେ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ, ସମୟାନୁବର୍ତ୍ତିତା ଶିକ୍ଷକ ଥିବାରୁ ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଜୟକୃଷ୍ଣ ମାଝୀ, ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷକ ଜଗନ୍ନାଥ ଜେନା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଅଭିରାମ ପଞ୍ଚାଧ୍ୟାୟ, ଶିକ୍ଷୟିତ୍ରୀ ଶିବାନୀ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାବବିହ୍ୱଳ ପରିବେଶ ମଧ୍ୟରେ ଶୋଭାଯାତ୍ରାରେ ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ, ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟିର ସଦସ୍ୟମାନେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ଦେଇଥିଲେ।

# ୨୦ରୁ ଉର୍ଦ୍ଧ୍ୱ ଏବିଭିପି ଛାତ୍ରୀଛାତ୍ର ଅସୁସ୍ଥ

## ସୌମ୍ୟାଶ୍ରୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା

ବାଲେଶ୍ୱର, ୨୩।୭ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ସ୍ମୃତିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏବିଭିପି ତରଫରୁ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତେବେ ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ଯୋଗୁ ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟର ଜରୁରୀକାଳୀନ ଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି।

ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲାରୁ ଏବିଭିପି ଛାତ୍ର ସଂଗଠନର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ମିଶନ ପଡ଼ିଆରୁ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ବାହାରି ଫକୀରମୋହନ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମସ୍ତ ଶିକ୍ଷାନୁଷ୍ଠାନରେ ଷ୍ଟୁଡେଣ୍ଟସ୍ ଓରିଏଣ୍ଟେସନ୍ ପ୍ରୋଗ୍ରାମ କାର୍ଯ୍ୟକାରୀ କରିବା, ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ଆଦି ଦାବି ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।



ଚିକିତ୍ସାଧୀନ ଛାତ୍ରୀମାନେ।

## କୋର୍ଟରେ ୨ ଛାତ୍ରୀଙ୍କ ବୟାନ ରେକର୍ଡ

### ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା

ବାଲେଶ୍ୱର, ୨୩।୭ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ ବୁଧବାର କୋର୍ଟରେ ୨ ଜଣ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି। ଏସ୍‌ଡିଜେଏମ୍ କୋର୍ଟରେ ବିଏନ୍ଏସ୍‌ର ଧାରା ୧୮୩ରେ ଉଭୟ ଛାତ୍ରୀଙ୍କ ବୟାନ ରେକର୍ଡ ହୋଇଛି। ମାଜିଷ୍ଟ୍ରେଟ୍ ଛାତ୍ରୀ ଦ୍ୱୟଙ୍କଠାରୁ ଏହି ବୟାନ ରେକର୍ଡ କରିଛନ୍ତି। ତେବେ ଏହି ଛାତ୍ରୀ ଦ୍ୱୟ କିଏ ତାହା ସ୍ପଷ୍ଟ ହୋଇନି। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମ କରିବା ସମୟରେ ଉଭୟ ଛାତ୍ରୀ ଉପସ୍ଥିତ ଥିବା ଆଲୋଚନା ହେଉଛି। ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର ପ୍ରକୃତ ରହସ୍ୟ ଉନ୍ମୋଚନ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ଏହି ଟିମ୍ ଘଟଣାର ବିଭିନ୍ନ ଦିଗକୁ ନେଇ ତନାଘନା କରୁଛି। ଭାରପ୍ରାପ୍ତ ଅଧ୍ୟକ୍ଷ, ଆଇସିସି ସଦସ୍ୟ, ଷ୍ଟାଫ୍ ଓ ଛାତ୍ରୀଛାତ୍ରଙ୍କୁ ବାରମ୍ବାର ଘଟଣା ସମ୍ପର୍କରେ ପଚରାଉଚରା ଜାରି ରଖିଛି। କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଉକ୍ତ ୨ଜଣ ଛାତ୍ରୀଙ୍କୁ କୋର୍ଟରେ ବୟାନ ରେକର୍ଡ ପାଇଁ ବୁଧବାର ହାଜର କରାଯାଇଥିଲା।


ସୂଚନା ଯୋଗ୍ୟ, ଛାତ୍ରୀ ସୌମ୍ୟାଶ୍ରୀ ଗତ ୧୨ ତାରିଖରେ କଲେଜ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥିଲା। ଗତ ୧୪ତାରିଖ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଓ ଏଚ୍‌ଓଡି ସମୀର ସାହୁଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଥିଲା। ଏହାପରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଭିଜିଲାନ୍ସ ଜାଲରେ କୋଟିପତି ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ


ଜଗନ୍ନାଥଙ୍କ ବଡ଼ଗଡ଼ସ୍ଥିତ ୩ ମହଲା କୋଠା

## ଘରୁ ହରିଣ ଶିଙ୍ଗ, ଅଧ କେଜି ସୁନା, ଦେଶୀ ବନ୍ଧୁକ ଜବତ

- ଭୁବନେଶ୍ୱର ଓ ରାୟଗଡ଼ାର ୪ ସ୍ଥାନରେ ଚଢ଼ାଉ
- ୩ ବହୁତଳ ପ୍ରାସାଦ, ୩ ପ୍ଲଟ୍, ଫାର୍ମ ହାଉସ୍ ଠାବ
- ଜମା ଓ ନିବେଶ ୮୦.୩୫ ଲକ୍ଷ


ଜଗନ୍ନାଥ ପଟ୍ଟନାୟକ

ଭୁବନେଶ୍ୱର,୨୩।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କୋଟିପତି ନିର୍ବାହୀ ଯନ୍ତ୍ରୀ(ଇଇ) ଜଗନ୍ନାଥ ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ଜଗନ୍ନାଥଙ୍କ ଭୁବନେଶ୍ୱର ଓ ରାୟଗଡ଼ାର ୪ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ବଡ଼ଗଡ଼ସ୍ଥିତ ବାସଭବନ, ରାୟଗଡ଼ା ଜିଲା ଗୁଣପୁର ଜନଗମ୍ ଷ୍ଟ୍ରିଟସ୍ଥିତ ପୈତୃକ ଘର ଓ ବିଏମ୍‌ସି ଅଫିସସ୍ଥିତ ଚାମ୍ବର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ଚାଲିଥିବାବେଳେ ଏଥିରେ ଭିଜିଲାନ୍ସର ୬ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ଜଗନ୍ନାଥଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଜଗନ୍ନାଥଙ୍କ ଭୁବନେଶ୍ୱରସ୍ଥ ବଡ଼ଗଡ଼ରେ ୪,୫୬୦ ବର୍ଗଫୁଟ ଅଞ୍ଚଳ ପରିମିତ ପ୍ଲଟ୍ ନଂ.ଆର୍‌ପି-୧୨ରେ ଗୋଟିଏ ୩ ମହଲା କୋଠା ଠାବ ହୋଇଛି। ସେହିପରି ରାୟଗଡ଼ା ଜିଲା ଗୁଣପୁରରେ ୨ଟି ଦୁଇ ମହଲା କୋଠା ଓ ଭୁବନେଶ୍ୱରରେ ୩ଟି ବହୁମୂଲ୍ୟ ପ୍ଲଟ୍ ମଧ୍ୟ ଠାବ ହୋଇଛି। ପ୍ଲଟଗୁଡ଼ିକ ମଧ୍ୟରେ ଖଣ୍ଡଗିରିରେ ଗୋଟିଏ ଓ ବଡ଼ଗଡ଼ରେ ୨ଟି ରହିଛି। ଚଢ଼ାଉବେଳେ ଜଗନ୍ନାଥଙ୍କ ବାସଭବନରୁ ହଳେ ହରିଣ ଶିଙ୍ଗ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ସେହିପରି ଭୁବନେଶ୍ୱର ବାଲିଅନ୍ତା ତହସିଲ୍ ଅଧୀନ ରଣପୁର ମୌଜାରେ ଗୋଟିଏ ଫାର୍ମ ହାଉସ୍ ଠାବ ହୋଇଛି। ଏହି ଫାର୍ମ ହାଉସରେ ଗୋଟିଏ ଦୁଇମହଲା କୋଠା, ଆଉ ଏକ ଘର, ମାଛ ପୋଖରୀ ରହିଛି। ଏଥିସହ ନଡ଼ିଆ, କଦଳୀ, ଡ୍ରାଗନ୍ ଫଳ, ପିଜୁଳି, ଅଙ୍ଗୁର, ବ୍ଲାକବେରି, ଲେମ୍ବୁ, ଆମ୍ବ ଆଦି ଗଛ ଫାର୍ମରେ ଲଗାଯାଇଥିବାବେଳେ ଏକ କୁକୁଡ଼ା ଫାର୍ମ ରହିଛି। ସେହିପରି ତାଙ୍କ ଘରୁ ୪୬୦ ଗ୍ରାମର ସୁନା ଅଳଙ୍କାର ଠାବ ହୋଇଛି। ଜଗନ୍ନାଥଙ୍କ ବ୍ୟାଙ୍କ, ଜୀବନବୀମା ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୮୦ ଲକ୍ଷ ୩୫ ହଜାର ୩୭୧ ଟଙ୍କା ରହିଥିବା ଜଣାପଡ଼ିଛି। ଏଥିସହ ଘରୁ ୭ଲକ୍ଷ ଟଙ୍କାର ଘରୋଇ ଉପକରଣ ଓ ନଗଦ ଟଙ୍କା ମିଳିଛି। ମିଳିଥିବା ବେଳେ ଗୋଟିଏ ଚାରିଚକିଆ ଯାନ (ମାରୁତି ଗ୍ରାଣ୍ଡ ଭିଟାରା) ଓ ଦୁଇଟି ଦୁଇଚକିଆ ଯାନ ଠାବ ହୋଇଛି।

### ୩୩ବର୍ଷର ଚାକିରି, ଜେଇରୁ ନିର୍ବାହୀ ଯନ୍ତ୍ରୀ

ଜଗନ୍ନାଥ ୧୯୯୨ ନଭେମ୍ବର ୨ରେ ସରକାରୀ ସେବାରେ ଯୋଗ ଦେଇ କନିଷ୍ଠ ଯନ୍ତ୍ରୀ (ଜେଇ) ଭାବେ ଗୁଣୁପୁର ଏନ୍‌ଏସିରେ କାମ କରିଥିଲେ। ୨୦୦୬ ପର୍ଯ୍ୟନ୍ତ ସେ ସେଠାରେ କାମ କରିଥିଲେ। ଉକ୍ତ ବର୍ଷ ସହକାରୀ ଯନ୍ତ୍ରୀ (ଏଇ) ଭାବେ ପଦୋନ୍ନତି ପାଇ ଜଗନ୍ନାଥ ବ୍ରହ୍ମପୁର ପୌରପାଳିକାରେ ନିଯୁକ୍ତି ପାଇଥିଲେ। ୨୦୧୧ରେ ସେ ଭୁବନେଶ୍ୱର ମହାନଗର ନିଗମକୁ ବଦଳି ହୋଇଥିଲେ। ୨୦୧୬ରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଭାବେ ପଦୋନ୍ନତି ପାଇଥିଲେ। ୨୦୨୪ ଅକ୍ଟୋବରରେ ନିର୍ବାହୀ ଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ପାଇ କାମ କରି ଆସୁଛନ୍ତି।

# ଯୁବକଙ୍କ ଗଳାକାଟି ଦେଲେ ପ୍ରେମିକା

- ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି
- ଆକ୍ରମଣକାରୀ ଫେରାର, ପୋଲିସର ତଦନ୍ତ ଜାରି

କେନ୍ଦ୍ରାପଡ଼ା,୨୩।୭(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଧୀନ ହଜାରୀ ଛକରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କ ଗଳାକୁ ତାଙ୍କ ପ୍ରେମିକା କାଟି ଦେଇ ଫେରାର ହୋଇଯାଇଛନ୍ତି। ରାସ୍ତା ପାର୍ଶ୍ୱରେ ପଡିଥିବା ସେହି ଯୁବକଙ୍କୁ ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସମ୍ପୃକ୍ତ ଯୁବକଙ୍କ ବୟାନକୁ ଆଧାର କରି ପୋଲିସ ଏକ ମାମଲା(ନଂ.୩୪୩/୨୫) ରୁଜୁ ତଦନ୍ତ ଚଳାଇଛି। ଏହି ତଦନ୍ତରେ ପୋଲିସ ଫରେନସିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡକୁ ସାମିଲ କରିଛି। ତେବେ କେଉଁ କାରଣରୁ ଏପରି ଘଟଣା ଘଟିଲା ସେ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନାହିଁ।

ଉକ୍ତ ଘଟଣା ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଆହତ ଯୁବକ ଜଣକ ଜଗତସିଂହପୁର ଜିଲା କୁଜଙ୍ଗ ଥାନା ବାଘୁଆ ଠେଙ୍ଗ ଗ୍ରାମର ସତ୍ୟଜିତ ଷଡ଼ଙ୍ଗୀ। ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ମାର୍ଶାଘାଇ ଥାନା ପୋଲିସ ପାଟ୍ରୋଲିଂ କରୁଥିଲା। ଏଏସ୍‌ଆଇ ଲୋଭାବତୀ ସାହୁ ସତ୍ୟଜିତ୍‌ଙ୍କୁ ଗୁରୁତର ଅବସ୍ଥାରେ ହଜାରୀ ଛକ ସେତୁଠାରୁ ଅନତି ଦୂରରୁ ଉଦ୍ଧାର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି। ସତ୍ୟଜିତ କହିଛନ୍ତି, ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଡ଼ାବତୀ ଗ୍ରାମର ଜଣେ ମହିଳାଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା। ଘଟଣାଦିନ ସମ୍ପୃକ୍ତ ମହିଳା ତାଙ୍କ ଗଳାକୁ କୌଣସି ଧାରୁଆ ଅସ୍ତ୍ରରେ କାଟି ସ୍କୁଟିରେ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଜିଲା ପୋଲିସ ତନାଘନା ଚଳାଇଛି। ଖୁବ୍‌ଶୀଘ୍ର ଅପରାଧୀ ଧରାପଡିବେ ବୋଲି ଏସ୍‌ଡିପିଓ ଗୌଡ ସୂଚନା ଦେଇଛନ୍ତି।

# ଜମି ବ୍ୟବସାୟୀଙ୍କୁ ଗୁଳିମାଡ଼

କୁଆଁରମୁଣ୍ଡା,୨୩।୭(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ତହସିଲ ଅଫିସ ନିକଟରେ ବୁଧବାର ଜଣେ ଜମି ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ସେ ହେଲେ ଉତ୍ତମ କୁମାର ଘୋଷ। ଏହି ଖବର ପ୍ରଚାରିତ ହେବା ପରେ ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ଓ ଏସ୍‌ଡିପିଓ ସୁଶାନ୍ତ ଦାସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଜାରି ରଖିଛନ୍ତି। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତ ଧରା ପଡ଼ିନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତମ ତହସିଲ ଅଫିସ ନିକଟରେ କାର ଭିତରେ ଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଆସି ୨ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଗୁଳି ଉତ୍ତମଙ୍କ କାରରେ ବାଜିଥିଲା। ସେ କାର ଭିତରେ ଥିବାରୁ ସାମାନ୍ୟ ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଜମି ବେପାରକୁ ନେଇ ଏହି ଗୁଳିକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି।

# ଏସ୍‌ଟିଏଫ୍ ହାତରେ ଅଭ୍ୟାସଗତ ଅପରାଧୀ

## ୧୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ପାରାଦୀପ ଥାନାରେ ୧୭ ମାମଲା

ଭୁବନେଶ୍ୱର,୨୩।୭ (ସତ୍ୟଜିତ୍ ରାଉତ)



କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ରାଜଧାନୀ ତମାଣ୍ଡୋ ଥାନା ଅଞ୍ଚଳର ୧୬ ନଂ. ଜାତୀୟ ରାଜପଥରେ ଚଢ଼ାଉ କରି ପୁରୀ ଜିଲା ଗଡ଼ିଷଗଡ଼ା ଥାନା ଅଞ୍ଚଳର ଲଳିତ ଭୁଜବଳ (୩୬)ଙ୍କୁ ଗିରଫ କରିଛି। ତାଙ୍କଠୁ ଏକ ଚାରିଚକିଆ ଯାନ (ଓଡ଼ି୦୫-ବିୟୁ-୧୮୧୩) ଓ ସେଥିରୁ ୭ଟି ଜରି ପେଟିରେ ଭର୍ତ୍ତି ୧ କୁଇଣ୍ଟାଲ ୪୭ କେଜି ଗଞ୍ଜେଇ ଜବତ କରାଯାଇଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୫/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତ ଲଳିତଙ୍କୁ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଲଳିତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ଆର୍ମସ ଆକ୍ଟ, ଇଣ୍ଡିଆନ୍ ଏକ୍ସପ୍ଲୋସିଭ୍ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ପାରାଦୀପ ଥାନାରେ ୧୭ଟି ମାମଲା ରହିଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଲଳିତ ପୂର୍ବରୁ ବହୁତ ଥର ଜେଲ ଯିବା ପରେ ମଧ୍ୟ ଅପରାଧ ଘଟାଉଥିଲେ। ତେବେ ସେ ଏତେ ପରିମାଣର ଗଞ୍ଜେଇ କେଉଁଠୁ ଆଣିଲେ ସେନେଇ ଏସ୍‌ଟିଏଫ୍ ଅଧିକ ତଥ୍ୟ ସଂଗ୍ରହ କରୁଛି।

# ସୁନା କାରବାର ଆଳରେ ୧୨ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ଅଭିଯୁକ୍ତ ଗିରଫ, ଦାମୀ କାର୍ ଜବତ

ଭୁବନେଶ୍ୱର,୨୩।୭ (ସତ୍ୟଜିତ୍ ରାଉତ)


ରମେଶ ଚନ୍ଦ୍ର ମାଝୀ

ସୁନା କାରବାର ଆଳରେ ବିଭିନ୍ନ ବ୍ୟବସାୟୀଙ୍କୁ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ (ଏସ୍‌ସିୟୁ) ଗିରଫ କରିଛି। ସେ ହେଲେ ଆଚାର୍ଯ୍ୟ ବିହାର ଅଞ୍ଚଳର ରମେଶ ଚନ୍ଦ୍ର ମାଝୀ। ତାଙ୍କଠୁ ଏକ ଦାମୀ କାର ଜବତ କରାଯାଇଛି। ଅଭିଯୁକ୍ତ ରମେଶଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ରମେଶଙ୍କ ସ୍ତ୍ରୀ ଅନିଶା ସୁବୁଦ୍ଧି ମଧ୍ୟ ସହ ଅଭିଯୁକ୍ତ ରହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏମ୍/ଏସ୍ ଷ୍ଟାରୱେ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପ୍ରାଇଭେଟ ଲିଃ ଓ ଷ୍ଟାରୱେ ଡେଭ୍‌ଲପର୍ସ ପିଭିଟି ଲିଃର ଏମ୍‌ଡି ଭୋଲାନାଥ ମହାନ୍ତି ରମେଶଙ୍କ ଦ୍ୱାରା ୫.୬ କୋଟି ଟଙ୍କା ଠକେଇର ଶିକାର ହୋଇଥିଲେ। ତାଙ୍କ ଏତଲା ଆଧାରରେ ମଙ୍ଗଳବାର ସ୍ପେଶାଲ କ୍ରାଇମ ୟୁନିଟ୍ ଏକ ମାମଲା (ନଂ.୫/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କେବଳ ଭୋଳାନାଥ ନୁହେଁ, ଅନ୍ୟ ୧୫ଜଣ ମଧ୍ୟ ରମେଶଙ୍କ ଦ୍ୱାରା ପ୍ରାୟ ୭କୋଟି ଟଙ୍କା ଠକେଇର ଶିକାର ହୋଇଛନ୍ତି। ତେବେ ୧୦ଜଣ ପୀଡ଼ିତ ନ୍ୟାୟ ପାଇବା ପାଇଁ ବୁଧବାର ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କୁ ଭେଟି ଅଭିଯୋଗ ମଧ୍ୟ କରିଛନ୍ତି। ରମେଶ ନିଜକୁ ବଡ଼ ସୁନା ଟ୍ରେଡର ବୋଲି ପରିଚୟ ଦେଉଥିଲେ। ନିଲାମ ସୁନା କିଣିବା ପରେ ବିକ୍ରି କଲେ ଅଧିକ ଲାଭ ମିଳିବା ଆଶା ଦେଇ ଲୋକଙ୍କୁ ଜାଲରେ ଫସାଉଥିଲେ। ରମେଶ କହୁଥିଲେ,ବିଭିନ୍ନ ବ୍ୟାଙ୍କରେ ସୁନା ନିଲାମ ହେବାବେଳେ ତାଙ୍କୁ ସେ ବିଲ୍ କରି ଆଣନ୍ତି। ଏହାପରେ ଉକ୍ତ ସୁନାକୁ ସେ ବ୍ୟବସାୟୀମାନଙ୍କୁ ବିକ୍ରି କରି ବହୁ ଲାଭ କରନ୍ତି। ଏଥିପାଇଁ ଆର୍‌ବିଆଇ ପକ୍ଷରୁ ଅନୁମୋଦନ ମିଳିଥିବା ବୋଲି ମଧ୍ୟ ରମେଶ ମିଛ କହୁଥିଲେ। ରମେଶ ୨୦୨୨ରୁ ୨୦୨୩ ମଧ୍ୟରେ ଅଭିଯୋଗକାରୀ ଭୋଳାନାଥଙ୍କଠାରୁ ୫.୬ କୋଟି ଟଙ୍କା ନେଇଥିଲେ। ସେ ଏହା ବଦଳରେ ଲାଭ ମିଶାଇ ୬.୭୨ କୋଟି ଦେବେ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ରମେଶ ଟଙ୍କା ଫେରାଉ ନ ଥିଲେ କି ଧରା ଛୁଆଁ ମଧ୍ୟ ଦେଉ ନ ଥିଲେ। ଏପରିକି ଘରକୁ ଗଲେ ବିଭିନ୍ନ ଉପାୟରେ ଧମକ ଦେଉଥିଲେ ବୋଲି ଭୋଳାନାଥ କହିଛନ୍ତି। ତେବେ ତଦନ୍ତ ଆଗେଇବା ପରେ ଠକେଇର ପରିମାଣ ଆଗକୁ ବଢ଼ିବ ବୋଲି ସନ୍ଦେହ କରାଯାଉଛି।

## ଫଟୋ ଭାଇରାଲ ପରେ ବିଷ ପିଇବା ଘଟଣା

# ଗୁରୁତର ଯୁବତୀଙ୍କୁ ଏମ୍‌ସ ସ୍ଥାନାନ୍ତର

ଉମରକୋଟ, ୨୩।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ କେତେକ ଫଟୋ ଭାଇରାଲ କରିଦେଲେ ତାଙ୍କୁ ଏକତରଫା ପ୍ରେମ କରୁଥିବା ଜଣେ ଯୁବକ। ତେବେ ଯୁବତୀ ଜଣକ ଲୋକଲଜ୍ଜା ଭୟରେ ବିଷ ପିଇଦେଲେ। ଏବେ ସେ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କୁ ଚିକିତ୍ସା କରାଯାଇଥିଲା। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପ୍ରଚେଷ୍ଟାରେ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇ ଥିବା ନେଇ ନବରଙ୍ଗପୁର ସିଡିଏମ୍‌ଓ ସନ୍ତୋଷ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଫଟୋ ଭାଇରାଲ କରିଥିବା ଯୁବକଙ୍କୁ ନୟାଗଡ଼ରୁ ଗିରଫ କରାଯାଇଥିବାବେଳେ ତାଙ୍କ ବାପାଙ୍କୁ ଅଟକ ରଖାଯାଇଛି। ସେହିଭଳି ରାଇଘର ପୋଲିସର ଏକ ଟିମ୍ ଜୟପୁର ଯାଇ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ରାଇଘର ଅଞ୍ଚଳର ଜଣେ ଯୁବତୀ ଜୟପୁରରେ ନର୍ସିଂ ଦ୍ୱିତୀୟ ବର୍ଷ ଛାତ୍ରୀ। ସେଠାରେ ସେ ହଷ୍ଟେଲରେ ରହି ପଢୁଥିଲେ। ପୀଡ଼ିତାଙ୍କୁ ଏକତରଫା ପ୍ରେମ କରୁଥିବା ପଡ଼ୋଶୀ ଗାଁର ସତ୍ୟଜିତ ସରକାର ଗତ ଜୁଲାଇ ୧୩ରେ ଜୟପୁର ଯାଇ ରାସ୍ତା ଉପରେ ଯୁବତୀଙ୍କୁ ମାରପିଟ କରିଥିଲେ। ସ୍ଥାନୀୟ ଲୋକେ

### ଫଟୋ ଭାଇରାଲ କରିଥିବା ଯୁବକ ଗିରଫ

ଜୟପୁର ପୋଲିସକୁ ଏନେଇ ଖବର ଦେଇଥିଲେ। ଜୟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଯାଇଥିଲେ। ଯୁବତୀ ଜଣକ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୨୪୭/୨୫ରେ ମାମଲା ରୁଜୁକରିବା ସହ ସତ୍ୟଜିତଙ୍କୁ ଗିରଫ କରିଥିଲା। ୧୪ ତାରିଖରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ମଞ୍ଜୁର ହୋଇଥିଲା। ୧୫ ତାରିଖରେ ପୀଡ଼ିତା ଅଭିଭାବକଙ୍କ ସହ ଘରକୁ ଫେରି ଆସିଥିଲେ। ୧୬ ତାରିଖରେ ସତ୍ୟଜିତ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ଅନ୍ତରଙ୍ଗ ଫଟୋ ଭାଇରାଲ କରିଦେଇଥିଲେ। ପୀଡ଼ିତା ଲୋକାଲଜ୍ଜା ସହି ନ ପାରି ୧୭ରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଛତିଶଗଡ଼ କୋଣ୍ଡାଗାଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ରାୟପୁର ନେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ୨୧ଜୁଲାଇରେ ପରିବାର ଲୋକେ ପୀଡ଼ିତାଙ୍କୁ ଘରକୁ ନେଇ ଆସିଥିଲେ। ମଙ୍ଗଳବାର ରାଇଘର ଥାନାରେ ପୀଡ଼ିତାଙ୍କ ଦାଦା ଏକ ଲିଖିତ ଅଭିଯୋଗ କରିଥିଲେ। ଜୟପୁର ପୋଲିସ ଉପଯୁକ୍ତ ତଦନ୍ତକରି କଠୋର କାର୍ଯ୍ୟାନୁଷ୍ଠାନ ନେଇଥିଲେ ଏପରି ସ୍ଥିତି ଉପୁଜି ନ ଥାନ୍ତା ବୋଲି ପୀଡ଼ିତାଙ୍କ ପରିବାର ଲୋକେ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ. ୧୬୦/୨୫ରେ ଏକ ମାମଲା ରୁଜୁ କରିଛି। ଘରକୁ ଯାଇ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିବା ଥାନାଧିକାରୀ ରଘୁନାଥ ମାଝୀ ସୂଚନା ଦେଇଛନ୍ତି। ପୋଲିସ ଆମ୍ବୁଲାନ୍ସ ଯୋଗେ ପୀଡ଼ିତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ଖବରପାଇ ମାତୃ ଆଶ୍ରୟ ଆଶ୍ରମ ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିଛନ୍ତି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝୀ, ପୂର୍ବତନ ସଭାପତି ମୁନା ତ୍ରିପାଠୀ ଓ ଦେବବ୍ରତ ପଣ୍ଡା, ଅବଦୁଲ ଫିରୋଜ, ଧନଞ୍ଜୟ ପୂଜାରୀ ଆଇସିୟୁ ବାହାରେ ଧାରଣାରେ ବସିଥିଲେ। ପୀଡ଼ିତାଙ୍କୁ ଏସ୍‌ସିବି କିମ୍ବା ଏମ୍ସ ସ୍ଥାନାନ୍ତର ଓ ଅଭିଯୁକ୍ତଙ୍କୁ ଧରିବା ଦାବି କରିଥିଲେ। ସେହିଭଳି ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସନରାଜ ଗଣ୍ଡ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ଏକ ଟିମ୍ ଗଠନ କରାଯାଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯଉଛି। ଅତିଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ଡିପିଓ ଶୁଭେନ୍ଦୁ ଶବର କହିଛନ୍ତି।

# କିରୋସିନ ଢାଳି ବୃଦ୍ଧଙ୍କ ଆତ୍ମାହୁତି

## ସୁଇସାଇଡ୍ ନୋଟ୍ ଜବତ

ଦିଗପହଣ୍ଡି/ପାଟପୁର,୨୩।୭(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଦୟାନିଧିପୁର ପଞ୍ଚାୟତ ବଡ଼ିଆଓସ୍ତା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ବୃଦ୍ଧ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମଦାହ କରିଛନ୍ତି। ସେ ହେଲେ ଗାଁ ପୁରୋହିତ ପୀତବାସ ଆଚାର୍ଯ୍ୟ(୬୨)। ପାଟପୁର ପୋଲିସ ପୀତବାସଙ୍କ ଘରୁ ଏକ ସୁଇସାଇଡ୍ ନୋଟ ଜବତ କରିଛି। ସେଥିରେ ଲେଖାଅଛି ଯେ, ମୁଁ ଆଉ ବଞ୍ଚିବାକୁ ଚାହୁଁ ନାହିଁ। ମୋର ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହନ୍ତି। ବୋଉକୁ ଭଲରେ ରଖିବୁ ବୋଲି ପୁଅ ଉଦ୍ଦେଶ୍ୟରେ ଲେଖାଯାଇଛି। ଘଟଣାର ତଦନ୍ତ କରାଯିବ ବୋଲି ପୋଲିସ କହିଛି।

ପୀତବାସଙ୍କ ପୁଅ ସୀତାରାମଙ୍କ ସୂଚନା ଅନୁଯାୟୀ, ବାପା ଉଚ୍ଚ ରକ୍ତଚାପ, ମଧୁମେହ ରୋଗରେ ପୀଡ଼ିତ ହୋଇ ନିୟମିତ ବ୍ୟବଧାନରେ ଚିକିତ୍ସିତ ହେଉଥିଲେ। କିଛିଦିନ ହେଲା କୌଣସି କାରଣକୁ ନେଇ ସବୁବେଳେ ଅନ୍ୟମନସ୍କ ରହୁଥିଲେ। ଭଭଭଭବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ତ୍ରୀଙ୍କୁ ଡାକି ଦୋକାନରୁ ଏକ ଥଣ୍ଡା ପାନୀୟ ବୋତଲ ଆଣିବାକୁ କହିଥିଲେ। ସେ ଦୋକାନକୁ ଚାଲିଯିବା ପରେ ବାରିପଟକୁ ଯାଇ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ।

# ବରୀ ବିଧାୟକ, ବିଡିଓଙ୍କ ନାଁରେ ଥାନାରେ ଅଭିଯୋଗ


ବରୀ,୨୩।୭(ମହେନ୍ଦ୍ର ସ୍ୱାଇଁ)

ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଓ ବିଡିଓ ଅସିତ୍ କୁମାର ମହାନ୍ତିଙ୍କ ନାମରେ ବୁଧବାର ସନ୍ଧ୍ୟାରେ ବରୀ-ରାମଚନ୍ଦ୍ରପୁର ଥାନାରେ ବରୀ ବ୍ଲକ୍ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ବ୍ଲକ୍‌ରେ ବିଜେଡି କର୍ମୀ ଆତଙ୍କରାଜ ସୃଷ୍ଟି କରିବା ସହ ମୁଖ୍ୟମନ୍ତ୍ରୀ ଓ ଭାଜପା ନେତାଙ୍କୁ ଗାଳିଗୁଲଜ କରିଛନ୍ତି। ଏଥିରେ ବିଧାୟକ ଓ ବିଡିଓଙ୍କ ପ୍ରମୁଖ ଭୂମିକା ରହିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତେଣୁ ପୋଲିସ ଯଦି ଘଟଣାର ତଦନ୍ତକରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଭାଜପା ଯୁବମୋର୍ଚ୍ଚା ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଅଭିଯୋଗରେ ଦର୍ଶାଯାଇଛି, ଗତ ମଙ୍ଗଳବାର ଭାଜପା ନେତା ଉମେଶ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ସହିତ ବରୀ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାର ଥିଲା। ତେଣୁ ବିଡିଓଙ୍କୁ ଉପସ୍ଥିତ ରହିବାକୁ ପୂର୍ବରୁ ଅବଗତ କରାଯାଇଥିଲା। ମାତ୍ର ବିଧାୟକ ଏକଥା ଜାଣିବା ପରେ ତାଙ୍କ ନେତୃତ୍ୱରେ ବହୁ କର୍ମୀ

### ବ୍ଲକ୍‌ରେ ବିଜେଡି କର୍ମୀଙ୍କ ଆତଙ୍କରାଜ, ମୁଖ୍ୟମନ୍ତ୍ରୀ ଓ ଭାଜପା ନେତାଙ୍କୁ ଗାଳିଗୁଲଜ

ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆତଙ୍କରାଜ ସୃଷ୍ଟି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହି ଘଟଣା ପଛରେ ବିଡିଓଙ୍କ ପ୍ରମୁଖ ଭୂମିକା ରହିଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଜେଡି କର୍ମୀ ହୋହଲ୍ଲା କରିବାରୁ ବିଭିନ୍ନ କାମରେ ଆସିଥିବା ଲୋକେ ନିରାଶ ହୋଇ ଫେରିଥିଲେ। ଭାଜପା ଯୁବମୋର୍ଚ୍ଚାର ଶ୍ରବଣ ଦାସ, ସୌଭାଗ୍ୟ ଦାସ, ସଞ୍ଜୟ ଘଡ଼େଇ, ଓମ୍ ବେହେରା, ଅଭିଜିତ ରାୟ, ଚିତ୍ତରଞ୍ଜନ ଜେନା, ନାରାୟଣ ସାହୁ, ନୃସିଂହ ବେହେରା, ସୌମ୍ୟଜିତ ସିଂ ଓ ସୁବାସ ଦାସ ପ୍ରମୁଖ ଥାନା ଅଧିକାରୀଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଧାୟକ ମଲ୍ଲିକଙ୍କୁ ପଚାରିବାରେ ସେ ଅଭିଯୋଗକୁ ଭିତ୍ତିହୀନ ବୋଲି କହିବା ସହ ତାଙ୍କ ବିରୋଧୀ ଔଷଧ ଖାଆନ୍ତୁ ତାଟିଆ ନ କାମୁଡ଼ନ୍ତୁ ବୋଲି ପ୍ରକାଶ କରିଛନ୍ତି।


ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

# ବନ ବିଭାଗରେ ହାଜର ହେଲେ ଖଳନାୟକ

- ମଞ୍ଚରେ ଅଜଗର ସାପ ଧରି ଯାତ୍ରା ପରିବେଷଣ କରିବା ମହଙ୍ଗା ପଡ଼ିଲା
- ଅଜଗର ନୁହେଁ, ସାଉଥ୍ ଆଫ୍ରିକାର ବଲ-ପାଇଥନ୍ ବୋଲି ଦର୍ଶାଇଲେ

ଚଣ୍ଡିଖୋଲ,୨୩।୭(ପ୍ରଦୀପ୍ତ କୁମାର ପୃଷ୍ଟି)


ଖଳନାୟକ ସାଇ ସତ୍ୟଜିତ୍ ପଣ୍ଡା।

ମଞ୍ଚରେ ଅଜଗର ସାପ ଧରି ଯାତ୍ରା ପରିବେଷଣ କରିବା ତୁଳସୀ ଗଣନାଟ୍ୟର ଖଳନାୟକ ସାଜିଥିବା ଅଭିନେତା ସାଇ ସତ୍ୟଜିତ୍ ପଣ୍ଡାଙ୍କ ପାଇଁ ମହଙ୍ଗା ପଡ଼ିଛି। ବନ ବିଭାଗ ନୋଟିସ ଅନୁସାରେ ଖଳନାୟକ ସାଇ ସତ୍ୟଜିତ୍ ବୁଧବାର ଯାଜପୁର ଜିଲା ବୈରୀ ସ୍ଥିତ ବନ ବିଭାଗ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ସେ ସେଠାରେ କହିଛନ୍ତି, ଯେଉଁ ସାପଟି ଧରି ମଞ୍ଚରେ ପ୍ରଦର୍ଶନ କରିଥିଲେ, ତାହା ଅଜଗର ନ ଥିଲା, ତାହା ସାଉଥ୍ ଆଫ୍ରିକାର ବଲ-ପାଇଥନ୍ ନାମକ ସାପ। ଏହା ବିଷଧର ନୁହେଁ। ଏହି ସାପ ଭାରତରେ ବିକ୍ରି କରାଯାଉଛି। ସାଇ ସତ୍ୟଜିତ୍ ଜିଏସ୍‌ଟି ସହିତ ସମ୍ପୂର୍ଣ୍ଣ ପଇସା ଦେଇ ସାପଟିକୁ କିଣିଛନ୍ତି। ଏହାକୁ ଘରେ ରଖିଲେ କୌଣସି ଅସୁବିଧା ନାହିଁ। ଏପରିକି ଓଡ଼ିଶାରେ ବିଭିନ୍ନ ଲୋକ ଏହି ସାପକୁ କିଣି ଘରେ ରଖିଛନ୍ତି। କିନ୍ତୁ ଏହାକୁ ମଞ୍ଚରେ ପ୍ରଦର୍ଶନ କରାଯାଇପାରିବ କି ନାହିଁ ସେ ସମ୍ପର୍କରେ ସାଇ ସତ୍ୟଜିତ୍ ଜାଣିନାହାନ୍ତି ବୋଲି ବନ ବିଭାଗ ଅଧିକାରୀଙ୍କୁ କହିଛନ୍ତି। ଯଦି ବନ ବିଭାଗ ତରଫରୁ ମନା କରାଯାଏ ତେବେ ସେ ଆଉ ସାପ ଧରି ଅଭିନୟ କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବୈରୀ ରେଞ୍ଜର ଆଦିତ୍ୟ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ନୋଟିସ ଦେବାପରେ ସେ କାଗଜପତ୍ର ଧରି ଏଠାରେ ପହଞ୍ଚିଥିଲେ। ଏହାର ଯାଞ୍ଚ କରାଯିବ। ଏହାପରେ ଆଇନ ଅନୁଯାୟୀ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏସିଏଫ୍ ରବିନାରାୟଣ ମହାନ୍ତି କହିଛନ୍ତି, ସେ ସାପ କିଣିଥିବା ନେଇ ଯେଉଁ କାଗଜପତ୍ର ଦେଖାଉଛନ୍ତି ତାହାକୁ ଯାଞ୍ଚ କରାଯିବ। ଏଥିସହ ଯେଉଁଠାରୁ ସାପ କିଣିଛନ୍ତି ତାଙ୍କର ବିକ୍ରିକରିବାର ଅନୁମତି ଅଛି କି ନାହିଁ ଏବଂ ସେ କେଉଁଠାରୁ ଆଣିଲେ ତାହାକୁ ମଧ୍ୟ ଯାଞ୍ଚ କରାଯିବ। ବନ୍ୟପ୍ରାଣୀ ନିୟମ ଅନୁଯାୟୀ ଯେଉଁମାନେ କାଗଜପତ୍ର ଠିକ୍ କରି କିଣିଥିବେ ତାହା ଠିକ୍ ଥାଇପାରେ। କିନ୍ତୁ ବନ୍ୟପ୍ରାଣୀଙ୍କୁ ଧରି ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶନ କରିବା ଦ୍ୱାରା ଆଇନର ଉଲ୍ଲଂଘନ ହେଉଛି। ତେଣୁ ସମସ୍ତ ଯାଞ୍ଚ ପ୍ରକ୍ରିୟା ସରିଲାପରେ ଯାହା ଆଇନଗତ ଦୃଷ୍ଟିକୁ ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ। ଆବଶ୍ୟକ ପଡ଼ିଲେ କଳାକାର ଓ ଯାତ୍ରା ମାଲିକଙ୍କ ବିରୋଧରେ ମଧ୍ୟ ପଦକ୍ଷେପ ନିଆଯାଇପାରେ ବୋଲି ଏସିଏଫ୍ ମହାନ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁ କହିଛନ୍ତି, କଳାକାର ନିଜେ ସାପ କିଣି ତାହାକୁ ସେ ଆଖଡ଼ାଶାଳରେ ପ୍ରଦର୍ଶନ କରିଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ବ୍ୟାପାର। ଏଥିରେ ଯାତ୍ରା ପାର୍ଟିର କୌଣସି ସମ୍ପର୍କ ନାହିଁ।

ଖଳନାୟକ ସାଇ ସତ୍ୟଜିତ୍ ମଞ୍ଚରେ ସାପ ଧରି ଅଭିନୟ କରୁଥିବା ନେଇ ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିଲା। ଏହାପରେ ବୈରୀ-ଡାଳିଯୋଡ଼ା ରେଞ୍ଜ ତରଫରୁ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିକ୍ରମ ତିରଣସ୍ଥିତ ଯାତ୍ରା ଆଖଡ଼ାଶାଳରେ ମଙ୍ଗଳବାର ଚଢ଼ାଉ ହୋଇଥିଲା। ଚଢ଼ାଉ ସମୟରେ ଖଳନାୟକ କିମ୍ବା ଯାତ୍ରା ପାର୍ଟି ମାଲିକ ଅନୁପସ୍ଥିତ ଥିଲେ। ତେଣୁ ବନ ବିଭାଗ କାର୍ଯ୍ୟାଳୟରେ ହାଜରହେବାକୁ ଖଳନାୟକଙ୍କୁ ବନବିଭାଗ ପକ୍ଷରୁ ନୋଟିସ କରାଯାଇଥିଲା।

# ଜାତୀୟ ମାଗାଜିନରେ ମାଲକାନଗିରି କେଜିବିଭି ଛାତ୍ରୀ ବିଭୂତି

ମାଲକାନଗିରି, ୨୩।୭ (ସୁର୍ଯ୍ୟୋଧନ ପାତ୍ର)

ଏକ ଜାତୀୟସ୍ତରୀୟ ମାଗାଜିନରେ ସ୍ଥାନ ପାଇଛନ୍ତି ମାଲକାନଗିରି ଜିଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ଛାତ୍ରୀ ବିଭୂତି ମୁଣ୍ଡାଗୁଡ଼ିଆ। ଜାତୀୟସ୍ତରର ହ୍ୟାଣ୍ଡବଲ୍ ଖେଳାଳି ବିଭୂତିଙ୍କ ସଫଳ କାହାଣୀ ଏଥିରେ ପ୍ରକାଶ ପାଇଛି। ସେ ସଦର ବ୍ଲକ ସିଙ୍ଗ୍ନିମାଳ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ରୀ। ହ୍ୟାଣ୍ଡବଲ ଖେଳ ପ୍ରତି ଥିବା ତାଙ୍କ ଆଗ୍ରହ ତାଙ୍କୁ ଆଜି ଜାତୀୟସ୍ତରରେ ପରିଚିତ


ବିଭୂତି ମୁଣ୍ଡାଗୁଡ଼ିଆ

କରାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଆନୁକୂଲ୍ୟରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କ ସଫଳ କାହାଣୀକୁ ନେଇ ମାଗାଜିନ ପ୍ରସ୍ତୁତ କରାଯାଇଛି। ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ସେ ଭବିଷ୍ୟତରେ ଜଣେ ବଡ଼ ଅନ୍ତର୍ଜାତୀୟ ଖେଳାଳି ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ବାପା ମିସ୍ତ୍ରି କାମ କରୁଥିବାବେଳେ ମା' ଛତୁଚାଷ କରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ ଭଲ ପାଠପଢ଼ି ଖେଳକୁଦରେ ଉପରକୁ ଯିବା ତାଙ୍କର ଇଚ୍ଛା। ପାଠପଢ଼ା ସହ ଖେଳପ୍ରତି ରୁଚି ରଖିଥିବା ବିଭୂତି ଜିଲା ଓ ରାଜ୍ୟସ୍ତରରେ ଅନେକ ପ୍ରତିଯୋଗିତାରେ ବିଜୟୀ ହେବା ପରେ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ଜୁନିୟର ନ୍ୟାଶନାଲ ସ୍କୁଲ ଗେମ୍ସ୍ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ସେ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ପ୍ରକାଶ ଯେ, ଅନୁସୂଚିତ ଜାତି ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ବାଳିକାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ନିମନ୍ତେ ୨୦୦୪ରେ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ ହୋଇଥିଲା।

# ଲଘୁଚାପ: ୫ ଦିନ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୩।୭ (ଅନୁରାଧା ମହାରଣା)

ଦକ୍ଷିଣ ଚାଇନା ସାଗରରେ ସୃଷ୍ଟ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ ଘୂର୍ଣ୍ଣିବଳୟ ରୂପରେ ବୁଧବାର ବଙ୍ଗୋପସାଗରରେ ପ୍ରବେଶ କରିଛି। ଏହାର ପ୍ରଭାବରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗକୁ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ। ଫଳରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଆଶଙ୍କା ରହିଥିବାବେଳେ ଗୁରୁବାରଠାରୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ଦକ୍ଷିଣ ଭାଗ ଉପରେ ରହୁଛି। ତେଣୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବୁଧବାର କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଗୁରୁବାର ପୁଣି ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇ ଲଘୁଚାପ କ୍ଷେତ୍ର ଆଗକୁ ବଢ଼ିବ, ଯାହାର ପ୍ରଭାବରେ ଜୁଲାଇ ୨୪ ଓ ୨୫ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତର ଆଶଙ୍କା ରହିଛି। ଗୁରୁବାର କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ଗଜପତି, କେନ୍ଦୁଝର, ମାଲକାନଗିରିରେ ଅତି ପ୍ରବଳ ବର୍ଷା ହେବ। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଜିଲାରେ ଘଣ୍ଟା ପ୍ରତି ୩୦ରୁ୪୦ କିଲୋମିଟର ବେଗରେ ପବନ ବୋହିବା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଅଛି। ୨୫ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝରରେ ଅତି ପ୍ରବଳ ବର୍ଷା ହେବ। ସେହିପରି ଯାଜପୁର, ସୁନ୍ଦରଗଡ଼, ଢେଙ୍କାନାଳ, ଭଦ୍ରକ, ଜଗତ୍‌ସିଂହପୁର, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ।


## NOTICE

No.E-253:Sealed Tenders are invited from the interested firms for supply of dietary articles i.e. **Bengal Gram, Sliced Milk Bread, Fresh Green Grass, Fresh Green Vegetables** for the animal house of VIMSAR, Burla for the financial year 2025-26.The detail terms and conditions in this college website i.e www.vimsar.ac.in and district website i.e.www.sambalpur.odisha.govt.in. The last date of receipt of tenders will be on 19.08.2025 latest by 5.30 PM which will be opened on 19.08.2025 at 11.30 AM in the Conference Hall of Dean & Principal, VIMSAR Burla.

**Sd/-**
**Dean & Principal,**
**VSS Institution of Medical Sciences & Research, Burla**

OIPR-10012/11/0004/2526

## Government of Odisha, "e"-Procurement Notice
## WORKS DEPARTMENT

No.B-314

E-mail : ceroads.bbsr@gmail.com

**Bid Identification No. CE-Roads-I-07/2025-26**

1. The Chief Engineer (Roads-I), Odisha on behalf of Governor of Odisha invites percentage rate bids in double cover system through ONLINE MODE form eligible contractors for Roadwork as mentioned below :
2. Nature of work : Road works
3. No. of work : 4 Nos.
4. Tender Paper cost : Rs. 10,000.00
5. Class of Contractor : 'A' Class / Special Class / Super Class
6. Available of bid document in the website : From 10.00 A.M. of 23.07.2025 to 5.30 P.M. of 12.08.2025
7. Date of opening of Bid : Dt.13.08.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer (Roads-I), Odisha**

OIPR-34181/11/0033/2526

## Bhubaneswar Municipal Corporation

Notice No. - 36035/BMC/2025-26 Dt. : 21.07.2025

### REQUEST FOR PROPOSAL FOR

**SELECTION OF AGENCY FOR TOWING OF ILLEGALLY PARKED VEHICLE UNDER THE JURISDICTION OF BMC AREA BHUBANESHWAR MUNICIPAL CORPORATION AREA**

**No.C-728** : Bhubaneswar Municipal Corporation (BMC) invites proposals from reputed Agencies for towing of illegally parked vehicle under the jurisdiction of Bhubaneswar Municipal Corporation Area. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website: **www.bmc.gov.in** from **03.00 PM of 24.07.2025 to 04.00 PM of 11.08.2025**. The last date of receipt of technical and financial bids is **11.08.2025** till **4.00 PM** and the same would be opened on **11.8.2025** at **5.00 P.M. The Pre-bid meeting** is scheduled on **29.07.2025** at **04.00 P.M.** in the Conference Hall at BMC Office. Further details can be seen from the BMC Website. Any addendum/corrigendum/cancellation of tender can also be seen in the said website..

BMC reserves the right to cancel this invitation and / or invite fresh Bid/ RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd./- Deputy Commissioner (Revenue)**
**Bhubaneswar Municipal Corporation**

OIPR-13002/11/0222/2526

## ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

### ସୂଚନା

ସଂ.୧୮୯– ସି ଗୋପନୀୟ ବିବିଧ–୨୦/୨୦୨୫ ତା.୨୧.୦୭.୨୫ରିଖ

No.E-251:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, MISSION DIRECTOR, NHM,ODISHA ଦର୍ଶାଯାଇ ବର୍ତ୍ତମାନର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଜାଲି ବା ନକଲି ଦସ୍ତଖତ ଥିବା ୨୮୩୨ ତା.୯.୭.୨୦୨୫ ସଂଖ୍ୟା ବିଶିଷ୍ଟ ଏକ ଜାଲି ବା ନକଲି ଚିଠି ନିମ୍ନ ସ୍ୱାକ୍ଷରକାରୀଙ୍କ ଗୋଚରକୁ ଆସିଛି । ଏପରି ଚିଠି ନିମ୍ନ ସ୍ୱାକ୍ଷରକାରୀ ଦସ୍ତଖତ କରିନାହାନ୍ତି କି ଏହି ନିର୍ଦ୍ଦେଶାଳୟରୁ ଏହା ନିର୍ଗମନ କରାଯାଇନାହିଁ । ଏହି ଜାଲି ବା ନକଲି ଚିଠିକୁ କାର୍ଯ୍ୟକାରୀ ନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି । ଏହି ଚିଠିକୁ ନେଇ କୌଣସି ଅଘଟଣ ଘଟିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଉତ୍ତରଦାୟୀ ରହିବ ନାହିଁ ।

ସ୍ୱା./–
ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଓଡ଼ିଶା

OIPR-10002/11/0016/2526

## ODISHA CONSTRUCTION CORPORATION LIMITED, BHUBANESWAR

PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM

No.CAD-1211: **"e"-Procurement Notice No.25/OCCL/2025-26 (on-line)**

Online percentage rate tender is invited from the eligible bidders for the following work.

| Sl. No. | Name of Work | Bid Identification No. | Approx. value of work | Bid Security (in Rs.) | Period of Completion (in months) | Availability & Submission of tender of Tender (On-line) |
|---|---|---|---|---|---|---|
| 01 | Construction works of Arrival Plaza for "Integrated Master Plan of Hirakud Reservoir" | OCCL_ SMP/04/ 2025-26 | Rs.17.68 Crore | Rs.17,68,000/- | **09 Calendar Months** | From 25.07.2025, 03.30 PM to 14.08.2025, 05.30 PM |

Procurement Officer : Managing Director, OCCL.
Date of Opening of the Tender : **16.08.2025, 12.00 noon onwards**
Further details can be seen from the e-Procurement portal : https://www.tendersodisha.gov.in. https://odishaconstruction.com

OIPR-34120/11/0043/2526 **Sd./- Managing Director**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, RAYAGADA

No.O-444

Email ID : ccerwcrayagada@gmail.com

**Letter No. 1459** **Date : 15.07.2025**

**e-Procurement Notice for Periodical Renewal work of 5 Year Post DLP PMGSY Roads for financial year 2024-25 under Incentive grant**

1. Name of the work : Periodical Renewal work of 5 Year Post DLP PMGSY Roads for finacial year 2024-25 under Incentive grant (14 Nos Packages)
2. Class of contractor : "B", "A" & "Special" Class of (Odisha PWD) or relevant class of other licensing authority
3. Estimated Cost : Varies from Rs.109.31 Lakhs to Rs.706.03 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-13/ RWCRGDA/ /2025-26 | Dt.23.07.2025 at 11.00 A.M. | Dt.12.08.2025 Up to 5.00 P.M. | Dt.11.08.2025 Up to 5.00 P.M. | Dt.13.08.2025 at 11.00 A.M. | Will be intimated later |

5. The details of works can be seen from the website www.pmgsytenders.gov.in
6. Any Corrigendum/Addendum will be displayed in the above e-tender website.

**Sd./- Chief Construction Engineer,**
**Rural Works Circle, Rayagada**

OIPR-25196/11/0022/2526

## idco | ODISHA NEW OPPORTUNITIES

No.CAD-1216

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

**Tender Call Notice No- BBSR/ELECT-II/E-366/25-26/1762 Dt:17.07.2025**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply installation, testing and commissioning of two nos 10 passenger lift for integrated infrastructure Complex (Old age home) at Sartaguda, Phulbani, Kandhamala.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID.No. BBSR/ ELECT-II/ e-24/25-26 | 23.07.2025 at 12.00 Hrs. | 02.08.2025 at 16.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**

**Sd./-Divisional Head (Elect-II), IDCO, Bhubaneswar**

OIPR-14003/11/0209/2526

## ODISHA PUBLIC SERVICE COMMISSION CUTTACK

### NOTICE

**No. 5208 / P.S.C., Dt. 22.07.2025**
**1E-30-2025/26 (DR-II)**

**Post Graduate Teacher in Discipline - PSYCHOLOGY**

(Advertisement No.25 of 2023-24)

**No.D-142** : In Continuation to this Office Notice No. 5135/PSC, dtd. 18.07.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Psychology - Discipline**, pursuant to Advertisement No. 25 of 2023-24 will be held from **04.08.2025 to 06.08.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 04.08.2025 | 08.30 A.M. | 10.30 A.M. | 103478, 103482, 103490, 103501, 103506, 103519, 103530, 202518, 202520, 202529, 202530, 308299, 308304, 308308, 308309, 308314, 308316, 308326, 308333 & 308344 **= 20 Candidates** |
| | 12.30 P.M. | 02.30 P.M. | 308357, 308359, 308360, 308365, 308369, 308374, 308376, 308378, 308383, 308388, 308410 & 308411 **= 12 Candidates** |
| 05.08.2025 | 08.30 A.M. | 10.30 A.M. | 308418, 308423, 308438, 308441, 308445, 308446, 308464, 308473, 308485, 308517, 308523, 308532, 308539, 308549, 308552, 308555, 308573, 308574, 308580 308593 **= 20 Candidates** |
| | 12.30 P.M. | 02.30 P.M. | 308594, 403727, 403728, 403733, 403738, 403774, 403776, 403778, 403785, 403807, 403817 & 403825 **= 12 Candidates** |
| 06.08.2025 | 08.30 A.M. | 10.30 A.M. | 403839, 403845, 403848, 403853, 505509, 505511, 505515, 505516, 505544, 505552, 505555, 505556, 505571, 505577, 505582 & 505597 **= 16 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that, the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the Top **Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the competent authority.
11. Permanent Disability Certificate (indicating percentage of permanent disability i.e. **40% and more**);
12. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt. 16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports Persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0278/2526 **Sd./- Secretary**

## ODISHA PUBLIC SERVICE COMMISSION CUTTACK

### NOTICE

**No. 5204 / P.S.C., Dt. 22.07.2025**
**1E-08-2025/26 (DR-III)**

**Recruitment to the post of Post Graduate Teacher in Discipline - HOME SCIENCE**

(Advertisement No.25 of 2023-24)

**No.D-141** : In continuation to this Office Notice No. 5137/PSC, dtd. 18.07.2025, it is for information of all shortlisted candidates that the **Document Verification and Interview/ Personality Test** for recruitment to the post of **Post Graduate Teacher** in **Home Science Discipline**, pursuant to Advertisement No. 25 of 2023-24 will be held from **11.08.2025 to 14.08.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 11.08.2025 | 08.30 A.M. | 10.30 A.M. | 102375, 102384, 102393, 201643, 201649, 201654, 201656, 201663, 305550, 305553 & 305561 **= 11 Candidates** |
| | 12.30 P.M. | 02.30 P.M. | 305564, 305568, 305583, 305584, 305587, 305590 & 305601 **= 07 Candidates** |
| 12.08.2025 | 08.30 A.M. | 10.30 A.M. | 305603, 305604, 305606, 305607, 305610, 305612, 305616, 305622, 305635, 305636 & 305640 **= 11 Candidates** |
| | 12.30 P.M. | 02.30 P.M. | 305646, 305650, 305652, 305653, 305661, 402421 & 402433 **= 07 Candidates** |
| 13.08.2025 | 08.30 A.M. | 10.30 A.M. | 402444, 402446, 402448, 402449, 402461, 402467, 503542, 503543, 503547, 503553 & 503554 **= 11 Candidates** |
| | 12.30 P.M. | 02.30 P.M. | 503562, 503567, 503570, 503572, 503574, 503575 & 503577 **= 07 Candidates** |
| 14.08.2025 | 08.30 A.M. | 10.30 A.M. | 503591, 503596, 503602, 503610, 503611, 503615, 503622, 503623, 503638, 503640 & 503642 **= 11 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that, the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the Top **Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the 'competent authority'.
11. Permanent Disability Certificate (indicating percentage of permanent disability i.e. **40% and more**);
12. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt. 16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service.
13. Identity Card of Sports Persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0279/2526 **Sd./- Secretary**

## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ, ଜିଲ୍ଲା:ଖୋର୍ଦ୍ଧା

ସ୍ଥାନ/ପୋ–ବାଲୁଗାଁ, ଜିଲ୍ଲା–ଖୋର୍ଦ୍ଧା
ଇ–ମେଲ୍– eonac.balugaon2013@gmail.com
ବିଜ୍ଞାପନ ସଂଖ୍ୟା ୧୩୧୩/ତାରିଖ ୨୧.୦୭.୨୦୨୫

### ବିଜ୍ଞାପନ

No.C-721: ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ ୨୦୨୫–୨୬ (ତା.୧.୦୮.୨୦୨୫ ରିଖ ଠାରୁ ତା.୩୧.୦୭.୨୦୨୬ ରିଖ) ପର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ ନିମ୍ନଲିଖିତ ନିଲାମ ଟେଣ୍ଡରଗୁଡିକ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କଠାରୁ ଆହ୍ୱାନ କରୁଅଛନ୍ତି । ନିଲାମ/ଟେଣ୍ଡରର ସମସ୍ତ ବିବରଣୀ /ତଥ୍ୟ NIC, Khordhaଙ୍କ ୱେବ୍‌ସାଇଟ୍ www.khordha.odisha.gov.in ରେ ଉପଲବ୍ଧ ଅଟେ । ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନ Commercial Bid Cover No.A ଏବଂ Price Bid Cover No.B ଏହିପରି ୨ ଗୋଟି Envelopeକୁ ଅନ୍ୟ ଗୋଟିଏ ବଡ Envelopeରେ Cover No.Cରେ ଜଉମୁଦ କରି ପୌରପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଇବେ/ସ୍ପିଡ୍ ପୋଷ୍ଟ/ ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ତା.୨୪.୦୭.୨୦୨୫ ରିଖଠାରୁ ତା.୩୧.୦୭.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପକାଇବେ । ନିଲାମ ଫର୍ମ (Cost of Tender Paper) ର ମୂଲ୍ୟ Cover No.Aରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁଙ୍କ ନାମରେ ପ୍ରାପ୍ତି ହେବା ନିମନ୍ତେ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟ ସୀମା ଭିତରେ Cover No.A ରେ ରଖିବା ବାଧ ଅଟେ । ଯେଉଁ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନର Commercial Bid, Cover No.A ଯୋଗ୍ୟ ବିବେଚିତ ହେବ, କେବଳ ସେହି ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନର Price Bid, Cover No.B ଖୋଲାଯିବ ।

| କ୍ର. ସଂ. | ନିଲାମ/ଟେଣ୍ଡରର ନାମ | ସର୍ବନିମ୍ନ ଇଜରା/ ନିଲାମ ମୂଲ୍ୟ | ନିଲାମ ପାଇଁ ଫର୍ମ ମୂଲ୍ୟ (Non-refundable) |
|---|---|---|---|
| ୧ | ଚିଲିକା କୂଳରେ ଡଙ୍ଗା ଘାଟରେ ପାର୍କିଂ କରୁଥିବା ଯେକୌଣସି ଡଙ୍ଗା ଫି ଆଦାୟ ନିମନ୍ତେ | ଟ.୨,୬୦,୯୨୦/– | ଟ.୨,୦୦୦/– |
| ୨ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ବସଷ୍ଟାଣ୍ଡଠାରେ ପାର୍କିଂ କରୁଥିବା ଯେକୌଣସି ବସ ପାର୍କିଂ ଫି ଆଦାୟ ନିମନ୍ତେ | ଟ.୨,୭୫,୦୦୦/– | ଟ.୨,୦୦୦/– |
| ୩ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଲାଗୁଥିବା ସମସ୍ତ ବିଜ୍ଞାପନ ହୋର୍ଡିଂ ଠାରୁ ଫି ଆଦାୟ ନିମନ୍ତେ | ଟ.୨,୪୩,୨୧୦/– | ଟ.୨,୦୦୦/– |

- ନିଲାମ/ଟେଣ୍ଡରଧାରୀମାନଙ୍କ ପାଇଁ ନିଲାମ/ଟେଣ୍ଡର ବାବଦରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ତା.୨୫.୦୭.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ (Briefing Session) ବୈଠକ ଅନୁଷ୍ଠିତ ହେବ ।
- ନିଲାମ/ଟେଣ୍ଡର ଫର୍ମ ବିକ୍ରିର ଅନ୍ତିମ ତାରିଖ ତା.୩୧.୦୭.୨୦୨୫ ରିଖ ସମୟ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ ।
- ନିଲାମ/ଟେଣ୍ଡର ଫର୍ମ ପକାଇବାର ଅନ୍ତିମ ତାରିଖ ତା.୩୧.୦୭.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ।
- ନିଲାମ/ଟେଣ୍ଡର Commercial Bid, Cover No.A ଖୋଲିବାର ତାରିଖ ତା.୦୧.୦୮.୨୦୨୫ ସମୟ ଅପରାହ୍ନ ଘ.୩.୦୦ ମିନିଟ୍ ଅଟେ ।
- ନିଲାମ/ଟେଣ୍ଡର Price Bid, Cover No.B ଖୋଲିବାର ତାରିଖ ତା.୦୧.୦୮.୨୦୨୫ ସମୟ ଅପରାହ୍ନ ୩.୩୦ ଘଟିକା ଅଟେ ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ

OIPR-13148/11/0011/2526

No.A-

## GOVERNMENT OF ODISHA
## DEPARTMENT OF WATER RESOURCES
## O/o THE CHIEF ENGINEER AND BASIN MANAGER,
## MAHANADI BASIN, AT-BURLA, DISTRICT-SAMBALPUR, PIN-768017

E-mail Id - cebmumbburla@gmail.com

**'e' Procurement Notice No-CE & BM-MB-07/2025-2026 (Online)**
**BID IDENTIFICATION NO-CE & BM-MB-07/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Bheden Canal Section, Bargarh Irrigation Division, Bargarh) |
| 2 | No of works | : | One (01) number |
| 3 | Class of contractor | : | 'A Class" and "Special Class" |
| 4 | Bid Identification No | : | CE&BM-MB-07/2025-2026 (Online) |
| 5 | Estimated cost | : | Rs.13.99 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 24.07.2025 at 11.30 A.M. to Dated - 14.08.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 14.08.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 16.08.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

**Sd./- Chief Engineer & Basin Manager,**
**Mahanadi Basin, Burla**

OIPR-32508/11/0014/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସମ୍ଭବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବଜାରରେ ଅଲ୍ ନ୍ୟୁ ରେନୋ ଟ୍ରାଇବର

**ମୁମ୍ବାଇ,୨୩।୭**

ରେନୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ରେନୋ ଟ୍ରାଇବର'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ବିଶେଷକରି ଏହା ଭାରତର ସବୁଠାରୁ ଅଭିନବ ଏବଂ ୭ ସିଟ୍ ବିଶିଷ୍ଟ ଏକ ଲମ୍ବା କାର୍ ହୋଇଥିଲାବେଳେ ନୂଆ ଟ୍ରାଇବରରେ ଏକ ନୂତନ ଏବଂ ଆଧୁନିକ ଡିଜାଇନ୍ ପରିଭାଷା ରହିଛି। ଏହା ଆରାମଦାୟକ ସୁବିଧା ସୁଯୋଗ ସହ ମଡ୍ୟୁଲାରିଟି, ରିଥିଙ୍କ୍ ସ୍ପେସ୍ ଦର୍ଶନର ଅନନ୍ୟ ଡିଏନ୍ଏକୁ ବଜାୟ ରଖିଛି। ନୂଆ ପିଢ଼ିର ଏହି ମଡେଲ ସବୁଠାରୁ ଅଭିନବ ଓ ପରିବାର ପାଇଁ ଉପଯୋଗୀ କାର୍ ଭାବେ ଏକ ସଂପୂର୍ଣ୍ଣ ନୂତନ ଡିଜାଇନ ସହ ଉନ୍ମୋଚିତ ହୋଇଛି। ଏଥିରେ ଏକ ନୂତନ ଗ୍ରିଲ୍, ସ୍କଲପଚରଡ ହୁଡ୍, ସତେଜ ବମ୍ପର, ସ୍ଲିକ୍ ଏଲଇଡି ପ୍ରୋଜେକ୍ଟର୍ ହେଡଲାମ୍ପ୍ ସହ ଏଲ୍ଇଡି ଡିଆର୍ଏଲ୍ ଏବଂ ନୂତନ ଏଲଇଡି ଫୋଗ୍ ଲାମ୍ପ୍ ରହିଛି।



ଅଲ ନ୍ୟୁ ଟ୍ରାଇବର୍ର ଅନାବରଣ ଉତ୍ସବରେ ରେନୋ ଇଣ୍ଡିଆର ଏମ୍ଡି ଭେଙ୍କଟରାମ୍ ମାମିଲ୍ଲାପିଲେ (ବାମ) ଏବଂ ଉପସଭାପତି (ସେଲ୍ସ ଆଣ୍ଡ ମାର୍କେଟିଂ) ଫ୍ରାନ୍ସିସ୍କୋ ହିଡାଲଗୋ (ଡାହାଣ) ଉପସ୍ଥିତ ଅଛନ୍ତି।

ଏ ସମ୍ପର୍କରେ ରେନୋ ଇଣ୍ଡିଆର ଏମ୍ଡି ଭେଙ୍କଟରାମ୍ ମାମିଲ୍ଲାପିଲେ କହିଛନ୍ତି, ଭାରତ ରେନୋର ବିଶ୍ୱସ୍ତରୀୟ ରଣନୀତିର ଏକ ମୁଖ୍ୟ ଆଧାର ହୋଇରହିଛି। ତାହା ଏକ ଶକ୍ତିଶାଳୀ ଉତ୍ପାଦ ବର୍ଗମାଳା, ସମ୍ପ୍ରସାରିତ ରପ୍ତାନି ପରିଚାଳନା ଏବଂ ଗ୍ରାହକ ସନ୍ତୁଷ୍ଟି ଉପରେ ନୂତନ ଧ୍ୟାନ ସହିତ ପରିଚାଳିତ ହେଉଛି।

ରେନୋ ଇଣ୍ଡିଆର ଉପ ସଭାପତି (ସେଲ୍ସ ଆଣ୍ଡ ମାର୍କେଟିଂ) ଫ୍ରାନ୍ସିସ୍କୋ ହିଡାଲଗୋ କହିଛନ୍ତି, ଟ୍ରାଇବର ସର୍ବଦା ଭାରତୀୟ ପରିବାରଙ୍କ ବିକଶିତ ଆବଶ୍ୟକତାକୁ ଆମର ଗଭୀର ବୁଝାମଣାକୁ ପ୍ରତିଫଳିତ କରିଆସିଛି। ଅଲ୍ ନ୍ୟୁ ଟ୍ରାଇବର୍ ସହ ଆମେ ଆମର 'ରିଥିଙ୍କ୍ ସ୍ପେସ୍' ଦର୍ଶନକୁ ଆଗକୁ ବଢ଼ାଇବ ସହ ଭାରତର ସବୁଠାରୁ ବଡ଼ ୪ ମିଟରରୁ ଊର୍ଦ୍ଧ୍ୱ କାର୍ ପ୍ରଦାନ କରୁଛୁ। ଏହା ବର୍ତ୍ତମାନ ସଂପୂର୍ଣ୍ଣ ନୂତନ ଡିଜାଇନ୍ ଏବଂ ସୁବିଧା ସହିତ ଉପଲବ୍ଧ। ସେହିଭଳି ନୂତନ ଟ୍ରାଇବର ବର୍ତ୍ତମାନ ୨୧ଟି ଷ୍ଟାଣ୍ଡାର୍ଡ୍ ସୁରକ୍ଷା ସୁବିଧା ସହ ଉପଲବ୍ଧ ରହିଛି। ନୂତନ ଟ୍ରାଇବର ବର୍ତ୍ତମାନ ୪ଟି ନୂତନ ଭାରିଆଣ୍ଟ ଯଥା ଅଥେଣ୍ଟିକ୍, ଇଭୋଲ୍ୟୁସନ୍, ଟେକନୋ ଏବଂ ଇମୋସନରେ ଉପଲବ୍ଧ। ଏହାର ପ୍ରାରମ୍ଭିକ ମୂଲ୍ୟ ୬.୨୯ଲକ୍ଷରୁ ୯.୧୬ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ଏହାର ବୁକିଂ ଆଜିଠାରୁ ସମସ୍ତ ଡିଲରଶିପରେ ଆରମ୍ଭ ହୋଇଛି।

### ତ୍ରୟୋଦଶ ବାର୍ଷିକ ଜନ୍ମଦିନର ଶୁଭେଚ୍ଛା



**ଦର୍ଶନ ଆଚାର୍ଯ୍ୟ (ସମ୍ଭବ)**
ଜନ୍ମ ତାରିଖ- ତା୨୪।୦୭।୨୦୧୨
କୋହେନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍, ଜଟଣୀ, ଖୋରଧା
ତୋର ତ୍ରୟୋଦଶ ବାର୍ଷିକ ଜନ୍ମତିଥି ଅବସରରେ ଶ୍ରୀଜଗନ୍ନାଥ ଜୀଉଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ- ଜେଜେମା, ନନା, ବୋଉ, ଅଜା, ଆଇ, ମାମୁ, ମାଇଁ, ଭାଇନା, ନାନୀ, ପିଉସା, ପିଉସୀ ଓ ଶଶିପ୍ରଭା ଭାଉଜ
ଧ-୧୩୯୯

### ପଦାର୍ଥ ବିଜ୍ଞାନରେ ଡକ୍ଟରେଟ୍ ଲାଭ



ଗବେଷକ ଜିତ୍ ଅମ୍ରିତ୍ ପଟ୍ଟନାୟକ, ଭୁବନେଶ୍ୱରସ୍ଥିତ Siksha 'O' Anusandhan Deemed to be Universityରୁ ପଦାର୍ଥ ବିଜ୍ଞାନରେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଡ. ରବିନାରାୟଣ ପଣ୍ଡା ଓ ପ୍ରଫେସର ସୁରେଶ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Surface Properties of Finite Nuclei at Local Density Approximation within Non-Relativistic and Relativistic Energy Density Functionals" ସନ୍ଦର୍ଭଟି ରଚନା କରିବା ସହ ନୂତନ ତଥ୍ୟ ଆବିଷ୍କାର କରିଛନ୍ତି। ତାଙ୍କ ଗବେଷଣାମୂଳକ ସନ୍ଦର୍ଭଟିକୁ Tata Institute of Fundamental Research, Mumbaiର ପ୍ରଫେସର ରୁଦ୍ରଜ୍ୟୋତି ପାଲିତ୍ ଏବଂ University of Surrey Englandର ପ୍ରଫେସର ପଲ୍ ଷ୍ଟିଭେନସନ ମୂଲ୍ୟାୟନ କରି ତାଙ୍କ ଗବେଷଣାକୁ ଉଚ୍ଚ ଗୁଣବତ୍ତା ଓ ମୂଲ୍ୟବାନ ଅବଦାନ ବୋଲି ପ୍ରଶଂସା କରିଥିଲେ। ଡ. ପଟ୍ଟନାୟକ ବୌଦ୍ଧ ଜିଲ୍ଲାର ଶ୍ରୀମତୀ ଗୀତାଞ୍ଜଳି ଦଲାଲ୍ ଓ ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ପଟ୍ଟନାୟକଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ସେ ତାଙ୍କର ଏହି ସଫଳତା ପାଇଁ ଈଶ୍ୱରଙ୍କୁ, ସମସ୍ତ ଗୁରୁମାନଙ୍କୁ, ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ/ପ୍ରାଧ୍ୟାପିକା, ସମସ୍ତ ପରିବାରବର୍ଗ ବିଶେଷ କରି ବାପା, ମା, ଭାଇ ବିଶ୍ୱଜିତ୍ ଓ ଶିତିକଣ୍ଠ, ପିଉସା, ପିଉସୀ, ସମସ୍ତ ମିତ୍ର ଏବଂ ସହଯୋଗୀ-କମ୍-ମେଣ୍ଟର ଭାବରେ ଡ. ମୃତ୍ୟୁଞ୍ଜୟ ଭୂୟାନଙ୍କୁ ମଧ୍ୟ ସ୍ମରଣ କରି ତାଙ୍କ ସହଯୋଗ, ସ୍ନେହ ଓ ଆଶୀର୍ବାଦ ପ୍ରଦାନ କରିଥିବାରୁ ମଧ୍ୟ ହୃଦୟପୂର୍ଣ୍ଣ କୃତଜ୍ଞତା ଜଣାଇଛନ୍ତି।
ଧ-୧୪୦୬

## ଗ୍ୟାରେଣ୍ଟେଡ୍ ବଚତ୍ ପ୍ଲାନ୍

**ଭୁବନେଶ୍ୱର,୨୩।୭**

ଭାରତୀ ଆକ୍ସା ଲାଇଫ୍ ଇନ୍ସ୍ୟୁରାନ୍ସର ନୂତନ ଯୋଜନା ତଥା ଗ୍ୟାରେଣ୍ଟେଡ୍ ବଚତ୍ ପ୍ଲାନ୍ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ନିଜ ପରିବାରର ସୁରକ୍ଷା ସହ ସଞ୍ଚୟ ଗଠନକରିବା ପାଇଁ ସରଳ ତଥା ଭରସାଯୋଗ୍ୟ ସମାଧାନ ଚାହୁଁଥିବା ମଧ୍ୟମ ଆୟ ବର୍ଗର ଭାରତୀୟମାନଙ୍କୁ ଦୃଷ୍ଟିରେ ରଖି ଏହି ପ୍ଲାନ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ସେହିଭଳି 'ପ୍ରୋଟେକ୍ସନ ଭି, ବଚତ୍ ଭି'ର ଦୃଢ଼ ପ୍ରତିଶ୍ରୁତି ଉପରେ ଭାରତୀ ଆକ୍ସା ଗ୍ୟାରେଣ୍ଟେଡ୍ ବଚତ୍ ପ୍ଲାନ୍ ଗଠନ କରାଯାଇଛି। ଏପରିକି ଏହା ଗ୍ରାହକମାନଙ୍କୁ ସେମାନଙ୍କ ବାର୍ଷିକ ପ୍ରିମିୟମର ୩୦ଗୁଣା (ଏବଂ ରାଇଡର୍ର ୫୦ ଗୁଣା ପର୍ଯ୍ୟନ୍ତ) ବୀମା ସୁରକ୍ଷା ସହ ଗ୍ୟାରେଣ୍ଟି ରିଟର୍ନ ପ୍ରଦାନ କରୁଛି। ଶୃଙ୍ଖଳିତ, ଚିନ୍ତାମୁକ୍ତ ଆର୍ଥିକ ଯୋଜନା ଚାହୁଁଥିବା ଗ୍ରାମୀଣ ଭାରତର ଯୁବ ପେସାଦାର, ବ୍ୟବସାୟ ମାଲିକ, ବେତନଭୋଗୀ ବ୍ୟକ୍ତି ଓ ପରିବାର ପାଇଁ ଏହି ପ୍ଲାନ୍ ବେଶ୍ ଉପଯୁକ୍ତ ରହିଛି। ଭାରତୀ ଆକ୍ସା ଗ୍ୟାରେଣ୍ଟି ବଚତ୍ ପ୍ଲାନ୍ରେ ବାର୍ଷିକ ପ୍ରିମିୟମ୍ର ୩୦ ଗୁଣା ପର୍ଯ୍ୟନ୍ତ ଜୀବନ ବୀମା ସୁରକ୍ଷା, ଗ୍ୟାରେଣ୍ଟି ରିଟର୍ନ, ଦେୟ ପ୍ରଦାନ ସୁବିଧା, ବିକଳ୍ପ ରାଇଡର୍ ଓ ଟିକସ ସୁବିଧା ଆଦି ରହିଛି। ବିକଳ୍ପ ରାଇଡର୍ରେ ଗ୍ରାହକମାନେ ଦୁର୍ଘଟଣାଜନିତ ମୃତ୍ୟୁ, ଜଟିଳ ଅସୁସ୍ଥତା, ହସ୍ପିଟାଲ୍ କ୍ୟାଶ୍ ଏବଂ ପ୍ରିମିୟମ୍ ଛାଡ଼ ଭଳି ରାଇଡର୍ ବିକଳ୍ପ ଚୟନ କରିପାରିବେ। ଏ ସମ୍ପର୍କରେ ଭାରତୀ ଆକ୍ସା ଲାଇଫ୍ ଇନ୍ସ୍ୟୁରାନ୍ସର ଚିଫ୍ ଗ୍ରୋଥ୍ ଅଫିସର ପ୍ରେରକ ପରମାର କହିଛନ୍ତି, ବୀମା ସରଳ, ଭରସାଯୋଗ୍ୟ ଏବଂ ପ୍ରତି ଭାରତୀୟଙ୍କ ପାଇଁ ପ୍ରସ୍ତୁତ ହେଉ ବୋଲି ଭାରତୀ ଆକ୍ସା ଲାଇଫ୍ରେ ଆମର ଲକ୍ଷ୍ୟ ରହିଛି।

## ଇସ୍ପାତ ଉତ୍ପାଦନକୁ ଗୁରୁତ୍ୱ ଦେବ ଜେଏସ୍ଏଲ୍

**ଭୁବନେଶ୍ୱର,୨୩।୭ (ଅଭୟ ଦାଶ)**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍ପିଏଲ୍)ର ନାମ ବଦଳି ୨୦୨୫ ଜୁଲାଇ ୨୨ରୁ ଜିନ୍ଦଲ ଷ୍ଟିଲ ଲିମିଟେଡ୍ (ଜେଏସ୍ଏଲ୍) ହୋଇଛି। ଭାରତ ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ରେଜିଷ୍ଟ୍ରାର ଅଫ୍ କମ୍ପାନିଜର ମଞ୍ଜୁରୀ ପରେ ଏହି ପରିବର୍ତ୍ତନ କାର୍ଯ୍ୟକାରୀ ହୋଇଛି। ଜେଏସ୍ପିଏଲ୍ର ନାମ ଜେଏସ୍ଏଲ୍କୁ ପରିବର୍ତ୍ତନକରିବା ପଛରେ ମୁଖ୍ୟ କାରଣ ହେଉଛି, କମ୍ପାନୀ କେବଳ ଏହାର ପ୍ରମୁଖ ବ୍ୟବସାୟ ଅର୍ଥାତ୍ ଇସ୍ପାତ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବ



ଏବଂ ଭବିଷ୍ୟତରେ ଏକ ମଜଭୁତ ଇସ୍ପାତ କମ୍ପାନୀ ଭାବେ ଆଗକୁ ବଢ଼ିବ। ଏହି ନୂତନ ନାମ ଦେଶ ଓ ବିଦେଶରେ ପରିଚିତ ହେବା ସହ କମ୍ପାନୀ ତା'ର ପୂର୍ବ ମୂଲ୍ୟବୋଧକୁ ବଜାୟ ରଖିବ। ଅପରପକ୍ଷରେ ଏହି ନାମ ପରିବର୍ତ୍ତନ କମ୍ପାନୀ (ଇନ୍କର୍ପୋରେଶନ୍) ନିୟମ ୨୦୧୪ ର ନିୟମ ୨୯ ଅନୁଯାୟୀ କରାଯାଇଛି। ନୂତନ ନାମକୁ ପ୍ରତିଫଳିତ କରୁଥିବା ଇନ୍କର୍ପୋରେଶନ ପ୍ରମାଣପତ୍ର ରେଜିଷ୍ଟ୍ରାର ଅଫ୍ କମ୍ପାନିଜଙ୍କ ଦ୍ୱାରା ଜାରି କରାଯାଇଛି। କମ୍ପାନୀର କର୍ପୋରେଟ ଆଇଡେଣ୍ଟିଫିକେଶନ ନମ୍ବର (CIN: L27105 HR 1979 PLC009913) କିମ୍ବା ପଞ୍ଜୀକୃତ ଠିକଣାରେ (ଜିନ୍ଦଲ ଷ୍ଟିଲ ଲିମିଟେଡ୍, ଓ.ପି. ଜିନ୍ଦଲ ମାର୍ଗ, ହିସାର-୧୨୫୦୦୫, ହରିୟାଣା, ଭାରତ) କିଛି ପରିବର୍ତ୍ତନ ହୋଇନାହିଁ। ସେହିଭଳି କମ୍ପାନୀର ନାମ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଜିନ୍ଦଲ ଷ୍ଟିଲ୍ ପୂର୍ବ ଭଳି ଏକ ପବ୍ଲିକ ଲିମିଟେଡ୍ କମ୍ପାନୀ ଭାବେ ପରିଚାଳିତ ହେବ, ଯାହାର ଶେୟାର ଲୋକେ କ୍ରୟ ବିକ୍ରୟ କରିପାରିବେ।

## ପିଏନ୍ବିର ଆର୍ଥିକ ସାକ୍ଷରତା ଶିବିର

**ଭୁବନେଶ୍ୱର,୨୩।୭**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍ବି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଆର୍ଥିକ ସାକ୍ଷରତା ଶିବିର ଏବଂ ଜନସୁରକ୍ଷା ପରିପୂର୍ତ୍ତି ଅଭିଯାନ ବ୍ରହ୍ମପୁରର ଶେରଗଡ଼ ଓ ଆସ୍କା ଶାଖାଠାରେ ଅନୁଷ୍ଠିତ ହୋଇଯାଇଛି। ପିଏନ୍ବର ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଶେରଗଡ଼ ଶାଖାର ବାରୁମଣ୍ଡଳୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପରମାନନ୍ଦ ଗ୍ରାମ ଏବଂ ଆସ୍କା ଶାଖାର ବାରଗାମ ଗ୍ରାମପଞ୍ଚାୟତଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେରଗଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଏମ୍ଜେଡିୱାଇର ୧୦ଟି, ପିଏମ୍ଏସ୍ବିୱାଇର ୧୩ଟି, ପିଏମ୍ଜେଜେବିୱାଇର ୯ଟି, ଏପିୱାଇର ୨ଟି ଲିଡ୍ ମିଳିଥିଲା। ଏଥିରେ ପିଏନ୍ବି ଶେରଗଡ ଶାଖାର ଶାଖା ମୁଖ୍ୟ ଯୋଗଦେଇଥିଲେ। ଆସ୍କା ବ୍ଲକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଏମ୍ଜେଡିୱାଇର ୧୬ଟି, ପିଏମ୍ଏସ୍ବିୱାଇର ୧୦ଟି, ପିଏମ୍ଜେଜେବିୱାଇର ୧୧ଟି ଲିଡ୍ ମିଳିଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ଏଫ୍ଏଲସି ସଂଯୋଜକ, ବ୍ଲକ ଅଧିକାରୀ, ଲିଡ୍ ବ୍ୟାଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ।

# Classified Everyday
**0674-2580101, 9692975378**





**REAL ESTATE SALE**

ଭୁବନେଶ୍ୱର-ପିପିଲି ଟୋଲ୍ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288




Newly open Jyoti SPA positively health benefits (expert therapist). 8458067955. D-76927

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

**Full body massage experience, good looking therapist @999 (Bhubaneswar). 9078484455.** D-1325

Newly open SPA positively health benefits (expert therapist). Contact- 7327030529. D-76929




**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

**3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662.** D-1392

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit sworn before the Executive Magistrate, Muniguda on dated 22.07.2025, (SL No.- 941/25), I Sunil Patakar of Village- Raikona, P.O./-Gumma, P.S.-Rayagada, Dist.- Rayagada declare that I have changed my name from Sujata Patakar to Sunil Patakar. Henceforth, I shall be known as Sunil Patakar for all purpose.
Sunil Patakar
D-1408

By virtue of an affidavit No.- 7360 sworn before the Executive Magistrate, Bhadrak, dated 22.07.2025, I Benazir Khan, D/o-Anwar Hossain, Vill- Bada Sankarpur, P.O./P.S.- Purunabazar, Dist.- Bhadrak, PIN-756100, Odisha declare that I have changed my name from Banazeer Khatoon to Benazir Khan. Henceforth, she shall be known as Benazir Khan for all future purposes.
D-1409

I, Sharmistha Samantray, W/o- Late Satyajit Bata Samantray, resident of Plot No.- 1051, Gada Sahi, Nayapalli, P.O./P.S.- Nayapalli, Bhubaneswar- 751012, Dist.- Khurda, Odisha, declare by this affidavit No.- 12AA 758043, dtd- 13.05.2025. That now onwards I shall be known as Sharmistha S Samantray for all future purposes.
D-1404

By virtue of an affidavit sworn before the Executive Magistrate, Muniguda on dated 23.07.2025, (SL No.- 942/25), I Sujata Pratakar of Village- Raikona, P.O./-Gumma, P.S.- Rayagada, Dist.- Rayagada declare that I have changed my name from Sunil Pratakar to Sujata Pratakar. Henceforth, I shall be known as Sujata Pratakar for all purpose.
Sujata Pratakar
D-1407

By virtue of an affidavit sworn before the Executive Magistrate, Muniguda on dated 22.07.2025, (SL No.- 938 /25), I Nepal Patra of Village- Talabarangapadar, P.O.-Durgi, P.S.- Bissam Cuttack, Dist.- Rayagada declare that I have changed the name of my son from Thabindra Patra to Kanha Patra. Henceforth, he shall be known as Kanha Patra for all purpose.
D-1403

By virtue of an affidavit sworn before the Executive Magistrate, Darpan, dated 21.07.2025, I, Sahina Begum, Address-Gaharnagar, AT/P.O.- Charinangal, P.S.- Balichandrapur, Dist.- Jajpur, Odisha-754292 declare that I have changed my name from Sai Begam to Sahina Begum. Henceforth, I shall be known as Sahina Begum for all purposes.
D-1400

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ବସନ୍ତ କୁମାରୀ ପଟ୍ଟନାୟକ**
ଆବିର୍ଭାବ: ୧୫।୦୮।୧୯୩୩
ତିରୋଧାନ: ୦୫।୦୮।୨୦୨୪
ପୁତ୍ର: ବିପିନ ବିହାରୀ ପଟ୍ଟନାୟକ
ପୁରୁଷୋତ୍ତମପୁର
ଆପଣଙ୍କ ସମସ୍ତଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଆମ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୧୯୭୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ**
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଯେଉଁଠି ଥାଅ ଭଲରେ ଥାଅ। ଆପଣଙ୍କ ନୀତି, ଆଦର୍ଶ ଓ ଆଶୀର୍ବାଦ ସର୍ବଦା ଆମ ସହିତ ରହିଥାଉ।
ଶୋକସନ୍ତପ୍ତ: ପତ୍ନୀ: ଶାନ୍ତିଲତା, ପୁଅ: ବଦ୍ରୀନାରାୟଣ (୨୨ ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟ) ବିରଞ୍ଚି ନାରାୟଣ (ବିଶିଷ୍ଟ ସମାଜସେବୀ ତଥା ଯୁବଉଦ୍ୟୋଗୀ) ଓ ପରିବାରବର୍ଗ
ଧ-୧୪୦୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ ଶାନ୍ତିଲତା ପ୍ରଧାନ**
ପ୍ଲଟ୍ ନଂ.: ଏନ୍୪/୩୧୯, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୩.୦୪.୧୯୫୧
ତିରୋଧାନ: ୦୩.୦୮.୨୦୨୪
ଚାହୁଁ ଚାହୁଁ ଏକବର୍ଷ ଅତିବାହିତ ହୋଇଯାଇଛି। ଏମିତି ବି ଦିନ ଆସିନାହିଁ ଯେଉଁଦିନ ତୁମେ ଆମ ସ୍ମୃତିପଟଳରୁ ବିସ୍ମୃତ ହୋଇଯାଇଛ। ତୁମେ ହିଁ ଆମ ଜୀବନାଦର୍ଶ ଏବଂ ପ୍ରେରଣା ସ୍ରୋତ ହୋଇ ରହିବ। ନିଳାଦ୍ରୀଭୂଷଣ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ପଦ୍ମପାଦରେ ତୁମ ଅମର ଆତ୍ମା ଚିର ବିଶାନ୍ତି ପ୍ରାପ୍ତ ହେଉ, ଏତିକି ହୃଦୟବତ ପ୍ରାର୍ଥନା।
ସ୍ମୃତି ଧାରକ
ବ୍ରଜ କିଶୋର ପ୍ରଧାନ ଓ ଶ୍ରଦ୍ଧା ବିଜଡିତ ପ୍ରଧାନ ପରିବାର
ଧ-୬୬୪୭୭

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ଏବିଏସ୍ଏଲ୍ଏମ୍ଏଫ୍ର ନୂତନ ଉତ୍ପାଦ ରେଞ୍ଜ

**ଭୁବନେଶ୍ୱର,୨୩।୭**

ଆଦିତ୍ୟ ବିର୍ଲା ସନ ଲାଇଫ୍ ମ୍ୟୁଚୁଆଲ ଫଣ୍ଡ (ଏବିଏସ୍ଏଲ୍ଏମ୍ଏଫ୍) ର ନୂତନ ଉତ୍ପାଦ ରେଞ୍ଜ ତଥା ୨ଟି ଫାକ୍ଟର ବେସ୍ଡ ଇଣ୍ଡେକ୍ସ ଫଣ୍ଡ ' ଆଦିତ୍ୟ ବିର୍ଲା ସନ ଲାଇଫ୍ ବିଏସ୍ଇ୫୦୦ମୋମେଣ୍ଟମ ୫୦ ଇଣ୍ଡେକ୍ସ ଫଣ୍ଡ ଏବଂ ଆଦିତ୍ୟ ବିର୍ଲା ସନ ଲାଇଫ୍ ବିଏସ୍ଇ୫୦୦ କ୍ୱାଲିଟ ୫୦ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ଫଣ୍ଡର ନ୍ୟୁ ଫଣ୍ଡ ଅଫର୍ସ (ଏନ୍ଏଫ୍ଓ) ନିକଟରେ ଆରମ୍ଭ ହୋଇଯାଇଥିଲାବେଳେ ଏହା ୨୦୨୫ ଅଗଷ୍ଟ ୪ରେ ବନ୍ଦ ହେବ। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ସନ ଲାଇଫ୍ ଏଏମ୍ସି ଲିମିଟେଡ୍ର ଏମ୍ଡି ତଥା ସିଇଓ ଏ ବାଲସୁବ୍ରମଣ୍ୟନ କହିଥିଲେ, ଆମେ ଆମର ଦୁଇଟି ନୂତନ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏହି ଫଣ୍ଡ ରେଞ୍ଜ ଉଭୟ ନିବେଶକ ଓ ଉପଭୋକ୍ତାଙ୍କୁ ଅଧିକ ସହାୟକ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୨୩।୭**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୫୪୦(୫୩୯.୮୩) ପଏଣ୍ଟ ବୃଦ୍ଧି ଘଟି ୮୨,୭୨୭ (୮୨,୭୨୬.୬୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୫୯(୧୫୯.୦୦) ପଏଣ୍ଟ ବଢ଼ି ୨୫,୨୨୦ (୨୫,୨୧୯.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।



ପୂଜା ହେଗଡେ

# ରହସ୍ୟ ଖୋଲିଲେ ପୂଜା

ପୂଜା ହେଗଡେ ଇତିମଧ୍ୟରେ ଅନେକ ଦକ୍ଷିଣ ଭାରତୀୟ ସିନେମାରେ ଅଭିନୟ କରିସାରିଲେଣି। ତା'ସହ କେତୋଟି ହିନ୍ଦୀ ଫିଲ୍ମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଛି। କିନ୍ତୁ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିନେବା ପୂର୍ବରୁ ସେ ମିସ୍ ଇଣ୍ଡିଆ ୨୦୦୯ ଏବଂ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୧୦ରେ ଅଂଶଗ୍ରହଣ କରିଥିଲେ। ମିସ୍ ଇଣ୍ଡିଆରେ ପ୍ରତିଯୋଗିତା ଫାଇନାଲ ତାଲିକାରୁ ବାଦ୍ ପଡିଥିଲେ ମଧ୍ୟ ସେ 'ମିସ୍ ଇଣ୍ଡିଆ ଟ୍ୟାଲେଣ୍ଟେଡ-୨୦୦୯' ଟାଇଟଲ ଏବଂ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୧୦ରେ ସେକେଣ୍ଡ ରନର ଅପ୍ ହୋଇଥିଲେ। ଯେତେବେଳେ ସେ ଅଭିନୟକୁ ଏଣ୍ଟ୍ରି କରିବାକୁ ଚାହିଁଲେ ସେତେବେଳେ ଟିକେ ଦୋଛକିରେ ପଡିଥିଲେ। ହଁ-ନାଁ ଭିତରେ ସେ ଏମିତି ଫସି ଯାଇଥିଲେ ଯେ ଦେଖୁଦେଖୁ ଅଯଥାରେ ତିନି ବର୍ଷ ଅତିକ୍ରମ କରିଯାଇଥିଲା। ଆଉ ଏଭଳି ସ୍ଥିତି ଯୋଗୁ ସେ ଏହି ସମୟ ଭିତରେ ବଡ ବଡ ବ୍ୟାନରରୁ ମିଳିଥିବା ଭଲ ଅଫରଗୁଡିକୁ ମଧ୍ୟ ହାତଛଡା କରିବାକୁ ବାଧ୍ୟ ହୋଇଥିଲେ। ଏଭଳି ସ୍ଥିତି ବିଷୟରେ ପୂଜା କହନ୍ତି, "ସେତେବେଳେ ମୋର ନିଜ ଉପରେ ଭରସା ନ ଥିଲା। ଆଉ ତା'ଭିତରେ ତିନି ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲା। ଶେଷରେ ମନୋବଳ ଦୃଢ଼ କରି ନିଷ୍ପତ୍ତି ନେଲି ଯେ ମୁଁ ଆକ୍ଟିଂକୁ କ୍ୟାରିୟର କରିବି। ଆଉ ଏବେ ଦର୍ଶକଙ୍କ ଭଲ ପାଇବା ଯୋଗୁ ମୁଁ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଛି।" ତାଙ୍କ ଅଭିନୀତ ପ୍ରଥମ ତାମିଲ ଫିଲ୍ମ ଥିଲା 'ମୁଗାମୋଡି'।

# ଭାଗ୍ୟର ଦୋଷ

ଚଙ୍କି ତନୟା ଅନନ୍ୟା ପାଣ୍ଡେ। ଏବେ ତାଙ୍କର ବଲିଉଡ୍ ଅବସ୍ଥାକୁ ଦେଖି ସେ କାହାକୁ ଦୋଷ ଦେଉଛନ୍ତି ଜାଣନ୍ତି? ନିଜ ଭାଗ୍ୟକୁ। କରନ୍ ଜୋହରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨' (୨୦୧୯) ଥିଲା ତାଙ୍କର ପ୍ରଥମ ହିନ୍ଦୀ ସିନେମା। ଏହାଭିତରେ ସେ ମାତ୍ର ୧୨ଟି ସିନେମାରେ ଅଭିନୟ କରିଛନ୍ତି। ପୁଣି ଦୁଇଟି ସିନେମା ନିର୍ମାଣାଧୀନ ଅବସ୍ଥାରେ ଅଛି। ଏ ବିଷୟରେ ଅନନ୍ୟା କହନ୍ତି, "କରନ୍ ସାରଙ୍କ ଫିଲ୍ମରେ ଅଭିନୟ କରିବା ପରେ ଜଣେ ଅଭିନେତ୍ରୀ ହେବାର ଆଶା ଦ୍ୱିଗୁଣିତ ହୋଇଯାଇଥିଲା। ଆଶା ରଖିଛି ଦିନେ ନା ଦିନେ ମୁଁ ନିଜକୁ ଜଣେ ଦକ୍ଷ ଅଭିନେତ୍ରୀ ଭାବରେ ପ୍ରମାଣିତ କରିବି। ଆଉ ସେଥିପାଇଁ ଏଣିକି ମାପିଚୁପି ଚାଲିବାକୁ ପଡିବ।" ଅନନ୍ୟାଙ୍କ ସ୍ୱପ୍ନ କେତେ ସଫଳ ହେଉଛି ତାହା ଆଗାମୀ ସମୟ ହିଁ କହିବ।



ଅନନ୍ୟା



ଅତୀଶ

# ସତ ହେଲା ଅତୀଶଙ୍କ ପୂର୍ବାନୁମାନ

ବେଳେବେଳେ ପୂର୍ବାନୁମାନ ସତରେ ପରିଣତ ହୋଇଥାଏ। ପୁଣି ଆଶାତୀତ ସଫଳତା ଏହି ଖୁସିକୁ ଦ୍ୱିଗୁଣିତ କରିଦେଇଥାଏ। ଠିକ୍ ସେହିପରି ପ୍ରଯୋଜକ ଅତୀଶ କୁମାର ରାଉତଙ୍କ ଖୁସି ଏବେ କହିଲେ ନ ସରେ। କାରଣ ଏକ ଭିନ୍ନ ଧରଣର କାହାଣୀକୁ ନେଇ ସେ ନିକଟରେ ପ୍ରସ୍ତୁତ କରିଥିଲେ ମାତ୍ର ୩୭ମିନିଟ୍ ଅବଧି ବିଶିଷ୍ଟ କ୍ଷୁଦ୍ର ଚଳଚ୍ଚିତ୍ର 'ଚାରିକାନ୍ଧ'। ଆଉ ଇତିମଧ୍ୟରେ ଫିଲ୍ମଟି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିବାରେ ସଫଳ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ବିଶ୍ୱନାଥ ରଥ। ଏହାର କାହାଣୀ, ଉପସ୍ଥାପନା ଏବଂ କଳାକାରଙ୍କ ନିଖୁଣ ଅଭିନୟ ଯୋଗୁ ଚିତ୍ରଟି ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ଏବଂ ପ୍ରଶଂସିତ ହୋଇଛି। ନିକଟରେ କୋଲକାତାର ଦୁର୍ଗାପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର (ବେଷ୍ଟ ଶର୍ଟ ଫିଲ୍ମ) ପୁରସ୍କାର ହାସଲ କରିଛି। ଏ ନେଇ ଅତୀଶ କହନ୍ତି, "ଜଣେ ଯେତେବେଳେ ମରିଯାଆନ୍ତି ତାଙ୍କ ମୃତ ଶରୀରକୁ କୋକେଇରେ ମଶାଣି ପର୍ଯ୍ୟନ୍ତ ନେବାକୁ ପଡେ। ହେଲେ ଏବେ ଏମିତି ସମୟ ହେଲାଣି ଯେ ଏହି ସମୟରେ ଚାରିକାନ୍ଧ ମିଳିବା କଷ୍ଟକର ହୋଇଗଲାଣି, ଯାହାକୁ ବେଶ୍ ନିଖୁଣ ଭାବରେ ଏଥିରେ ଉପସ୍ଥାପନା କରାଯାଇଛି। ଯାହା ଅନୁମାନ କରିଥିଲି ତାହା ସତରେ ପରିଣତ ହୋଇଛି। ଅନ୍ତର୍ଜତୀୟ ସ୍ତରରେ ମୋ ସିନେମା ବେଶ୍ ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛି।" ଏହାର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି ବିଶ୍ୱନାଥ। ରିତୁପ୍ରିୟା ପ୍ରଡକ୍ସନସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମରେ ଶକ୍ତି ବରାଳ, ସୁଶୀଲ ମିଶ୍ର, ଶତାବ୍ଦୀ ସୂର୍ଯ୍ୟସ୍ନାତା, ଗୌରବ ମହାନ୍ତି ଏବଂ ପ୍ରଭଞ୍ଜନ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି।

# ମୋ କାଳିଆ ରେ...

ଜଲିଉଡ୍‌ର ଚର୍ଚ୍ଚିତ ୟଙ୍ଗ ବ୍ୟାଡ୍‌ମ୍ୟାନ୍ ପୀୟୂଷ ତ୍ରିପାଠୀଙ୍କୁ ଏବେ ଭଜନ ଆଲବମ୍‌ରେ ଦେଖିବାକୁ ମିଳିଛି। ଏହାର ଟାଇଟଲ ରହିଛି 'ମୋ କାଳିଆରେ'। କେବଳ ସେତିକି ନୁହେଁ, ଏଥିରେ ଓଲିଉଡ୍‌ର ଆଗଧାଡିର ପ୍ରଯୋଜକ ଶ୍ରୀଧର ମାର୍ଥା ମଧ୍ୟ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ବାବୁ ବାବୁ। କଳାରେ କଳଙ୍କ ଲାଗିବା ପରେ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ କିପରି ମନଧ୍ୟାନ ସହ ତାଙ୍କୁ ସ୍ମରଣ କରୁଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଗୀତଟିକୁ ରଚନା କରିବା ସହ ସ୍ୱର ଦେଇଛନ୍ତି ଜଲି ସ୍ୱାଇଁ। ଖାସ୍ କଥା ହେଲା, ଯେତେବେଳେ ଏହାର ଦୃଶ୍ୟାୟନ କରାଯାଉଥିଲା ସେତେବେଳେ ପୀୟୂଷ ଭଜନରେ ଏତେ ତଲ୍ଲୀନ ହୋଇଯାଇଥିଲେ ତାଙ୍କ ଆଖି ଅଶ୍ରୁପ୍ଲାବିତ ହୋଇଯାଇଥିଲା। ଜେ.ବି. ମ୍ୟୁଜିକ ବ୍ୟାନରରେ ବିଶ୍ୱପ୍ରକାଶଙ୍କ ଦ୍ୱାରା ପ୍ରଯୋଜିତ ଉକ୍ତ ଭଜନ ଆଲବମ ପାଇଁ କଣ୍ଠଦାନ କରିଛନ୍ତି ସୌରଭ ଭରଦ୍ୱାଜ। ଅନ୍ୟପକ୍ଷରେ ପୀୟୂଷଙ୍କର ଏହା ହେଉଛି ପ୍ରଥମ ଭଜନ ଆଲବମ୍ ଏବଂ ଏହା ନିଶ୍ଚୟ ଶ୍ରୋତାଦୃତ ହେବ ବୋଲି ସେ ଦୃଢ଼ ଆଶା ରଖିଛନ୍ତି।



ପୀୟୂଷ ତ୍ରିପାଠୀ

ଛୋଟ ପରଦା |

# ୧୦୦୦ ଏପିସୋଡ୍‌ରେ 'ସୁନା ଝିଅ'

ଅନ୍ୟତମ ଦର୍ଶକାଦୃତ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକରେ ଗତ ତିନି ବର୍ଷ ଧରି ପ୍ରସାରିତ ହୋଇଆସୁଥିବା ମେଗା ଧାରାବାହିକ 'ସୁନାଝିଅ' (ସୋମବାର-ଶନିବାର, ପ୍ରସାରଣ ସମୟ- ସନ୍ଧ୍ୟା ୭.୩୦) ୧୦୦୦ତମ ଏପିସୋଡ୍‌ରେ ପ୍ରବେଶ କରିଛି। ଚଳିତ ମାସ ୧୮ ତାରିଖରେ ଏହା ଏଭଳି ସଫଳତା ହାସଲ କରିଛି। କାହାଣୀର ପ୍ରଥମ ସୋପାନ ଯେଉଁଥିରେ ଦର୍ଶକ ଦେଖିଥିଲେ ପ୍ରିୟା ଓ ବିଷ୍ଣୁଙ୍କ ସଫଳ ଦାମ୍ପତ୍ୟ ଜୀବନରେ ଆସିଥିଲେ ଦୁଇ ଝିଅ ଅଂଶୁ ଓ ବଂଶୁ। ଦ୍ୱିତୀୟ ସୋପାନରେ ବିଷ୍ଣୁଙ୍କ ମୃତ୍ୟୁ ହୋଇଥିବା ବେଳେ ନିଜ ଦୁଇ ଝିଅଙ୍କ ସହ ଆଗକୁ ବଢିଥିଲେ ପ୍ରିୟା। ଏବେ ତୃତୀୟ ସୋପାନରେ ନିଜ ଝିଅକୁ ଅସୁବିଧାରୁ ବଞ୍ଚାଇବାକୁ ପୁଣି ଆଗକୁ ଆସିଛନ୍ତି ପ୍ରିୟା। ଆଉ ଏଇଠୁ କାହାଣୀ ନୂଆ ମୋଡ ନେଉଛି। ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଗୌରୀଶଙ୍କର ଦାସ। ସଂଳାପ ରଚନା କରିଛନ୍ତି ଶ୍ରୀହର୍ଷ କର। ସମ୍ଭବ ମାନସିଂ, ଅଙ୍କିତା ମିଶ୍ର ଏବଂ ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି।



ସମ୍ଭବ-ଅନନ୍ୟା

# ନିଶାନ୍ତରୁ ଆୟୁଷ୍ମାନ୍

ବଲିଉଡ୍‌ରେ ଆୟୁଷ୍ମାନ ଖୁରାନା ନିଜ ଅଭିନୟ ଦକ୍ଷତା ବଳରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ପିଲାଦିନେ ସେ ନିଶାନ୍ତ ନାମରେ ପରିଚିତ ଥିଲେ। ତାଙ୍କୁ ଯେତେବେଳେ ମାତ୍ର ତିନି ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କ ବାପା ଜଣେ ଜ୍ୟୋତିଷଙ୍କ ସହ ଆଲୋଚନା କରି ପୁଅ ନାମକୁ ପରିବର୍ତ୍ତନ କରି ଆୟୁଷ୍ମାନ ରଖିଥିଲେ। ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ ସେ ଜଣେ ରେଡିଓ ଜକି ଭାବରେ ବେଶ୍ ପ୍ରଶଂସା ସାଉଁଟିଥିଲେ। ତାଙ୍କ ଦ୍ୱାରା ସଞ୍ଚାଳିତ ରେଡିଓ କାର୍ଯ୍ୟକ୍ରମ 'ବିଗ୍ ଚାଇ', 'ମନ୍ ନା ମନ୍' ଏବଂ 'ମେଁ ତେରା ଆୟୁଷ୍ମାନ' ବେଶ୍ ଶ୍ରୋତାଦୃତ ହୋଇଥିଲା। ହେଲେ ବଡ ପରଦାକୁ ଆସିବା ପୂର୍ବରୁ ସେ ଥିଏଟର ସହ ଜଡିତ ଥିଲେ।

# ଭୁଲନ୍ତି ନାହିଁ ଆଲିୟା

ଆଲିୟା ଭଟ୍ଟଙ୍କ ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର (ସଂଘର୍ଷ) ଭାବରେ। ଯେତେ ବିଳମ୍ବରେ ଶୋଇଲେ ମଧ୍ୟ ଆଲିୟା ୬ଟା ପୂର୍ବରୁ ବିଛଣା ଛାଡନ୍ତି। ପିଲାଟି ଦିନରୁ ଏହା ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ଏ ନେଇ ସେ କହନ୍ତି, 'ପିଲାଦିନେ ପାଠ ପଢ଼ିବାକୁ ମୋତେ ପାପା ଏକ ଅଭ୍ୟାସରେ ପକାଇ ଦେଇଥିଲେ। ଭୋରରୁ ଉଠି ମୁଁ ପଢୁଥିଲି। ତେଣୁ ସେହି ସମୟରୁ ଏହା ମୋର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ଏବେ ଯେତେ ବିଳମ୍ବରେ ଶୋଇଲେ ମଧ୍ୟ ମୁଁ ଭୋରରୁ ଉଠିଯାଏ। ଆଲିୟା କଦାପି ମଲ୍‌କୁ ଯାଇ ଶପିଂ କରି ନ ଥାନ୍ତି। ତାଙ୍କର ଆଉ ଏକ ଅଭ୍ୟାସ ରହିଛି। ତାହା ହେଲା ବହି ପଢ଼ିବା। ତେଣୁ ଏଥିପାଇଁ ସେ ଘରେ ଏକ ସ୍ୱତନ୍ତ୍ର ଲାଇବ୍ରେରି କରିଛନ୍ତି।



ଆୟୁଷ୍ମାନ



ଆଲିୟା

ନୂଆ ସିନେମା

# ବିନ୍ଦୁସାଗର

ଆମ ରାଜ୍ୟର ପରମ୍ପରାରେ ଅନେକ ନୂଆ ନୂଆ କଥା ଲୁଚି ରହିଛି। ସେଭଳି କିଛି ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁସାଗର'। ଏଥିରେ ଲଭ୍, ଇମୋଶନ ଏବଂ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ବଲିଉଡ ପ୍ରଯୋଜକ ଶିଲାଦିତ୍ୟ ଭୋରା ପ୍ରଥମ ଥର ପାଇଁ ଓଡ଼ିଆ ଫିଲ୍ମ ପ୍ରଯୋଜନା କରୁଛନ୍ତି। ଏ ବିଷୟରେ ସେ କହନ୍ତି, 'ଓଡ଼ିଶାରେ ଏଭଳି ବିଷୟ ରହିଛି ଯାହାକୁ ଆଧାର କରି ସୁନ୍ଦର ଓଡ଼ିଆ ସିନେମା ପ୍ରସ୍ତୁତ କରାଯାଇପାରିବ। ଓଡ଼ିଆ ସିନେମାକୁ କିପରି ଏକ ନୂଆ ସ୍ତରକୁ ନିଆଯାଇପାରିବ ସେନେଇ ମୋ ପକ୍ଷରୁ ସବୁ ପ୍ରକାର ଉଦ୍ୟମ କରିବି। ଏହି ଫିଲ୍ମଟିର କାହାଣୀରେ ଭିନ୍ନତା ଭରି ରହିଛି। ଓଡ଼ିଆ ସିନେମା କିପରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଦର୍ଶକାଦୃତ ହୋଇପାରିବ ସେ ନେଇ ଚେଷ୍ଟା ଜାରି ରଖିବି।" ପ୍ଲାଟୁନ୍ ୱାନ୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟିର ଶୁଟିଂ ଓଡିଶାର ବିଭିନ୍ନ ସ୍ଥାନ ଏବଂ ଲଣ୍ଡନରେ କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ଉକ୍ତ ଚିତ୍ରର ଅନ୍ୟତମ ପ୍ରଯୋଜକ ବିଜୟ ରେଡ୍ଡି ଏବଂ ଶୁଭୋ ଶେଖର ଭଟ୍ଟାଚାର୍ଯ୍ୟ। ଫିଲ୍ମଟିର ମୁଖ୍ୟ ଭୂମିକାରେ ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ମହାପାତ୍ର ଅଭିନୟ କରିଛନ୍ତି।



'ବିନ୍ଦୁସାଗର' ଫିଲ୍ମରେ ପ୍ରକୃତି-ଦୀପନ୍ୱିତ

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୪/୨୦୨୫ Bhubaneswar, Thursday, July 24/ 2025

# ସ୍ପୋର୍ଟ୍ସ ଇକୋସିଷ୍ଟମ ବଦଳାଇବାକୁ ଐତିହାସିକ ପଦକ୍ଷେପ

## ଲୋକ ସଭାରେ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ଆଗତ

ନୂଆଦିଲ୍ଲୀ,୨୩।୭(ପି.ଟି.)

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ବୁଧବାର ଲୋକ ସଭାରେ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ଆଗତ କରିଛନ୍ତି। ଏହା ଆଇନରେ ପରିଣତ ହେବାକୁ ସମୟ ଲାଗିବ। କିନ୍ତୁ ଭାରତୀୟ କ୍ରୀଡ଼ା ପ୍ରଶାସନକୁ ପୁନର୍ଗଠିତ ଓ ଅଧିକ ଉତ୍ତରଦାୟୀ କରିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ।

୨୦୩୬ ସମର ଅଲିମ୍ପିକ୍ସ ଲାଗି ବିଡିଂ କରିବାକୁ ଦେଶ ପ୍ରସ୍ତୁତ ହେଉଥିବା ବେଳେ ପ୍ରମୁଖ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭଲ ଫଳାଫଳ ଓ ଆଥଲେଟ୍‌ଙ୍କୁ ଉନ୍ନତ ପ୍ରଦର୍ଶନ କରିବାରେ ସହାୟତା କରିବା ପାଇଁ କ୍ରୀଡ଼ା ପ୍ରଶାସନ ଦୃଶ୍ୟପଟରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ଏହି ବିଲ୍‌ର ଉଦ୍ଦେଶ୍ୟ। କ୍ରୀଡ଼ାରେ ଭଲ ଫଳାଫଳ ପାଇବା ପାଇଁ କ୍ରୀଡ଼ା ସଂସ୍ଥାରେ ଦେଶର କ୍ରୀଡ଼ା ପ୍ରଶାସନିକ ସ୍ଥିତିରେ ବ୍ୟାପକ ସୁଧାର ଆଣିବା ସହିତ କ୍ରୀଡ଼ା ମହାସଂଘ ସହ ଜଡ଼ିତ ବିବାଦର ସଂଖ୍ୟାକୁ ହ୍ରାସ କରିବାର ଆବଶ୍ୟକତା ରହିଛି। ମହାସଂଘ ମଧ୍ୟରେ ଗୋଷ୍ଠୀବାଦ୍ ଓ ପ୍ରଶାସନିକ ହସ୍ତକ୍ଷେପ ଯୋଗୁ କ୍ରୀଡ଼ାରେ ଦେଶ ଓ ସମ୍ପର୍କିତ ଉନ୍ନତି ପ୍ରଭାବିତ ହେଉଛି। ଏଣୁ ଏହାକୁ ରୋକିବା ଏହି ବିଲ୍‌ର ଉଦ୍ଦେଶ୍ୟ ବୋଲି ଉଲ୍ଲେଖ କରାଯାଇଛି।


### ବୟସ ଓ କାର୍ଯ୍ୟକାଳ କ୍ୟାପ

ଏହିବିଲ୍‌ରେ କୌଣସି ବ୍ୟକ୍ତି ଲଗାତର ୩ଥର କ୍ରୀଡ଼ା ମହାସଂଘର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀରେ ରହିପାରିବେ। ଅର୍ଥାତ୍ ସେମାନଙ୍କ କାର୍ଯ୍ୟକାଳକୁ ୧୨ ବର୍ଷରେ ସୀମିତ ରଖାଯାଇଛି। ୭୦ ବର୍ଷ ବୟସ କ୍ୟାପ୍ ରଖାଯାଇଛି, ଯାହାକୁ ୭୫କୁ ବୃଦ୍ଧି କରାଯାଇପାରିବ। କିନ୍ତୁ ଏଥିଲାଗି ଅନ୍ତର୍ଜାତୀୟ ସଂସ୍ଥାର ଅନୁମତି ଦରକାର। କାର୍ଯ୍ୟକାରୀ କମିଟିରେ ସଦସ୍ୟଙ୍କ ଲାଗି ୧୫ ବର୍ଷର କାର୍ଯ୍ୟକାଳ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକାରୀ କମିଟିରେ ଅତିକମ୍‌ରେ ଦୁଇବିଶିଷ୍ଟ ଆଥ୍‌ଲେଟ୍ ଓ ୪ ମହିଳା ରହିବା ବାଧ୍ୟତାମୂଳକ। କ୍ରୀଡ଼ା ପ୍ରଶାସନରେ ଲିଙ୍ଗଗତ ସମାନତାକୁ ନିଶ୍ଚିତ କରିବା ଏବଂ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଆଥ୍‌ଲେଟଙ୍କୁ ସାମିଲ କରିବା ଏହାର ଉଦ୍ଦେଶ୍ୟ।

### ଜାତୀୟ କ୍ରୀଡ଼ା ବୋର୍ଡ

ଏହି ବିଲ୍‌ରେ ଏକ ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍‌ଏସ୍‌ବି) ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ନିୟମ ପ୍ରସ୍ତୁତ କରିବା ସହ ଜାତୀୟ ଫେଡେରେଶନ୍‌ର କାର୍ଯ୍ୟକଳାପକୁ ତଦାରଖ କରିବ। ଏଥିରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ମଧ୍ୟ ସାମିଲ କରାଯାଇଛି। କେନ୍ଦ୍ର ସରକାରଙ୍କ ପାଣ୍ଠି ପାଇବା ପାଇଁ ଦେଶର ପ୍ରତ୍ୟେକ କ୍ରୀଡ଼ା ଫେଡେରେଶନକୁ ଏନ୍‌ଏସ୍‌ବିଠାରୁ ସ୍ୱୀକୃତି ନେବାକୁ ପଡ଼ିବ। ଏନ୍‌ଏସ୍‌ବିର ଉଦ୍ଦେଶ୍ୟ ହେଉଛି, ପ୍ରତ୍ୟେକ କ୍ରୀଡ଼ା ଫେଡେରେଶନ୍ ଲାଗି କଠୋର ଦାୟିତ୍ୱ ବ୍ୟବସ୍ଥା ତିଆରି କରିବା। ଯଦି କୌଣସି ମହାସଂଘ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟକାରୀ କମିଟିର ନିର୍ବାଚନ ଆୟୋଜନ କରିବାରେ ବିଫଳ ହୁଏ କିମ୍ବା ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା କ୍ଷେତ୍ରରେ ଏନ୍‌ଏସ୍‌ବି ଉକ୍ତ ମହାସଂଘର ସ୍ୱୀକୃତି ପ୍ରତ୍ୟାହାର କରିପାରିବ। ସେହିଭଳି ବାର୍ଷିକ ଅଡିଟ୍ ରିପୋର୍ଟ ପ୍ରକାଶ କରିବାରେ ବିଫଳତା କିମ୍ବା ପାଣ୍ଠିର ଦୁରୁପଯୋଗ କ୍ଷେତ୍ରରେ ମହାସଂଘ ବିରୋଧରେ ଏନ୍‌ଏସ୍‌ବି ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ଏଥିଲାଗି ଉକ୍ତ କ୍ରୀଡ଼ାର ଅନ୍ତର୍ଜାତୀୟ ସଂସ୍ଥା ସହ ପରାମର୍ଶ କରିବାକୁ ପଡ଼ିବ।

ବ୍ୟକ୍ତିଙ୍କ ଦକ୍ଷତା ଓ ସଚ୍ଚୋଟତା ଆଧାରରେ କେନ୍ଦ୍ର ସରକାର ଏନ୍‌ଏସ୍‌ବିର ଚେୟାରମ୍ୟାନ୍ ଓ ଏହାର ସଦସ୍ୟଙ୍କୁ ନିଯୁକ୍ତ କରିବେ। ଏହି ନିଯୁକ୍ତି ସର୍ଚ୍ଚ-କମ୍-ସିଲେକ୍ସନ କମିଟିର ସୁପାରିସ୍ ଆଧାରରେ କରାଯିବ। ସିଲେକ୍ସନ କମିଟିରେ ଚେୟାରମ୍ୟାନ୍ ଭାବେ କ୍ୟାବିନେଟ ସଚିବ କିମ୍ବା କ୍ରୀଡ଼ା ସଚିବ ରହିବେ। ସଦସ୍ୟ ଭାବେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ନିର୍ଦ୍ଦେଶକ, ଯେକୌଣସି ଜାତୀୟ କ୍ରୀଡ଼ା ମହାସଂଘର ସଭାପତି କିମ୍ବା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ଦୁଇ କ୍ରୀଡ଼ା ପ୍ରଶାସକଙ୍କ ସହିତ ଦ୍ରୋଣାଚାର୍ଯ୍ୟ କିମ୍ବା ଖେଳରତ୍ନ କିମ୍ବା ଅର୍ଜୁନ ପୁରସ୍କାରପ୍ରାପ୍ତ ଜଣେ ବିଶିଷ୍ଟ କ୍ରୀଡ଼ାବିତ୍ ରହିବେ।


ବିଲ୍ ଉପସ୍ଥାପନ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ।

### ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ

କ୍ରୀଡ଼ା ମନ୍ତ୍ରଣାଳୟ ମୁତାବକ, ନିର୍ବାଚନଠାରୁ ଆରମ୍ଭକରି ଚୟନ ଭଳି ୩୫୦ରୁ ଅଧିକ ମାମଲା ଦେଶର ବିଭିନ୍ନ ଅଦାଲତରେ ଚାଲିଛି, ଯାହାକି ଆଥ୍‌ଲେଟ୍ ଓ ଜାତୀୟ କ୍ରୀଡ଼ା ମହାସଂଘର ଉନ୍ନତିରେ ବାଧକ ସାଜୁଛି। ଏଭଳି ସମସ୍ୟାର ସମାଧାନ ଲାଗି ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ(ଏନ୍‌ଏସ୍‌ଟି) ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଛି। ଏଥିରେ ଜଣେ ଚେୟାରମ୍ୟାନ୍ ଓ ଦୁଇ ସଦସ୍ୟ ରହିବେ। ଟ୍ରିବ୍ୟୁନାଲର ମୁଖ୍ୟ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ହେବେ। ଏନ୍‌ଏସ୍‌ଟି ନିକଟରେ ଏକ ଦେଓ୍ୱାନୀ ଅଦାଲତର କ୍ଷମତା ରହିଛି। ଏଥିସହିତ ଜାତୀୟ ଦଳ ଲାଗି ଖେଳାଳି ଚୟନରୁ ଫେଡେରେଶନର ନିର୍ବାଚନ ସହ ଜଡ଼ିତ ବିବାଦର ସମାଧାନ କରିବାର କ୍ଷମତା ଦିଆଯାଇଛି। ଏହି ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ କେବଳ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ।

### ଜାତୀୟ ଡୋପିଂ ନିରୋଧୀ (ସଂଶୋଧିତ) ବିଲ୍ ଆଗତ

ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି(ୱାଡା) ସହ ପରାମର୍ଶ ପରେ ସଂଶୋଧନ କରାଯାଇଥିବା ଜାତୀୟ ଡୋପିଂ ନିରୋଧୀ ବିଲ୍‌କୁ କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ ବୁଧବାର ଲୋକ ସଭାରେ ଆଗତ କରିଛନ୍ତି। ଏହାର ଉଦ୍ଦେଶ୍ୟ ଦେଶର ଡୋପିଂ ନିରୋଧୀ ସଂସ୍ଥା(ନାଡା) କାର୍ଯ୍ୟକଳାପରେ ସରକାରଙ୍କ ହସ୍ତକ୍ଷେପକୁ ରୋକିବା। ଏହି ଆଇନକୁ ୨୦୨୨ରେ ପାରିତ କରାଯାଇଥିଲା। ହେଲେ ଏହାକୁ ୱାଡା ପକ୍ଷରୁ ବିରୋଧ କରାଯିବାରୁ ଏହାର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯାଇଛି। ସଂଶୋଧିତ ବିଲ୍‌ରେ ବୋର୍ଡକୁ ରଖାଯାଇଛି। କିନ୍ତୁ ଏହା ପାଖରେ ନାଡାର କାର୍ଯ୍ୟକଳାପ ତଦାରଖ କରିବା କ୍ଷମତା ରହିବ ନାହିଁ।

### ଆର୍‌ଟିଆଇ

ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ମହାସଂଘ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଅଧୀନରେ ରହିବେ। ସରକାରୀ ପାଣ୍ଠିର ଆବଶ୍ୟକତା ନ ଥିବାରୁ ବିସିସିଆଇ ଆର୍‌ଟିଆଇ ଅଧୀନରେ ରହିବାକୁ ଦୀର୍ଘବର୍ଷ ହେଲା ବିରୋଧ କରିଆସୁଛି। ହେଲେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିବାରୁ ବିସିସିଆଇକୁ ମଧ୍ୟ ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନ ଅଧୀନରେ ରହିବାକୁ ପଡ଼ିବ ଏବଂ ସମସ୍ତ ଆଇନ ପାଳନ କରିବାକୁ ହେବ।

### ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ (ଏନ୍‌ଏସ୍‌ଇପି)

ଏହି ବିଲ୍‌ରେ ଏକ ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ(ଏନ୍‌ଏସ୍‌ଇପି) ଗଠନ କରିବାକୁ ପ୍ରସ୍ତାବ ରହିଛି। ଏଥିରେ ଏନ୍‌ଏସ୍‌ବିର ସୁପାରିସ୍‌କ୍ରମେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) କିମ୍ବା ରାଜ୍ୟ ନିର୍ବାଚନ କମିଶନର ପୂର୍ବତନ ସଦସ୍ୟ କିମ୍ବା ରାଜ୍ୟର ପୂର୍ବତନ ମୁଖ୍ୟ ନିର୍ବାଚନ ଅଧିକାରୀ କିମ୍ବା ଡେପୁଟି ଇଲେକ୍ସନ କମିଶନରଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିବେ। ସେମାନେ ସମସ୍ତ ଜାତୀୟ ମହାସଂଘର କାର୍ଯ୍ୟକାରୀ ପରିଷଦ ଏବଂ ଜାତୀୟ କ୍ରୀଡ଼ାର ଆଥଲେଟ୍ କମିଟିର ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବେ।

### ସରକାରଙ୍କ ଇଚ୍ଛାଧୀନ କ୍ଷମତା

'ଇଣ୍ଡିଆ' କିମ୍ବା 'ଇଣ୍ଡିଆନ୍' କିମ୍ବା ନ୍ୟାଶନାଲ କିମ୍ବା କୌଣସି ଜାତୀୟ ପ୍ରତୀକ ବ୍ୟବହାର କରିବା ଲାଗି କ୍ରୀଡ଼ା ମହାସଂଘକୁ କେନ୍ଦ୍ର ସରକାରଙ୍କଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ନେବାକୁ ପଡ଼ିବ। କେନ୍ଦ୍ର ସରକାର ଯଦି ତାହାକୁ ସାଧାରଣ ସ୍ୱାର୍ଥ ପାଇଁ ଆବଶ୍ୟକ ବୋଲି ମନେକରନ୍ତି, ତେବେ ଏନ୍‌ଓସି ଦେବେ। ଯଦି ସରକାର ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ପ୍ରସ୍ତାବିତ କୌଣସି ଅଧିନିୟମକୁ ବାଦ୍ ଦେବାକୁ ଚାହାନ୍ତି, ତେବେ ମଧ୍ୟ ଦେଇପାରିବେ। ଅସାଧାରଣ ପରିସ୍ଥିତିରେ କୌଣସି ଜାତୀୟ ଦଳର ଭାଗନେବା ଉପରେ କଟକଣା ଲଗାଇବା କ୍ଷମତା ସରକାରଙ୍କ ନିକଟରେ ରହିବ।

## କଳାହାଣ୍ଡି ପାଇଁ ଗୌରବ ଆଣିଲେ ତୀରନ୍ଦାଜ୍ କ୍ଷୀରୋଦ



କ୍ଷୀରୋଦ କୁମାର(ଡାହାଣ)।

ଭୁବନେଶ୍ୱର, ୨୩।୭(ତପନ ସ୍ୱାଇଁ)

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡ଼ା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡିର ଯୁବ ତୀରନ୍ଦାଜ୍‌ମାନଙ୍କୁ ସମର୍ଥନ କରିଆସୁଛି। ଏହି ଅଞ୍ଚଳର ଜଣେ ଯୁବ ତୀରନ୍ଦାଜ୍ କ୍ଷୀରୋଦ କୁମାର କୋଲ୍‌କାତାରେ ଅନୁଷ୍ଠିତ ସିବିଏସ୍‌ଇ ପୂର୍ବ ଜୋନାଲ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ରାଉଣ୍ଡ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି କ୍ଷୀରୋଦ ଏକାଗ୍ରତା ପ୍ରଦର୍ଶନକରି ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ଉଭା ହୋଇଛନ୍ତି। ସେ ପୂର୍ବରୁ ଜାତୀୟ ସ୍କୁଲ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଗତ ୩ ବର୍ଷ ଧରି ବେଦାନ୍ତର ତୀରନ୍ଦାଜ ତାଲିମ ପଦକ୍ଷେପ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନାର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ''କ୍ଷୀରୋଦଙ୍କ ସଫଳତା ଆମର ତୃଣମୂଳସ୍ତରରୁ ପରିବର୍ତ୍ତନକାରୀ ପ୍ରଭାବର ଏକ ବଳିଷ୍ଠ ପ୍ରମାଣ। ବେଦାନ୍ତରେ ଆମେ କ୍ରୀଡ଼ା ମାଧ୍ୟମରେ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। ଆମେ କ୍ଷୀରୋଦଙ୍କ ଉତ୍ସର୍ଗୀକୃତ ମନୋଭାବ ଏବଂ ପ୍ରତିଭା ପାଇଁ ଗର୍ବିତ। ଆଗାମୀ ଦିନରେ ଆମେ କଳାହାଣ୍ଡିରୁ ଏପରି ଆହୁରି ଅନେକ ଚାମ୍ପିୟନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।''

# ଜୟସ୍ୱାଲ, ସୁଦର୍ଶନଙ୍କ ଅର୍ଦ୍ଧଶତକ

## ଚତୁର୍ଥ ଟେଷ୍ଟ

ମାଞ୍ଚେଷ୍ଟର, ୨୩।୭

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜ୍‌ର ଚତୁର୍ଥ କ୍ରିକେଟ୍ ଟେଷ୍ଟ ବୁଧବାର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଦିବସ ଖେଳ ବେଳକୁ ୮୩ ଓଭରରେ ୪ ଉଇକେଟ ହରାଇ ୨୬୪ ରନ୍ ସଂଗ୍ରହ କରିଛି। କରୁଣ ନାୟାରଙ୍କ ସ୍ଥାନରେ ସୁଯୋଗ ପାଇଥିବା ସାଇ ସୁଦର୍ଶନ ଓ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ଅର୍ଦ୍ଧଶତକ ହାସଲ କରି ଭାରତକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଏହି ମ୍ୟାଚରେ ଭାରତ ପକ୍ଷରୁ ଅଂଶୁଲ କାମ୍ବୋଜ୍ ଡେବ୍ୟୁ କରିଥିବାବେଳେ ଦୀର୍ଘ ୮ ବର୍ଷ ପରେ ଓ ୧୦୨ ମ୍ୟାଚ ବ୍ୟବଧାନରେ ସ୍ପିନର ଲିଆମ୍ ଡସନ ଇଂଲଣ୍ଡ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ଭାରତ ପକ୍ଷରୁ ଭଲ ଆରମ୍ଭ କରିଥିଲେ। ୩୦ତମ ଓଭରରେ ରାହୁଲ ୪୬ ରନ୍‌କରି ଆଉଟ୍ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଏହି ଅବସରରେ ରାହୁଲ ଇଂଲଣ୍ଡ ମାଟିରେ ୧୦୦୦ ରନ୍ ପୂରଣ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୯୪ ରନ୍ ଯୋଗକରି ଭଲ ମୂଳଦୁଆ ପକାଇଥିଲେ। ଜୟସ୍ୱାଲ ଆତ୍ମବିଶ୍ୱାସର ସହ ବ୍ୟାଟିଂକରି ଅର୍ଦ୍ଧଶତକ ହାସଲ କରିଥିଲେ। ମଝିରେ ତାଙ୍କ ବ୍ୟାଟ୍ ଭାଙ୍ଗିବାରୁ ସେ ବଦଳାଇଥିଲେ। ତେବେ ୧୦୭ ବଲ୍‌ରୁ ବ୍ୟକ୍ତିଗତ ୫୮ ରନ୍ କରିଥିବାବେଳେ ସେ ଲିଆମ୍ ଡସନଙ୍କ ବଲ୍‌ରେ ହ୍ୟାରି ବ୍ରୁକ୍‌ଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ଅଧିନାୟକ ଶୁବମନ ଗିଲ୍ ମାତ୍ର ୧୨ ରନ୍‌ର ଯୋଗଦାନ ଦେବାକୁ ସକ୍ଷମ ହୋଇଥିଲେ। ସାଇ ସୁଦର୍ଶନ ସୁଯୋଗର ସଦ୍‌ବ୍ୟବହାର କରିଥିଲେ। ସେ କ୍ୟାରିୟରର ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିବା ସହ ସର୍ବାଧିକ ରନ ମଧ୍ୟ କରିଥିଲେ। ୧୫୧ ବଲ୍‌ରୁ ସେ ୬୧ ରନ କରିଥିବାବେଳେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଶିକାର ହୋଇଥିଲେ। ପୂର୍ବରୁ ଟେଷ୍ଟରେ ତାଙ୍କର ସର୍ବାଧିକ ସ୍କୋର ଥିଲା ୩୦ ରନ। ଦୃଢ଼ ବ୍ୟାଟିଂ କରି ଭାରତୀୟ ଇନିଂସକୁ ଆଗେଇ ନେଇଥିବା ରିଷଭ ପନ୍ତ ୪୮ ବଲ୍‌ରୁ ୩୭ ରନ କରିଥିବାବେଳେ ଦୁର୍ଭାଗ୍ୟଜନକ ଭାବେ ରିଟାୟର୍ଡ ହର୍ଟ ହୋଇଥିଲେ। କ୍ରିସ୍ ୱୋକ୍ସଙ୍କ ଏକ ବଲ୍ ତାଙ୍କ ଡାହାଣ ପାଦକୁ ଜୋର୍‌ରେ ଆଘାତ ଦେଇଥିଲା। ଷ୍ଟମ୍ପ୍ସ ବେଳକୁ ଦୁଇ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଶାର୍ଦ୍ଦୁଳ ଠାକୁର ୧୯ ରନ ଲେଖାଏ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷର ବେନ୍ ଷ୍ଟୋକ୍ସ ୨ଟି ଏବଂ କ୍ରିସ୍ ୱୋକ୍ସ ଓ ଲିଆମ ଡସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଟିମ୍ ଇଣ୍ଡିଆ ଟେଷ୍ଟ କ୍ୟାପ୍ ପରିଧାନ କରୁଛନ୍ତି ଅଂଶୁଲ କାମ୍ବୋଜ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୬୪/୪ (ସାଇ ସୁଦର୍ଶନ-୬୧, ଯଶସ୍ୱୀ ଜୟସ୍ୱାଲ-୫୮, ଲୋକେଶ ରାହୁଲ-୪୬, ରିଷଭ ପନ୍ତ-୩୭ (ରିଟାୟର୍ଡ ହର୍ଟ), ବେନ୍ ଷ୍ଟୋକ୍ସ-୨/୪୭, କ୍ରିସ୍ ୱୋକ୍ସ-୧/୪୩, ଲିଆମ ଡସନ-୧/୪୫)।

### ପନ୍ତ ରିଟାୟର୍ଡ ହର୍ଟ

୬୮ତମ ଓଭରରେ ବୋଲିଂ କରିଥିବା କ୍ରିସ୍ ୱୋକ୍ସଙ୍କ ଏକ ୟର୍କର ଲେନ୍ଥ ବଲ୍‌କୁ ରିଭର୍ସ ସୁଇପ୍ ଖେଳିବାକୁ ଯାଇ ରିଷଭ ପନ୍ତ ଗୁରୁତର ଆହତ ହୋଇଥିଲେ। ବଲ୍ ଖୁବ୍ ଜୋରରେ ବାଜିଥିବାରୁ ଡାହାଣ ଗୋଡ଼ ଗୋଡ଼ ଫୁଲି ଯାଇଥିଲା। କିଛି ରକ୍ତ ମଧ୍ୟ ବାହାରିଥିଲା। ଫିଜିଓ ଆସି ତାଙ୍କୁ ଚିକିତ୍ସା କରିଥିଲେ। ଫିଜିଓଙ୍କ କାନ୍ଧରେ ହାତରଖି ପନ୍ତ ଗୋଟିଏ ଗୋଡ଼ରେ ଡେଇଁଡେଇଁ ଯିବାକୁ ଚେଷ୍ଟା କରିଥିଲେ। ମାତ୍ର ସମ୍ଭବ ହୋଇ ନ ଥିଲା। ଫଳରେ ବ୍ୟାଟେରି ଗାଡ଼ିରେ ପଡ଼ିଆ ବାହାରକୁ ଆସିଥିଲେ। ସେ ୪୮ ବଲ୍‌ରୁ ୩୭ ରନକରି ରିଟାୟର୍ଡ ହର୍ଟ ହୋଇଥିଲେ।



ପ୍ରଥମ ଦିବସ ବ୍ୟାଟିଂ ଅବସରରେ ଯଶସ୍ୱୀ ଜୟସ୍ୱାଲଙ୍କ ବ୍ୟାଟ୍ ଭାଙ୍ଗିଥିବାବେଳେ ଅମ୍ପାୟର ରଡ୍ ଟୁକର ଚାହିଁ ରହିଛନ୍ତି।

# ଡବ୍ଲ୍ୟୁୟୁଜି ବିବାଦ: ଯୁଗ୍ମ ସମ୍ପାଦକ ଶେଖୋଁ ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୨୩।୭(ପି.ଟି.)

ଜର୍ମାନୀର ରାଇନ-ରୁହରଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ (ଡବ୍ଲ୍ୟୁୟୁଜି) ଲାଗି ଚୟନ ହେବା ପରେ ବି କିଛି ଆଥ୍‌ଲେଟ୍ ପ୍ରତିଯୋଗିତାରେ ଭାଗ ନେବାରୁ ବାଦ୍ ପଡ଼ିବା ଘଟଣାରେ ଭାରତୀୟ ୟୁନିଭର୍ସିଟି ମହାସଂଘ (ଏଆଇୟୁ) ପକ୍ଷରୁ ବୁଧବାର ପଦକ୍ଷେପ ନିଆଯାଇଛି। ଏଆଇୟୁ ପକ୍ଷରୁ ଯୁଗ୍ମ ସମ୍ପାଦକ ବଳଜିତ ସିଂ ଶେଖୋଁଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହିତ ଘଟଣାର ତଦନ୍ତ କରିବା ପାଇଁ ଏକ ୩ ଜଣିଆ ତଦନ୍ତ ପ୍ୟାନେଲ ଗଠନ କରିଛି। ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ଲାଗି ୧୨ ଜଣଙ୍କୁ ଚୟନ କରାଯାଇଥିଲା ବେଳେ ମ୍ୟାନେଜର୍ସ ବୈଠକରେ ଭାରତୀୟ ଅଧିକାରୀ ସଠିକ୍ ଭାବେ ଆଥଲେଟ୍‌ଙ୍କ ନାମ ଉଲ୍ଲେଖ କରି ନ ପାରିବାରୁ ୬ ଜଣଙ୍କୁ ପ୍ରତିଯୋଗିତାରେ ଭାଗ ନେବାକୁ ଦିଆଯାଇ ନଥିଲା। ଏହା ଜଣାପଡ଼ିବା ପରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ବିବାଦରେ ଘେରି ହୋଇଯାଇଥିଲା। ତେବେ ଏଆଇୟୁ ପକ୍ଷରୁ ଏଫ୍‌ଆଇଏସ୍‌ୟୁ ସହ ବୁଝାମଣା ପରେ ଦଳର ସମସ୍ତ ୧୨ ସଦସ୍ୟଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ରୋହନ କୁମାର, ଦର୍ଶନ ପୂଜାରୀ, ଆଦିତି ଭଟ୍ଟ, ଅଭିନାଶ ମହାନ୍ତି, ବିରାଜ କୁଭାଲେ, ଆଲିଶା ଖାନ ଆଦି ୬ ଖେଳାଳିଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବଞ୍ଚିତ ରଖାଯାଇଥିଲା। ତଦନ୍ତକାରୀ ପ୍ୟାନେଲ ପୂରା ଘଟଣାକୁ ତଦନ୍ତ କରିବ। ଏହି ପ୍ୟାନେଲ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବ। ମ୍ୟାନେଜରଙ୍କ ତ୍ରୁଟି ଲାଗି ଭାଗ ନେଇପାରି ନଥିବା ଆଥଲେଟ୍‌ଙ୍କୁ ଏଫ୍‌ଆଇଏସ୍‌ୟୁ ପକ୍ଷରୁ ପଦକ ଓ ପ୍ରମାଣ ପତ୍ର ଦିଆଯାଇଛି।

# ସୁନ୍ଦରଗଡ଼ ସେମିଫାଇନାଲରେ


ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

## ସାହାଣୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

କେନ୍ଦୁଝର, ୨୩।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଷ୍ଟାଡ଼ିୟମ ପଡ଼ିଆଠାରେ ଚାଲିଥିବା ୬୪ତମ ସାହାଣୀ କପ୍ ସିନିୟର ଆନ୍ତଃ ଜିଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଜୋନାଲ ଫାଇନାଲ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖେଳ ସୁନ୍ଦରଗଡ଼ ଓ ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ସୁନ୍ଦରଗଡ଼ ୩-୧ ଗୋଲରେ ରାଉରକେଲାରୁ ପରାସ୍ତ କରି କେନ୍ଦୁଝର ଜୋନ୍‌ରୁ ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ କେତୋଟି ନିଶ୍ଚିତ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେ ହେଁ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇପାରି ନ ଥିଲେ। ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ଭାବେ ଖେଳ ସମାପ୍ତ ହେବାରୁ ଟାଇ ବ୍ରେକ୍‌ର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ସୁନ୍ଦରଗଡ଼ର ଗୋଲ କିପର ଆକାଶ ଓରାମ ଅତି ଚମତ୍କାର ଭାବେ ୩ ଟି ପେନାଲ୍ଟି କିକ୍‌କୁ ଗୋଲ ହେବାରୁ ରକ୍ଷା କରି ସୁନ୍ଦରଗଡ଼କୁ ୩-୧ ଟାଇ ବ୍ରେକର ଗୋଲରେ ଜିତାଇବାରେ ମୁଖ୍ୟ ପୁରୋଧା ସାଜିଥିଲେ। କେନ୍ଦୁଝର ଜୋନ୍‌ରୁ ସୁନ୍ଦରଗଡ଼ ଜିଲା ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ମୁଖ୍ୟ ଅତିଥିଭାବେ ଜିଲା ଆରକ୍ଷୀ ଅଧିକ୍ଷକ ତଥା କେନ୍ଦୁଝର ଜିଲା କ୍ରୀଡା ସଂସ୍ଥା ଉପ ସଭାପତି ନୀତିନ କୁଶଲକର ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲା କ୍ରୀଡ଼ା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନ୍‌ସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, , ସନାତନ ବେହେରା, ସନ୍ଦୀପ ବେହେରା, ଗିରୀଶ ଚନ୍ଦ୍ର ହୋତା, ବୀରେନ୍ଦ୍ର ମହାନ୍ତ, ଦିଲ୍ଲୀପ ପଣ୍ଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଞ୍ଚାସିନ ଥିଲେ। ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଲାଇନରେ ଉତ୍କଳମଣି ବେହେରା ଓ ଶୁଭମ ପାତ୍ର ସହାୟତା କରିଥିଲେ। ଚକ୍ରଧର ଚାଟାର ଚତୁର୍ଥ ରେଫରୀ ଥିଲେ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ୍ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ଓ ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ

(କ୍ୱାର୍ଟର ଫାଇନାଲ)

**କେନ୍ଦ୍ରାପଡ଼ା**
କଟକ-୫, ଝାରସୁଗୁଡ଼ା-୦

**ବ୍ରହ୍ମପୁର**
କୋରାପୁଟ-୨, ଭୁବନେଶ୍ୱର-୧

**ବୌଦ୍ଧ**
(ଲିଗ୍ ମ୍ୟାଚ)
ବରଗଡ଼-୫, ନୟାଗଡ଼-୦
ଦେବଗଡ଼-୧, କଳାହାଣ୍ଡି-୦

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ